**ଧନୁ** — କର୍ମକ୍ଷେତ୍ରରେ କଲ୍ୟାଣମୂଳକ କାମକରି ପ୍ରଶଂସିତ ହେବେ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ନିଜ ନିଜ ମଧରେ ସାମୟିକ କଳହ ଦେଖାଦେଇପାରେ। ଆନୁଷ୍ଠାନିକ କାମ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ଉଦ୍ଦେଶ୍ୟମୂଳକ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** — ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ଶ୍ରବଣା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ।

**କୁମ୍ଭ** — ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଲାଭକରି କାମ ସମ୍ପନ୍ନ କରିପାରିବେ। କୌଣସି ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ ନେଇ କଳହ ଲାଗିପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ, ଯୋଗାଯୋଗ ଏବଂ ଆଲୋଚନା କ୍ଷେତ୍ରରେ କିଛି ଅସୁବିଧା ହେବନାହିଁ।

**ମୀନ** — କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସମ୍ପର୍କରେ ଅବନତି ଘଟିପାରେ। ଭଲ ସମ୍ପର୍କ ନ ଥିବା କାରଣରୁ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗି ରହିବ। ଉତ୍ତରଭାଦ୍ରପଦ ନକ୍ଷତ୍ର କେତେକ କ୍ଷେତ୍ରରେ ଜିଦ୍‌ଖୋର କାରଣରୁ ହଇରାଣ ହୋଇପାରନ୍ତି।

ଆଜି ଅଗଷ୍ଟ ୧୨ ତାରିଖ, ବିଶ୍ୱ ଯୁବଦିବସ, ଜାତୀୟ ଗ୍ରନ୍ଥାଗାରିକ ଦିବସ, ଭାଦ୍ରବ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର- ଦିବା ଘ.୧୧।୫୧ ମି. ପର୍ଯ୍ୟନ୍ତ ପୂର୍ବଭାଦ୍ରପଦ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୪୦ ଗତେ, ଘ.୧୦।୩୫ ମଧ୍ୟେ, ଘ. ୦୧।୦୭ ଗତେ, ଘ.୦୧।୨୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୨ ଗତେ, ୦୪।୩୮ ମଧ୍ୟେ ରାହୁକାଳ।

# ହାତୀ ପାଇଁ ଏକାଠି ହେବା

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ହିଂସାତ୍ମକ ଆଚରଣକୁ ନେଇ ପୃଥିବୀରେ ବିଶାଳକାୟ ଜୀବ ଆଜି ବିଲୁପ୍ତ। ଖାଦ୍ୟଶୃଙ୍ଖଳ ଓ ଅସନ୍ତୁଳିତ ପରିବେଶ ଯୋଗୁଁ ଡାଇନୋସର ଭଳି ଜୀବଙ୍କ ବଂଶ ଲୋପ ପାଇସାରିଛି। ଏସବୁ ସମସ୍ୟା ପାଇଁ ଆଜି ମଣିଷସମାଜ ଗୋଟିଏ ପରେ ଗୋଟିଏ ଜୀବକୁ ହରାଇବାରେ ଲାଗିଛି। ମଣିଷର ଆବଶ୍ୟକତାକୁ ପୂରଣ କରିବା ପାଇଁ ଜଙ୍ଗଲ ଧ୍ୱଂସ ମୁଖ୍ୟ କାରଣ ସାଜିଥିବା ବେଳେ ଦିନକୁଦିନ ହାତୀମାନଙ୍କ ସଂଖ୍ୟା କମିବାରେ ଲାଗିଛି। ହାତୀଙ୍କ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଆହ୍ୱାନ। ମାତ୍ର ହାତୀ ସୁରକ୍ଷାକୁ ନେଇ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ରାଜ୍ୟର ବୃହତ୍ ଜାତୀୟ ଅଭୟାରଣ୍ୟରେ ହାତୀମୃତ୍ୟୁ ଉଦ୍‌ବେଗଜନକ ସ୍ଥିତିରେ ରହିଛି। ହାତୀ-ମଣିଷ ଲଢ଼େଇରେ ଉଭୟଙ୍କ ଜୀବନ ଯାଉଥିବା ବେଳେ ସଚେତନତା, ସୁଚିନ୍ତିତ ପଦକ୍ଷେପ ଓ ଆବଶ୍ୟକତାକୁ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ଶିମିଳିପାଳ ଜାତୀୟ ଉଦ୍ୟାନରେ ବ୍ୟାଘ୍ର ସଂରକ୍ଷଣ ଓ ହସ୍ତୀ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରତିବର୍ଷ ଝାଡ଼ଖଣ୍ଡୀ ହାତୀ ଜିଲା ସୀମାନ୍ତରେ ପ୍ରବେଶ କରି ବର୍ଷ ବର୍ଷ ଧରି ସଂରକ୍ଷିତ ଓ ଗ୍ରାମ୍ୟ ଜଙ୍ଗଲରେ ରହୁଛନ୍ତି। ଖାଦ୍ୟାଭାବ ଏହାର ମୁଖ୍ୟ କାରଣ ବୋଲି ପ୍ରାଣୀପ୍ରେମୀମାନେ ପ୍ରକାଶ କରୁଥିବା ବେଳେ ଏଥିପ୍ରତି ବିଭାଗୀୟ ତତ୍ପରତାର ଆବଶ୍ୟକତା ରହିଛି। ସେହିପରି ଶିମିଳିପାଳ ହାତୀ ମଧ୍ୟ ଅନୁରୂପ ଭାବେ ଗାଁ ଓ ସହରମୁହାଁ ହୋଇ ଚଳପ୍ରଚଳ କରୁଛନ୍ତି। ବିଦ୍ୟୁତ୍, ରେଳ୍‌ବାଇ ଏବଂ ବନ ବିଭାଗର ଅବହେଳା ପାଇଁ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି। ଚଳିତବର୍ଷ ହାତୀ ଗଣନା ଅନୁଯାୟୀ ବାରିପଦା ସର୍କଲର ୭ଟି ବନଖଣ୍ଡରେ ସମୁଦାୟ ୩୮୪ ହାତୀ ରହିଥିବା ବେଳେ ଗତବର୍ଷ ତୁଳନାରେ ୪୭ କମିଛନ୍ତି। ୨୦୧୭ ହାତୀଗଣନା ଅନୁଯାୟୀ ଏଠାରେ ୬୪୩ ହାତୀ ଥିବାବେଳେ ଏବେ ସେହି ସଂଖ୍ୟାରେ ୨୫୯ କମିଥିବା ଜଣାପଡିଛି। ବିଗତ ୫ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ୨୯ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦ରୁ ଊର୍ଦ୍ଧ୍ୱ ମଣିଷଙ୍କ ଜୀବନ ଯାଇଛି। ଏମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆନଗଲେ ପରିବେଶ ଅସନ୍ତୁଳିତ ହେବା ସହ ଜୀବଜଗତ ତିଷ୍ଠି ରହିବା କଷ୍ଟକର ହୋଇପଡ଼ିବ। ତେବେ ହାତୀଙ୍କ ସୁରକ୍ଷା ପାଇଁ ଏକାଠି ହେବା ନିତାନ୍ତ ଜରୁରୀ।


ସଂଯୁକ୍ତା ବସା


ଭାନୁମିତ୍ର ଆଚାର୍ଯ୍ୟ

ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗରୁ ପ୍ରସ୍ତୁତ ସୌଖୀନ ସାମଗ୍ରୀ ବ୍ୟବହାରକୁ ରୋକିବା, ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ ଜୀବଜନ୍ତୁଙ୍କ ପ୍ରତି ସଦୟଭାବ ଗ୍ରହଣ କରିବା ସହିତ ବ୍ୟାପକ ଜଙ୍ଗଲ ସୃଷ୍ଟି ମାଧ୍ୟମରେ ବିଲୁପ୍ତପ୍ରାୟ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦିଆଯାଇପାରିବ। ସେହିପରି ଖାଦ୍ୟପେୟର ସୁବ୍ୟବସ୍ଥା ଓ ଶିକାରୀଙ୍କ ପାଇଁ କଡ଼ା ଆଇନ ପ୍ରଣୟନ କରାଗଲେ ହାତୀମୃତ୍ୟୁକୁ ରୋକାଯାଇ ପାରିବ। ଅନ୍ୟପକ୍ଷରେ ହାତୀଙ୍କ ପାଇଁ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରାଗଲେ ଉଭୟ ମଣିଷ ଓ ହାତୀ ସୁରକ୍ଷିତ ରହିପାରିବେ।

ପରିବେଶବିତ୍ ସଂଯୁକ୍ତା ବସା କହନ୍ତି, ଆଜି ବିଶ୍ୱ ହସ୍ତୀ ଦିବସ। ସମସ୍ତଙ୍କ ପାଇଁ ସଙ୍କଳ୍ପର ଦିବସ। ନିର୍ଜୀବ ହାତୀକୁ ଲୋକେ ପୂଜା କରନ୍ତି, ମାତ୍ର ସଜୀବକୁ ମାରିବାକୁ ଗୋଡ଼ାଇଥାନ୍ତି। ମନୁଷ୍ୟର ହିଂସାତ୍ମକ ଆଚରଣ ପାଇଁ ବିଶାଳକାୟ ଜୀବମାନେ ଏବେ ଅସୁରକ୍ଷିତ ହୋଇପଡିଛନ୍ତି। ହାତୀଙ୍କୁ ସୁରକ୍ଷା ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନାର ଆବଶ୍ୟକତା ରହିଛି। ମଣିଷମାନଙ୍କ ପାଇଁ ନିର୍ମାଣ ହେଉଥିବା କଳକାରଖାନା, ସହରୀକରଣ, ଖଣିଖନନ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଜଙ୍ଗଲ ଧ୍ୱଂସ ହେଉଛି। ଫଳରେ ହାତୀପଲ ବାସସ୍ଥାନ ହରାଇବା ସହିତ ଜନବସତି ଉପରେ ଆକ୍ରମଣ କରୁଛନ୍ତି। ଜବରଦଖଲ ଉଚ୍ଛେଦ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରିବା ସହିତ ଖାଦ୍ୟପେୟର ସୁବନ୍ଦୋବସ୍ତ କରାଗଲେ ହାତୀଙ୍କୁ ସୁରକ୍ଷା ଦିଆଯାଇପାରିବ।

–ରିପୋର୍ଟ: ନୀଳାଦ୍ରି ବିହାରୀ , ଦଣ୍ଡପାଟ, ବାରିପଦା



## ହାତୀ ସୁରକ୍ଷା ...

### ସକ୍ରିୟ ପରିଚାଳନା ଜରୁରୀ



ହାତୀମାନଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟା ହେଉଛି ବାସସ୍ଥାନ ସଙ୍କୋଚନ, ଦୁର୍ବଳ ପରିଚାଳନା, ଗବେଷଣାର ଅଭାବ, ପର୍ଯ୍ୟାପ୍ତ ପାଣି, ଖାଦ୍ୟ ଅଭାବ, ରେଳ ଦୁର୍ଘଟଣା ଏବଂ ସଙ୍କୁଚିତ କରିଡର, ଯାହା ସ୍ୱଟ(swot)ବିଶ୍ଳେଷଣ ମାଧ୍ୟମରେ ଚିହ୍ନଟ କରାଯିବା ଦରକାର। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ରେଳବାଡ଼ ଦେବା, ଟ୍ରେଞ୍ଚ ପୁନରୁଦ୍ଧାର, ପଥର କାନ୍ଥ ନିର୍ମାଣ, ସଂରକ୍ଷଣ ଭିତରେ ବାର୍ଡ଼ଶେରୋପଣ, ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା ଏବଂ ଜଙ୍ଗଲ ଆଖପାଖ ସମ୍ପ୍ରଦାୟକୁ ରାତି ଟର୍ଚ୍ଚ ଯୋଗାଣ ଭଳି ସମନ୍ୱିତ ପଦକ୍ଷେପ ଆବଶ୍ୟକ। ବିକଳ୍ପ ଜୀବିକାକୁ ପ୍ରୋତ୍ସାହିତ କରିବା ଦ୍ୱାରା ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ମାଇଗ୍ରେସନ୍ ସମୟରେ ଡ୍ରୋନ୍ ଦ୍ୱାରା ନଜର ରଖିବା ଏବଂ ରେଳ ଧକ୍କାରେ ମୃତ୍ୟୁକୁ ରୋକିବା ପାଇଁ ସକ୍ରିୟ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବନ ବିଭାଗ ଓ ସମ୍ପ୍ରଦାୟ ମଧ୍ୟରେ ସମ୍ମିଳିତ ପ୍ରୟାସ ସ୍ୱରୂପ ଦୀର୍ଘକାଳୀନ ହାତୀ ସଂରକ୍ଷଣ ଏବଂ ସୁ-ସମନ୍ୱିତ ମଣିଷ-ହାତୀ ସହାବସ୍ଥାନ ସୁନିଶ୍ଚିତ କରିପାରିବ।

–ଡ. ବିଶ୍ୱଜିତ୍ ପଣ୍ଡା, ଫାଉଣ୍ଡର, ବିକାଶ ସାଥୀ, ବାଲେଶ୍ୱର

### ଚିହ୍ନଟ ୧୪ ହାତୀ କରିଡରକୁ ସ୍ୱୀକୃତି ପ୍ରଦାନ କରାଯାଉ



ଦୈନିକ ୧୮ ଘଣ୍ଟା ଚରାବୁଲା କରି ୨୦୦ କିଲୋଗ୍ରାମ ଖାଦ୍ୟ ଓ ୨୦୦ ଲିଟର ପାଣି ପିଉଥିବା ହାତୀ ଭଳି ଏକ ବିଶାଳକାୟ ଜୀବ ସୀମିତ ଜଙ୍ଗଲରେ ବସବାସ କରିବା ଅସମ୍ଭବ। ତେଣୁ ହାତୀକୁ ସୀମିତ ଜଙ୍ଗଲରେ ରହିବାକୁ ବାଧ୍ୟ କରାଗଲେ ହାତୀ-ମଣିଷ ଲଢ଼େଇ ବଢ଼ିବା ଏବଂ ହାତୀ ମୃତ୍ୟୁ ସଂଖ୍ୟା ବଢ଼ିବା ସ୍ୱାଭାବିକ। ବ୍ୟାପକ ଖଣିଖନନ ଓ ବିଭିନ୍ନ ମାନବବାଦୀ ନିର୍ମାଣାଧୀନ କାର୍ଯ୍ୟକଳାପ ଯୋଗୁ ଓଡ଼ିଶାରେ ହାତୀ ଚଲାପଥ (କରିଡର) ବର୍ତ୍ତମାନ ଧ୍ୱଂସ ପଥରେ ଅଗ୍ରସର। ଅନୁଗୋଳ ଜିଲାରେ ହାତୀଙ୍କ ପାରମ୍ପରିକ ଚଲାପଥରେ କୋଇଲା ଖଣି, କେନାଲ, ଷ୍ଟିଲ ପ୍ଲାଣ୍ଟ, ଚଉଡା ଜାତୀୟ ରାଜପଥ ଏବଂ ନୂତନ ରେଳପଥ ନିର୍ମାଣ ହେଉଛି। ଫଳରେ ଏଠାକାର ହାତୀ ବାହାର ଜିଲାର ବଡବଡ ଜଙ୍ଗଲକୁ ଯାଇ ନ ପାରି ଏକ ପ୍ରକାର ବନ୍ଦୀ ହୋଇ ରହୁଛନ୍ତି। ପରିଣାମସ୍ୱରୂପ ହାତୀ-ମଣିଷ ବିବାଦ ଉଗ୍ର ହେଉଛି। ୨୦୧୦ରୁ ରାଜ୍ୟରେ ୧୪ଟି କରିଡର ଚିହ୍ନଟ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ଯାଏ ସରକାର ସ୍ୱୀକୃତି ଦେଇନାହାନ୍ତି। ସେହିଭଳି ସ୍ୱୀକୃତିମିଳିନଥିବା ଅନୁଗୋଳ ଜିଲାର ୨ଟି ହାତୀ କରିଡରରେ ବିଭିନ୍ନ ଶିଳ୍ପ ଓ ନିର୍ମାଣ ବଢ଼ି ଚାଲିଛି। ଫଳରେ ଅନୁଗୋଳ ଜିଲାର ବନ୍ତଲା, ମହାବଳପୁର ଓ ମନ୍ଦରଗିରି ଅଞ୍ଚଳରେ ବର୍ଷସାରା ହାତୀ-ମଣିଷ ବିବାଦ ଦେଖାଦେଉଛି। ହାତୀଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ତୁରନ୍ତ ଚିହ୍ନଟ ହୋଇଥିବା ହାତୀ କରିଡରକୁ ସ୍ୱୀକୃତି ପ୍ରଦାନ କରିବା ଆବଶ୍ୟକ।

–ସିଦ୍ଧାର୍ଥ ପ୍ରଧାନ, ବନ୍ୟପ୍ରାଣୀ ପ୍ରେମୀ, ଅନୁଗୋଳ

## ସାତକୋଶିଆ ରେଞ୍ଜରେ ମାଈହାତୀ ମୃତ

ଠାକୁରମୁଣ୍ଡା,୧୧।୮(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ସାତକୋଶିଆ ରେଞ୍ଜ ବେଣ୍ଟୁଆଦର ଜଙ୍ଗଲରେ ଏକ ମାଈହାତୀର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଅସୁସ୍ଥ ଯୋଗୁ କିମ୍ବା ପୂର୍ବରୁ ତା'ର ମୃତ୍ୟୁ ଘଟିଛି ଓ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି। ସୂଚନା ଅନୁଯାୟୀ, ରବିବାର କମ୍ପାର୍ଟମେଣ୍ଟ ନଂ.୧୯ ଭାଲିଆଡାଳ ଗ୍ରାମପଞ୍ଚାୟତ ବେଣ୍ଟୁଆର ସାହି ଜଙ୍ଗଲ ଭିତରେ ଏକ ହାତୀ ବିଚରଣ କରି ନ ପାରି ଗୋଟିଏ ସ୍ଥାନରେ ଛିଡ଼ା ହୋଇଥିବା ସ୍ଥାନୀୟ ଲୋକେ ଦେଖି ରାତିରେ ବନ ବିଭାଗକୁ ସୂଚନା ଦେଇଥିଲେ। ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତ ଓ ଅନ୍ୟ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ପାଇଁ ଉଦ୍ୟମ କରୁଥିବା ବେଳେ ହାତୀର ମୃତ୍ୟୁ ଘଟିଥିଲା। ମୃତ ହାତୀର ବୟସ ପ୍ରାୟ ୧୫ରୁ୨୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଥିବା ବନ ବିଭାଗ ସୂଚନା ଦେଇଛି।

DSPL-200



**ବାର୍ତ୍ତା**

ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ମୁଁ ଓଡ଼ିଶାର ଯୁବପିଢ଼ିଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଆମ ଯୁବପିଢ଼ି ପ୍ରଗତି, ନବସୃଜନ ଏବଂ ସାମାଜିକ ପରିବର୍ତ୍ତନର ପ୍ରମୁଖ ସ୍ତମ୍ଭ । ସୁସ୍ଥ ଯୁବପିଢ଼ି ହେଉଛନ୍ତି ଏକ ସୁନ୍ଦର ଓ ସୁରକ୍ଷିତ ଓଡ଼ିଶାର ଆଧାରଶିଳା ।

ଅନେକ ସମୟରେ ସଚେତନତା ଅଭାବରୁ ଯୁବବର୍ଗଙ୍କ ଭବିଷ୍ୟତ ଅସୁରକ୍ଷିତ ହୋଇଥାଏ । ଏଚ୍.ଆଇ.ଭି/ ଏଡସ୍ ଏବଂ ଅନ୍ୟ ସହ-ସଂକ୍ରମଣ ସମ୍ପର୍କରେ ସଚେତନତା ଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆଜି ଆରମ୍ଭ ହୋଇଛି । ଯୁବପିଢ଼ିଙ୍କୁ ସଚେତନ କରିବାର ଲକ୍ଷ୍ୟ ନେଇ ଓଡ଼ିଶା ମଧ୍ୟ ଏଥିରେ ସାମିଲ ହୋଇଛି ।

ଏହି କାର୍ଯ୍ୟକ୍ରମ ଆଜିଠାରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଭିଯାନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଥିବା ଯୁବବର୍ଗଙ୍କ ପାଇଁ କଲେଜ ଏବଂ ସ୍କୁଲରେ ସଚେତନତା ଶିବିରମାନ ଆୟୋଜନ କରାଯାଉଛି । ଏହି ଅଭିଯାନରେ ଏଚ୍.ଆଇ.ଭି ସମ୍ପର୍କିତ ସଚେତନତା ଓ ସୁରକ୍ଷିତ ବ୍ୟବହାର ବିଷୟରେ ସଚେତନ କରାଯିବାର ଲକ୍ଷ୍ୟ ରହିଛି । ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ ମଣ୍ଡଳ ଓ ସାମାଜିକ ସଂଗଠନମାନେ ଏଥିରେ ସକ୍ରିୟ ଭାଗ ନେବେ ବୋଲି ମୋର ଆଶା ଓ ବିଶ୍ୱାସ ।

ଏକ ସଚେତନ ଓ ସୁରକ୍ଷିତ ଯୁବପିଢ଼ି–ଏକ ଶକ୍ତିଶାଳୀ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ବାର୍ତ୍ତା**

ଯୁବପିଢ଼ି ଆମ ରାଜ୍ୟର ମେରୁଦଣ୍ଡ ଏବଂ ଏକ ସଶକ୍ତ ତଥା ସୁସ୍ଥ ଓଡ଼ିଶା ଗଠନ ପାଇଁ ସେମାନଙ୍କ ସ୍ୱାସ୍ଥ୍ୟ, ସଚେତନତା ଏବଂ ସଶକ୍ତିକରଣରେ ବିନିଯୋଗ କରିବା ଗୁରୁତ୍ୱପୂର୍ଣ୍ଣ । ଆଜି ଅନ୍ତର୍ଜାତୀୟ ଯୁବ ଦିବସ ୨୦୨୫ ଅବସରରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆରମ୍ଭ କରୁଛୁ । ଯାହା ଏଚ୍.ଆଇ.ଭି ନିରାକରଣ ଏବଂ ସୁସ୍ଥ ଆଚରଣ ଉପରେ ଯୁବ ନେତୃତ୍ୱଙ୍କ ସଚେତନତା ଉପରେ ପରିବେଶିତ ।

ଚଳିତ ବର୍ଷ ଅଗଷ୍ଟ ୧୨ରୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ଲକ୍ଷ୍ୟ ତୃଣମୂଳ ସ୍ତରରେ ସଚେତନତାକୁ ଆହୁରି ତୀବ୍ର କରିବା ଏବଂ ସଠିକ ସୂଚନା, ପରୀକ୍ଷା ଏବଂ ସମର୍ଥନ ପାଇବାକୁ ପ୍ରୋତ୍ସାହିତ କରିବା । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ସାରା ରାଜ୍ୟରେ ଖୁବ୍ ଆଦୃତ ହୋଇପାରିଥିଲା । ସମସ୍ତଙ୍କ ସହଯୋଗରେ ୪ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ଏବଂ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ସିଧାସଳଖ ସଚେତନତା ବାର୍ତ୍ତା ପହଞ୍ଚାଯାଇଥିଲା । ପଞ୍ଚାୟତ ସ୍ତରରେ ସମ୍ପୃକ୍ତି ସୁନିଶ୍ଚିତ କରିବା ପାଇଁ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନର ସଫଳ ରୂପାୟନ ପାଇଁ ଚଳିତ ବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗ ଏକାନ୍ତ କାମ୍ୟ ।

ଆସନ୍ତୁ, ଆମେ ଏକାଠି ଏକ ଏଡସ୍ ମୁକ୍ତ, ସୂଚନାପ୍ରଦ ଏବଂ ଦାୟିତ୍ୱବାନ ଓଡ଼ିଶା ଗଠନ କରିବା ।

(ଡ. ମୁକେଶ ମହାଲିଙ୍ଗ)
ମାନ୍ୟବର ମନ୍ତ୍ରୀ,
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10009/13/0052/2526

DSPL-193

NATIONAL HEALTH MISSION


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**୧୨ ଅଗଷ୍ଟ ୨୦୨୫**
**ଜାତୀୟ କୃମି ନାଶକ ଦିବସ**

କୃମି ସଂକ୍ରମିତ ହୋଇନଥିବା ପିଲାମାନେ ଅଧିକ ସ୍ୱାସ୍ଥ୍ୟବାନ ହୁଅନ୍ତି

ଜାଣନ୍ତିକି, ଆମ ଦେହରେ କୃମି କେଉଁ କୁପ୍ରଭାବ ପକାଏ ?

- ପୁଷ୍ଟିହୀନତା ଓ ରକ୍ତହୀନତା ଯୋଗୁଁ ସର୍ବଦା ଦୁର୍ବଳ ଅନୁଭବ ହୁଏ।
- ସେମାନଙ୍କର ମାନସିକ ଓ ଶାରୀରିକ ଅଭିବୃଦ୍ଧିରେ ବାଧାପ୍ରାପ୍ତ ହୁଏ।

କୃମି ନିୟନ୍ତ୍ରଣର ଉପାୟ ଅତି ସହଜ



୧-୧୯ ବର୍ଷର ସମସ୍ତ ପିଲାମାନଙ୍କୁ ସେମାନଙ୍କ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ିରେ କୃମି ନାଶକ ସିରପ୍/ ବଟିକା ଖାଇବାକୁ ଦିଆଯିବ।
ଅଣସଙ୍ଗଠିତ, ବିଦ୍ୟାଳୟ ଯାଉନଥିବା ପିଲା ଓ ପ୍ରଜନନକ୍ଷମ ମହିଳା (୨୦-୨୪ ବର୍ଷ) ମାନେ ଅଙ୍ଗନବାଡ଼ିରେ ଔଷଧ ଖାଇବେ।
ଯେଉଁ ପିଲାମାନେ ଜାତୀୟ କୃମି ନାଶକ ଦିବସରେ ଔଷଧ ଖାଇନଥିବେ, ସେମାନଙ୍କୁ ୧୯ ଅଗଷ୍ଟ ୨୦୨୫ ଦିନ ଏହି ଔଷଧ ଦିଆଯିବ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0243/2526

ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି- ତେବେ ମୁଁ ଜାଣେ ନା- ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ- ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା। -ଶ୍ରୀଅରବିନ୍ଦ

-ଅଙ୍ଗଭେଟ ତୃତୀୟା, ଶରଣ ଶେଷ



# ଗାଜା ଦଖଲ

ଦେଖାଯାଇଛି ୨୦୦୬ ପରେ ପାଲେଷ୍ଟାଇନ୍‌ର ଉଗ୍ରବାଦୀ ସଙ୍ଗଠନ ହମାସ ଓ ଇସ୍ରାଏଲ ଅନେକ ଥର ମୁହାଁମୁହିଁ ହୋଇଛନ୍ତି। ହେଲେ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସର ଅତର୍କିତ ଆକ୍ରମଣ ବଡ଼ ଧରଣର ହୋଇଥିଲା। ଏଥିରେ ୧,୧୯୫ ଇସ୍ରାଏଲ ନାଗରିକଙ୍କୁ ହମାସ ହତ୍ୟା କରିବା ସହ ୨୫୧ ଜଣଙ୍କୁ ପଣବନ୍ଦୀ କରି ରଖିବା ଯୋଗୁ ଇସ୍ରାଏଲ ଗାଜା ଉପରେ ପ୍ରତି ଆକ୍ରମଣ କରିଥିଲା। ଏହି ଯୁଦ୍ଧକୁ ଆଉ ଦୁଇ ମାସ ପରେ ୨ ବର୍ଷ ପୂରିଯିବ। ୧ ଅଗଷ୍ଟ, ୨୦୨୫ ସୁଦ୍ଧା ପାଖାପାଖି ୭୫ ହଜାର ୬୦୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହେବା ସହ ୧,୫୨,୦୦୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ପ୍ରାୟ ଅଧା ଦେଉଛନ୍ତି ମହିଳା ଓ ଶିଶୁ। ଅପରପଟେ ଏହି ଯୁଦ୍ଧରେ ୨,୦୦୦ରୁ ଅଧିକ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଛି। ଏହାମଧ୍ୟରେ ନଭେମ୍ବର ୨୦୨୩ ଓ ଜାନୁଆରୀ ୨୦୨୪ରେ ଦୁଇଥର ସାମୟିକ ଭାବେ ଯୁଦ୍ଧବିରତି ହୋଇଥିଲେ ମଧ୍ୟ ଯୁଦ୍ଧାବସାନର ଆଭାସ ମିଳୁନାହିଁ। ଏଭଳି ସ୍ଥିତିରେ ନିକଟରେ ଗାଜାକୁ ସମ୍ପୂର୍ଣ୍ଣ ଦଖଲ କରିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଯୋଜନା କରିଛନ୍ତି। ତାଙ୍କର ଏପରି ନିଷ୍ପତ୍ତିକୁ ଇସ୍ରାଏଲର ସୁରକ୍ଷା କ୍ୟାବିନେଟ ମଞ୍ଜୁରୀ ଦେଇସାରିଥିବାବେଳେ ପୂର୍ଣ୍ଣ କ୍ୟାବିନେଟ ଏହାକୁ ସ୍ୱୀକୃତି ପ୍ରଦାନ କରିପାରେ ବୋଲି କୁହାଯାଉଛି। ଦେଖାଗଲାଣି ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ(ଆଇଡିଏଫ୍) ଏବେ ସୁଦ୍ଧା ଗାଜାର ୭୫ ପ୍ରତିଶତ ଦଖଲ କରିଥିବାବେଳେ ଆଉ ବାକି ୨୫% ଅକ୍ତିଆର କରିବା ପାଇଁ ନେତାନ୍ୟାହୁ ଯୋଜନା କରିଛନ୍ତି। ଇତିମଧ୍ୟରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଇସ୍ରାଏଲ ନାଗରିକ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରି ପଣବନ୍ଦୀଙ୍କୁ ମୁକ୍ତ କରିବା ସକାଶେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ହେଲେ ନେତାନ୍ୟାହୁଙ୍କ ଯୁକ୍ତି ହେଲା ଆକ୍ରମଣ ଜୋରଦାର ହେଲେ ପଣବନ୍ଦୀଙ୍କୁ ଶୀଘ୍ର ମୁକ୍ତ କରିବା ସମ୍ଭବ ହେବ। ଅନ୍ୟପକ୍ଷରେ ଆକ୍ରମଣ ଜୋରଦାର କରାଗଲେ ତାହା ପଣବନ୍ଦୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହ ମାନବୀୟ ସଙ୍କଟ ଓ ବିସ୍ଥାପନ ବଢ଼ିବ ବୋଲି ଜର୍ମାନୀ, ଫ୍ରାନ୍ସ ଓ ଇଂଲଣ୍ଡ ମିଳିତ ବିବୃତିରେ କହିଲେଣି। ଗାଜାକୁ ସମ୍ପୂର୍ଣ୍ଣ ଦଖଲ କରି ଇସ୍ରାଏଲ ସହ ମିଶାଇବା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି।

**ଉଗ୍ରବାଦକୁ ଦମନ କରିବାକୁ ହେଲେ ସାଧାରଣ ଲୋକ କ୍ଷତିଗ୍ରସ୍ତ ହେବା ସ୍ୱାଭାବିକ। ପୃଥିବୀର ସଭ୍ୟ ସମାଜକୁ ଏହି ବିଷୟରେ ଚିନ୍ତା କରି ନିଷ୍ପତ୍ତି ନେବାକୁ ହେବ। କୌଣସି ସଭ୍ୟ ସମାଜ ଉଗ୍ରବାଦକୁ କଦାପି ସମର୍ଥନ ଦେବା ଅନୁଚିତ।**

ଖବର ମିଳୁଛି ଏବେସୁଦ୍ଧା ଗାଜାରେ ୧୯ ଲକ୍ଷ ଲୋକ ବିସ୍ଥାପିତ ହୋଇସାରିଲେଣି। ଏହି ଯୁଦ୍ଧ ଏବେ ଗଣହତ୍ୟାର ରୂପ ନେଇଛି ବୋଲି ଇସ୍ରାଏଲ ମାନବ ଅଧିକାର ସଙ୍ଗଠନଠାରୁ ଆରମ୍ଭ କରି ବହୁ ଅନ୍ତର୍ଜାତୀୟ ମାନବ ଅଧିକାର ସଙ୍ଗଠନ ଓ ଗଣହତ୍ୟା ଉପରେ ଅନୁଧ୍ୟାନ କରୁଥିବା ବିଶେଷଜ୍ଞ ମତ ଦେଉଛନ୍ତି। ଏହା ଉପରେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ) ଉଦ୍‌ବେଗ ପ୍ରକାଶ କରିବା ପରେ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ(ଆଇସିସି) ନେତାନ୍ୟାହୁ ଓ ପୂର୍ବତନ ସେନାଧିକାରୀ ତଥା ପ୍ରତିରକ୍ଷା ମନ୍ତ୍ରୀ ୟୋଭ ଗାଲାଣ୍ଟଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛି। ଏହା ବାସ୍ତବରେ ଗାଜାର ଗଣହତ୍ୟା ସ୍ଥିତିକୁ ଉଜାଗର କରୁଛି। ଏତଦ୍‌ବ୍ୟତୀତ ଯୁଦ୍ଧ ଆରମ୍ଭରୁ ସ୍କୁଲ, ହସ୍ପିଟାଲ ଓ ଆଶ୍ରୟସ୍ଥଳୀଗୁଡ଼ିକୁ ଇସ୍ରାଏଲ ଛାଡ଼ିନାହିଁ। ଏବେ କିଛି ମାସ ହେଲା ସହାୟତା କେନ୍ଦ୍ରଗୁଡ଼ିକରେ ଇସ୍ରାଏଲ ଆକ୍ରମଣ କରି ଗାଜାର ଲୋକଙ୍କୁ ମାରିଦେଉଛି। ପାଲେଷ୍ଟାଇନ ଶରଣାର୍ଥୀଙ୍କ ପାଇଁ ଥିବା ଜାତିସଂଘର ସଂସ୍ଥା ତଥ୍ୟ ଅନୁଯାୟୀ ଚଳିତ ବର୍ଷ ମେ'ଠାରୁ ଏହିଭଳି ଭାବେ ଏଯାବତ ପାଖାପାଖି ୮୦୦ ଲୋକଙ୍କ ମୃତ୍ୟୁ ଘଟିଲାଣି। ଲୋକମାନେ ଭୋକିଲା ରହିବା ସହ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଶିଶୁମାନଙ୍କୁ ଶିକ୍ଷା ମିଳିପାରୁନାହିଁ ଓ ଅଧିକ ସଂଖ୍ୟାରେ ସେମାନଙ୍କ ମୃତ୍ୟୁ ହେଉଛି। ଏଭଳି ଏକ ମାନବୀୟ ସଙ୍କଟ ଓ ମାନବ ଅଧିକାରର ଉଲ୍ଲଂଘନରୁ କ୍ଷାନ୍ତ ହେବା ପାଇଁ ଦାବି କରିବା ସହ ଇସ୍ରାଏଲ ଆକ୍ରମଣ ବିରୋଧରେ ଜାତିସଂଘ ସାଧାରଣ ସଭାରେ ୧୪୯ ଦେଶ ଭୋଟ ଦେଇଛନ୍ତି। ହେଲେ ଭାରତ ସେଥିରୁ ବିରତ ରହିଛି। ଦେଖିବାକୁ ଗଲେ ଇସ୍ରାଏଲକୁ ଆମେରିକା ସମ୍ପୂର୍ଣ୍ଣ ସହଯୋଗ କରି ଏକବିଂଶ ଶତାବ୍ଦୀର ଏଭଳି ଗଣହତ୍ୟାକୁ ଉତ୍ସାହିତ କରିଚାଲିଛି। ଏବକାର ବୈଶ୍ୱିକ ଦୃଶ୍ୟପଟରେ ହମାସ, ହେଜବୋଲ୍ଲା, ହୁଟି, ଆଇଏସ୍ ଭଳି ଉଗ୍ରବାଦୀ ଗୋଷ୍ଠୀ ମାନବତା ପ୍ରତି ବିପଦ। ସେମାନଙ୍କୁ ନିୟନ୍ତ୍ରଣ କିମ୍ବା ଶକ୍ତିହୀନ କରିବା ସକାଶେ ହେଉଥିବା ପ୍ରୟାସକୁ ଦୃଷ୍ଟିରେ ରଖି ଆଲୋଚନା କଲେ ଇସ୍ରାଏଲର ସାମରିକ ପଦକ୍ଷେପକୁ ଠିକ୍ ବୋଲି କୁହାଯାଇପାରେ। କିନ୍ତୁ ଯୁଦ୍ଧ ବେଳେ କେବଳ ଉଗ୍ରବାଦୀ କିମ୍ବା ସାମରିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟି ନ ଥାଏ। ସିଧାସଳଖ ଯୁଦ୍ଧ ସହ ସମ୍ପୃକ୍ତ ନ ଥିଲେ ମଧ୍ୟ ବେସାମରିକ ଲୋକମାନେ ଏହାର ଶିକାର ହୋଇଥାଆନ୍ତି। ଏଭଳି ସ୍ଥଳେ ଅନ୍ତର୍ଜାତୀୟ ମଞ୍ଚରେ ପ୍ରଥମେ ଚିନ୍ତା କରାଯିବା ଦରକାର ଉଗ୍ରବାଦକୁ ସମର୍ଥନ ଦିଆଯିବା ନା ତାକୁ ଦମନ କରାଯିବ। ଯଦି ସମର୍ଥନ ଦିଆଯିବ ସେହିସବୁ ସଙ୍ଗଠନ ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେଉଥିବା ବେସାମରିକ ସାଧାରଣ ନାଗରିକର ସୁରକ୍ଷା ପ୍ରତି ସଚେତନ ରହିବା ଦରକାର। ଉଗ୍ରବାଦ ଭିଆଉଥିବା ଗୋଷ୍ଠୀକୁ ନିଜର କାର୍ଯ୍ୟ କରିବାକୁ ହେଲେ ସ୍ଥାନୀୟ ସାଧାରଣ ନାଗରିକଙ୍କ ସମର୍ଥନ ନିଶ୍ଚିତ ଭାବେ ଲୋଡ଼ା। ସେଥିପାଇଁ ଉଗ୍ରବାଦକୁ ଦମନ କରିବାକୁ ହେଲେ ସାଧାରଣ ଲୋକ କ୍ଷତିଗ୍ରସ୍ତ ହେବା ସ୍ୱାଭାବିକ। ପୃଥିବୀର ସଭ୍ୟ ସମାଜକୁ ଏହି ବିଷୟରେ ଚିନ୍ତା କରି ନିଷ୍ପତ୍ତି ନେବାକୁ ହେବ। କୌଣସି ସଭ୍ୟ ସମାଜ ଉଗ୍ରବାଦକୁ କଦାପି ସମର୍ଥନ ଦେବା ଅନୁଚିତ।

# କ୍ଷମତାର ଲଢ଼େଇ



ଅକ୍ଷୟ କୁମାର ମିଶ୍ର

ଶୀର୍ଷକଟି ସାର୍ବଜନୀନ ସତ୍ୟ କହିଲେ ଭୁଲ୍ ହେବ ନାହିଁ। ଏହି ଲଢ଼େଇଠାରୁ ବୋଧହୁଏ କେହି ମୁକ୍ତ ନୁହନ୍ତି। ପ୍ରାୟ ଊଣାଧିକେ ସମସ୍ତେ ଲଢ଼େଇର ମଇଦାନରେ ଅବତୀର୍ଣ୍ଣ। ସବୁଠି ଲଢ଼େଇ ଚାଲିଛି। ପୁଣି ସୀମାହୀନ। ପାହାଚ ପରେ ପାହାଚ ଚଢ଼ିବା ନିମନ୍ତେ ପଛକୁ ଠେଲିଦେଇ ଆଗକୁ ଆଗେଇ ଯିବାର ପ୍ରବଣତା ମଣିଷର ପ୍ରବୃତ୍ତି ପାଲଟି ଗଲାଣି। କ୍ଷମତାର ଲଢ଼େଇ ବେଳେ ଚିହ୍ନାମୁହଁ ସବୁ ଅଚିହ୍ନା ପାଲଟି ଯାଉଛନ୍ତି। ଆପଣାର ମଣିଷ ପର ପାଲଟି ଯାଉଛନ୍ତି। ସ୍କୁଲ, କଲେଜ, ଅଫିସ ସବୁଠି କ୍ଷମତାର ଲଢ଼େଇ। ସଂଘ, ସଂଗଠନ, ରାଜନୈତିକ ଦଳଗୁଡ଼ିକର ତ ଏହା ଅଣାୟତ୍ତ ହେବାକୁ ବସିଲାଣି।

କ୍ଷମତା ପାଇଁ ଲଢ଼େଇ ସାଧାରଣତଃ ଦୁଇ ପ୍ରକାର ହୋଇଥାଏ। ଏକ ପ୍ରକାର ଲଢ଼େଇ ଦୃଶ୍ୟମାନ। ଯେଉଁଥିରେ ସାଧାରଣ ଲୋକ ପକ୍ଷଭୁକ୍ତ ହୁଅନ୍ତି। ସେମାନେ କ୍ଷମତା ଲଢ଼େଇରେ ଜଣେ ଜଣେ ଅସଲି ସୈନିକ ସାଜନ୍ତି ଏବଂ ମତଦାନ ଜରିଆରେ କ୍ଷମତା ପ୍ରଦାନ କରନ୍ତି। ଯାହାକୁ ଆମେ ଗଣତନ୍ତ୍ରର ମହୋତ୍ସବ ବୋଲି ଧରିନେଉ। ଏହା ସରକାରୀ ବ୍ୟବସ୍ଥାର ଅଂଶବିଶେଷ। ସେଥିପାଇଁ ଦେଶର ଏକ ସ୍ୱାଧୀନ ସଂସ୍ଥା ମଧ୍ୟ ଅଛି ଯାହାକୁ ନିର୍ବାଚନ ଆୟୋଗ ବୋଲି କୁହାଯାଏ। ପଞ୍ଚାୟତଠାରୁ ପାର୍ଲାମେଣ୍ଟ ସମସ୍ତ ଦରବାର ପାଇଁ ଯେଉଁ ଚେୟାରସବୁ ଅଛି ସେଥିରେ ଉପବେଶନ ପାଇଁ ଯୋଗ୍ୟତମ ବ୍ୟକ୍ତି ଚୟନ ନିମନ୍ତେ ପ୍ରତି ପାଞ୍ଚବର୍ଷରେ ନିର୍ବାଚନ ହୁଏ। ଏହି ନିର୍ବାଚନ ରଣାଙ୍ଗନରେ ଲଢ଼େଇ ପାଇଁ ଯେଉଁମାନେ ଅବତୀର୍ଣ୍ଣ ହୁଅନ୍ତି ସେମାନେ ଯେଉଁ କଳ, କୌଶଳ, କୂଟନୀତି ପ୍ରୟୋଗ କରନ୍ତି ସେଗୁଡ଼ିକ ଏମିତି ମାରଣାସ୍ତ୍ର ଯାହା ମଣିଷ ମଣିଷ ଭିତରେ ଘୃଣା, ବିଦ୍ୱେଷ, ହିଂସା, ଶତ୍ରୁତା ଜନ୍ମ ଦିଏ। ସଂପ୍ରୀତି, ସଂହତି, ସମ୍ପର୍କ, ଧ୍ୱଂସ କରିଦିଏ। ଭାବ, ଭ୍ରାତୃତ୍ୱ, ଭାଇଚାରା ନଷ୍ଟ କରିଦିଏ। ଏହାର ପ୍ରମୁଖ କାରଣ ହେଉଛି କ୍ଷମତା ପ୍ରତି ମାତ୍ରାଧିକ ଆସକ୍ତି ଓ ଆକର୍ଷଣ। ଯେମିତି ହେଉ କଳେ ବଳେ କୌଶଳେ ଲଢ଼େଇରେ ବିଜୟୀ ହେବାର ପ୍ରବଣତା ମଣିଷକୁ ବିଚାରବୋଧ ଠାରୁ ଦୂରେଇ ଦେଉଛି।

ମାତ୍ର ଏହି ରଣ କୌଶଳରେ ଯେଉଁସବୁ ପନ୍ଥା ଅବଲମ୍ବନ ହେଉଛି ତାହା ଗଣତନ୍ତ୍ରର ପରିପନ୍ଥୀ, ଗଣତନ୍ତ୍ରକୁ ଦୁର୍ବଳ କରୁଛି। ପ୍ରଥମତଃ ଲଢ଼େଇ ଜିତିବା ନିମନ୍ତେ ଅପର୍ଯ୍ୟାପ୍ତ ଅର୍ଥ ବିନିଯୋଗ ହେଉଛି ବ୍ୟବସାୟରେ ପୁଞ୍ଜି ନିବେଶ କଲାଭଳି। ଜାତି, ଧର୍ମକୁ ନେଇ ଭାବପ୍ରବଣତାର ଅସ୍ତ୍ର ପ୍ରୟୋଗ ହେଉଛି ଯେଉଁଠି ଯେମିତି ଆବଶ୍ୟକ। ଏହା ପରେ 'ହାତୀ ଦେବି, ଘୋଡ଼ା ଦେବି'ର ମନଲୋଭା ପ୍ରତିଶ୍ରୁତି ଦେଇ ପ୍ରଲୁବ୍ଧ କରାଯାଉଛି ଜନତାଙ୍କୁ। କ୍ଷମତାରେ ଥିବା ବ୍ୟକ୍ତିମାନେ କ୍ଷମତାର ଅପବ୍ୟବହାର କରୁଛନ୍ତି ନିଜ କୁର୍ସିକୁ ବଜାୟ ରଖିବା ପାଇଁ। ଦେଖାଯାଉଛି ଲଢ଼େଇ ସମୟ ଯେତେ ପାଖେଇ ଆସୁଛି ସେତେ ସେତେ ମନଲୋଭା ଯୋଜନା ପ୍ରଣୟନ ହେଉଛି। ସରକାରୀ କଳ, ବଳ, ଧନର ଦୁରୁପଯୋଗ ହେଉଛି କେବଳ କ୍ଷମତାରେ ତିଷ୍ଠି ରହିବା ନିମନ୍ତେ। ଏହି ଅନୈତିକ ଲଢ଼େଇକୁ ରୋକିବା ପାଇଁ ନା ନିର୍ବାଚନ ଆୟୋଗ ପାଖରେ ଆନ୍ତରିକତା ଅଛି ନା ଜନସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି ହେଉଛି ? ସଭିଏ ସମୟ, ସମାଜ ଓ ବ୍ୟବସ୍ଥା ଉପରେ ଦୋଷ ଦେଉଛନ୍ତି।

ଆଉ ଏକ ପ୍ରକାର କ୍ଷମତାର ଲଢ଼େଇ ଆମେ ଦେଖିବାକୁ ପାଉଛୁ ଯାହା ପୂର୍ବୋକ୍ତ ଲଢ଼େଇଠାରୁ ଆହୁରି କ୍ଷତିକାରକ ଓ ମାରାତ୍ମକ। ଅଣ୍ଟି ଛୁରି ତଣ୍ଟି କାଟିଲା ଭଳି ଏହା ଭିତରେ ଭିତରେ ଚାଲିଥାଏ। ଏହି ଲଢ଼େଇ ସହିତ ସାଧାରଣ ଲୋକଙ୍କର କୌଣସି ସମ୍ପର୍କ ନ ଥାଏ। କିନ୍ତୁ ଏହା ସେମାନଙ୍କୁ ସଂକ୍ରମିତ କରେ। ସେମାନଙ୍କ ମଧ୍ୟରେ ବିଭାଜନର ବିଷ ମଞ୍ଜି ବୁଣେ। ଉଚ୍ଚ ପଦବୀରେ ଅଧିଷ୍ଠିତ ହେବା ପାଇଁ ଏହି ଲଢ଼େଇ ଚାଲେ ନିଜ ନିଜ ଭିତରେ। ପଦ ପଦବୀର ମୋହ, କ୍ଷମତାର ଲାଳସା ନିକଟରେ ବନ୍ଧୁତା ଶତ୍ରୁତାରେ ରୂପାନ୍ତରିତ ହୋଇଯାଏ। ପ୍ରଥମେ ଏହା ମତାନ୍ତର ବୋଲି କୁହାଯାଏ। କିନ୍ତୁ ପରବର୍ତ୍ତୀ ସମୟରେ ଏହା ମନାନ୍ତରରେ ପରିଣତ ହୁଏ। ଏହି ଲଢ଼େଇ ଦେଖିବାକୁ ମିଳେ ବିଭିନ୍ନ ସଂଘ, ସଂଗଠନ, ରାଜନୈତିକ ଦଳ ଭିତରେ। ଏହି ଆଭ୍ୟନ୍ତରୀଣ କନ୍ଦଳ ସଂଗଠନର ସଂହତିକୁ ନଷ୍ଟ କରିଦିଏ, କ୍ଷୁଣ୍ଣ କରିଦିଏ ରାଜନୈତିକ ଦଳର ପତିଆରା।



ଆମେ ଯଦି ରାଜନୈତିକ ଦଳଗୁଡ଼ିକୁ ବିଚାରକୁ ନେବା ତେବେ ସେଥିରେ ଏହି ପ୍ରକାର ଲଢ଼େଇ ବେଳେ ବେଳେ ଉତ୍କଟ ରୂପ ଧାରଣ କରେ। କେବଳ ବାମପନ୍ଥୀ ଦଳଗୁଡ଼ିକରେ ନେତୃତ୍ୱ ଚୟନ ବେଳେ ସେମିତି କିଛି ବଡ଼ ଧରଣର ସମସ୍ୟା ଉପୁଜୁ ନ ଥିଲେ ମଧ୍ୟ ସାମୟିକ ଦ୍ୱନ୍ଦ୍ୱ ଥାଏ। କିନ୍ତୁ ଏକ ନିର୍ଦ୍ଧାରିତ ସମୟରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ମାଧ୍ୟମରେ ନେତୃତ୍ୱ ଚୟନ ହୁଏ। କନ୍ଦଳ ପାଇଁ କେଉଁଠି ନେତୃତ୍ୱ ଚୟନ ପ୍ରକ୍ରିୟା ସ୍ଥଗିତ ରହିବା କଥା ଶୁଣିବାକୁ ମିଳେ ନାହିଁ। ଏହିସବୁ ଦଳଗୁଡ଼ିକରେ କ୍ଷମତାକୁ ନେଇ ଆଦୌ ଲଢ଼େଇ ହୁଏ ନାହିଁ କହିଲେ ଭୁଲ୍ ହେବ ମାତ୍ର କ୍ୱଚିତ୍। ଦକ୍ଷିଣପନ୍ଥୀ ଦଳଗୁଡ଼ିକରେ କ୍ଷମତାକୁ ନେଇ ଗୋଷ୍ଠୀ କନ୍ଦଳ ଉଗ୍ରରୂପ ଧାରଣ କରୁଛି। ବ୍ଲକ୍‌ଠାରୁ ରାଜ୍ୟରେ, ସର୍ବଭାରତୀୟ ସ୍ତରରେ ଯେତେସବୁ କମିଟି ଅଛି ସବୁଥିରେ କନ୍ଦଳ, ଗୋଷ୍ଠୀ କନ୍ଦଳ। ତାହା ପୁଣି ନେତୃତ୍ୱ ଚୟନକୁ ନେଇ। ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ କଥା କଟାକଟି, ଆକ୍ଷେପ, ପ୍ରତିଆକ୍ଷେପ, ବେଳେ ବେଳେ ସଭା ସମିତିରେ ଚେୟାର ଫିଙ୍ଗାଫିଙ୍ଗି ପର୍ଯ୍ୟନ୍ତ ଯାଏ। ଭୁଲିଯାଆନ୍ତି ସେମାନେ ସମସ୍ତେ ଗୋଟିଏ ପକ୍ଷୀର ପର ବୋଲି। ଲଢ଼େଇ ଏମିତି ସ୍ତରରେ ଯାଇ ପହଞ୍ଚେ ଟଣାଓଟରା ଯୋଗୁ ନେତୃତ୍ୱ ଚୟନ ହୋଇପାରେ ନାହିଁ। ଏହି ସବୁ ଦଳଗୁଡ଼ିକରେ ଗଣତନ୍ତ୍ର ଏକ ଢାଲ ଭାବରେ ବ୍ୟବହାର ହୁଏ। କିନ୍ତୁ ହାଇକମାଣ୍ଡଙ୍କ ଇସାରାରେ ନେତୃତ୍ୱ ଚୟନ ହୁଏ। ଫଳରେ ଅସନ୍ତୋଷର ନିଆଁ ଲିଭିବାର ନାଁ ଧରେ ନାହିଁ। ଶାସକ ଦଳ ହୋଇଥିଲେ ମନ୍ତ୍ରିମଣ୍ଡଳ ଗଠନଠାରୁ ଆରମ୍ଭ କରି ଏହି ଲଢ଼େଇର ପ୍ରଭାବ ସରକାର ପରିଚାଳନା ଉପରେ ମଧ୍ୟ ପଡ଼େ। ତା'ପରେ ଏହା ଜନସାଧାରଣଙ୍କ ପାଖକୁ ସଂକ୍ରମିତ ହୋଇଯାଏ। ଗୋଟିଏ ଦଳ ଭିତରେ ଇଏ ତା' ଗୋଷ୍ଠୀର ସିଏ ଇଆର କହି ଶତ୍ରୁତା ଚରମ ସୀମା ଛୁଏଁ।

କେବଳ ରାଜନୈତିକ ଦଳଗୁଡ଼ିକରେ କ୍ଷମତା ଲଢ଼େଇର ଅନ୍ତଃସ୍ରୋତ ପ୍ରବାହିତ ହେଉ ନାହିଁ, ହେଉଛି ଊଣାଧିକେ ସବୁ ଗଣ ସଂଗଠନରେ। ବିଭିନ୍ନ ପଦ ପଦବୀରେ କୁର୍ସି ଆରୋହଣ କରିବା ପାଇଁ ଚାଲୁଛି ଅଘୋଷିତ ଲଢ଼େଇ। ବିଶ୍ୱାସ ଅବିଶ୍ୱାସର ଲୁଚକାଳି ଖେଳ ଭିତରେ ସଂଗଠନର ସଂହତି, ଏକତା ପଶାପାଲିରେ ନିର୍ଜୀବ ଗୋଟି ପାଲଟି ଯାଉଛି। କିଛି କିଛି ଗଣ ସଂଗଠନରେ ଏହି ଲଢ଼େଇ ନିର୍ବାଚନର କୁରୁକ୍ଷେତ୍ର ସୃଷ୍ଟି କରୁଛି। ଦେଶରେ ସମ୍ପ୍ରତି ଅନୁଷ୍ଠିତ ନିର୍ବାଚନ ସବୁ ଯେମିତି କଳୁଷିତ ହେଲାଣି ସେମିତି ସମାନ ରାସ୍ତାରେ ଏବେ ଗଣ ସଂଗଠନଗୁଡ଼ିକର ନିର୍ବାଚନ ପ୍ରକ୍ରିୟା। ଏହି ଲଢ଼େଇ ଯେ ସଂଗଠନଗୁଡ଼ିକୁ ଦୁର୍ବଳ କରୁଛି ଏବଂ ସଂଗଠନ ତା'ର ନୀତି, ଆଦର୍ଶ, ଆଭିମୁଖ୍ୟଠାରୁ ଅପସରିଯାଉଛି ଏଥିରେ ସନ୍ଦେହ ନାହିଁ। କେବଳ ଗଣ ସଂଗଠନ ନୁହଁ ବହୁ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟ ସଂଗଠନଗୁଡ଼ିକ ଏହି ବ୍ୟାଧିରୁ ମୁକ୍ତ ନୁହନ୍ତି।

ସତ କହିବାକୁ ଗଲେ କ୍ଷମତା ଥିଲେ ସମ୍ମାନ ମିଳୁଛି। କ୍ଷମତା ଥିଲେ ପ୍ରତିଷ୍ଠା, ପ୍ରତିପତ୍ତି ଅଛି। କ୍ଷମତା ଅର୍ଥ ଉପାର୍ଜନର ମାଧ୍ୟମ ପାଲଟି ଯାଇଛି। ସେଇଥିପାଇଁ କ୍ଷମତା ପ୍ରାପ୍ତିର ଲଢ଼େଇ ନିକଟରେ ସତ୍ୟ, ନ୍ୟାୟ, ସମ୍ପର୍କ, ସହାନୁଭୂତି ସବୁକିଛି ତୁଚ୍ଛ। ଏ ଲଢ଼େଇ ଥିଲା, ଅଛି, ରହିବ। କେବେ ବନ୍ଦ ହୋଇଯିବ ନାହିଁ। କିନ୍ତୁ ଏ ଲଢ଼େଇ ଯେତେ ସ୍ୱଚ୍ଛ ଓ ସୁସ୍ଥ ହେବ, ସହଜ ଓ ସରଳ ହେବ, ଅନ୍ୟାୟ ଅନୀତିଠାରୁ ଦୂରେଇ ରହିବ ଆମ ସମସ୍ତଙ୍କ ପାଇଁ ସେତେ ଭଲ ହେବ। ସମାଜରେ ସୃଷ୍ଟି ହେବ ଏକ ସକାରାତ୍ମକ ବାତାବରଣ। ନଚେତ୍ ଲଢ଼େଇ ଜନ୍ମ ଦେବ ଅବିଶ୍ୱାସ। ଅବିଶ୍ୱାସରୁ ସନ୍ଦେହ, ସନ୍ଦେହରୁ ଶତ୍ରୁତା, ଶତ୍ରୁତାରୁ ହିଂସା ଓ ରକ୍ତପାତ।

**ସଭାପତି, ଓଷ୍ଟା**
**ମୋ: ୯୯୩୮୭୬୩୨୩୭**

# ସ୍ନେହରଙ୍କୁଣା ମଣିଷ



ଡ. ମନୋରଞ୍ଜନ ପ୍ରଧାନ

ଦୁଇଦିନିଆ ଜାତୀୟ ପତ୍ରବାଚନ ସଫଳତାର ସହ ସମାପ୍ତ ହୋଇଯାଇଥାଏ। ଅତିଥି, ଅଧିକାରୀ ଓ ଆଗନ୍ତୁକ ସଦସ୍ୟା ସଦସ୍ୟମାନେ ଫେରିଗଲେଣି ନିଜ ଗନ୍ତବ୍ୟ ସ୍ଥାନକୁ। ସମସ୍ତଙ୍କୁ ଆନୁଷ୍ଠାନିକ ବିଦାୟ ଦେବା ପରେ ଦୁଇ ଦିନ ଧରି ଜଳପାନ, ମଧ୍ୟାହ୍ନ ଓ ରାତ୍ରି ଭୋଜନ ପ୍ରସ୍ତୁତ କରିଥିବା ରୋଷେୟା ଏବଂ ତାଙ୍କ ସହଯୋଗୀଙ୍କ ପାଖରେ ପହଁଚି, ସେମାନଙ୍କ ପାରିଶ୍ରମିକ ଦେଇ କହିଲି- ଆପଣମାନଙ୍କର କଠିନ ପରିଶ୍ରମ ହେତୁ ଅତିଥିମାନେ ଖୁସିରେ ଖାଇଲେ। ତା'ପରେ ସେମାନଙ୍କ ସହ ଏକ ସ୍ଥିର ଚିତ୍ର (ଫଟୋ) ଉତ୍ତୋଳନ ପାଇଁ ମୋର ଜଣେ ସହକର୍ମୀଙ୍କୁ କହିଲି। ଫଟୋ ଉଠିବା ପରେ ରୋଷେୟା ଓ ତାଙ୍କ ସହଯୋଗୀ (ଦୁଇଜଣ ବୃଦ୍ଧା ଶ୍ରମଜୀବୀ ଏବଂ ଜଣେ ପୁରୁଷ ସହକାରୀ) ମୋତେ କୋଳାଗ୍ରତ କହିଲେ- ବାବୁ ବିଭିନ୍ନ ଜାଗାରେ ଭୋଜି ରାନ୍ଧୁଛୁ। ରୋଜଗାର କରୁଛୁ। ସମସ୍ତେ ରୋଷେଇ ପରେ କିଛି କିଛି ପାରିଶ୍ରମିକ ବିଭିନ୍ନ ବାହାନା କରି କାଟିଦିଅନ୍ତି ଏବଂ ଆମକୁ ମଳିମୁଣ୍ଡିଆ ଭଳି ବ୍ୟବହାର କରନ୍ତି। ହେଲେ ତୁମେ ଭିନ୍ନ।

ଉପରୋକ୍ତ ବ୍ୟକ୍ତିଗତ ଅନୁଭବଟି ଉପସ୍ଥାପନ କରିବାର ଆଭିମୁଖ୍ୟ ହେଉଛି ପ୍ରତ୍ୟେକ ମଣିଷ ସ୍ନେହରଙ୍କୁଣା। କେବଳ ଟିକିଏ ଭଲ ବ୍ୟବହାର, କଥାବାର୍ତ୍ତା, ଭାବର ଆଦାନ ପ୍ରଦାନରେ ଅତି ଆପଣାର ହୋଇଯାଆନ୍ତି। କିନ୍ତୁ ଆଜିକାଲି ମଣିଷପଣିଆ ହଜିଯାଇଛି। ମଣିଷ ଆଉ ମଣିଷ ହୋଇ ରହିନାହିଁ। ମଣିଷ ସବୁ କଥାରେ ଲାଭ କ୍ଷତିର ହିସାବ କରୁଛି। ସମସ୍ତଙ୍କୁ ସମାନ ଭାବରେ ଦେଖିବା ପରିବର୍ତ୍ତେ ପଦ, ପଦବୀ, ଅର୍ଥ ତଥା କ୍ଷମତାର ନିକିତିରେ ତଉଲିବାକୁ ଚେଷ୍ଟା କରି ତା'ଠାରୁ ସାମାନ୍ୟ ତଥାକଥିତ ତଳ ସ୍ତରର ଲୋକଙ୍କୁ ଇତର ପ୍ରାଣୀଙ୍କ ଭଳି ବ୍ୟବହାର କରୁଛି। ତା' ପାଇଁ ଭାଗବତ ବାଣୀ- 'ସକଳ ଘଟେ ନାରାୟଣ, ଅନାଦି ପରମ କାରଣ' ଆପ୍ତ ବାକ୍ୟଟି ଗୋଟିଏ ପୁରୁଣାକାଳିଆ ଲୋକୋକ୍ତି। ସେଥିପାଇଁ ସମାଜରେ ଭେଦଭାବର ହାର ବଢ଼ିଚାଲିଛି। ମଣିଷ ଚିନ୍ତା କରିପାରୁ ନାହିଁ ଯେ ସମସ୍ତ ମଣିଷ ଏକ କିନ୍ତୁ ସୁବିଧା ସୁଯୋଗ ଦୃଷ୍ଟିରୁ ଆମର ବୃତ୍ତି ବା ପେଟ ପୋଷିବାର ପନ୍ଥା ଭିନ୍ନ। କିନ୍ତୁ ଏକଥା ବି ମନେରଖିବା ଉଚିତ ଯେ ଯେଉଁ ବ୍ୟକ୍ତିବିଶେଷ ନିଜ ପଦ,ପଦବୀ ଓ କ୍ଷମତା ପାଇଁ ଅନ୍ୟମାନଙ୍କୁ ଘୃଣା କରନ୍ତି, ସେମାନେ ଅବସର ନେବା ପରେ ତାଙ୍କ ସାଥିରେ କେବଳ ବୁଲିବ ପୋଷାକୁକ୍କୁର, ସେ ପୁଣି ଲାଞ୍ଚ (ପ୍ରସ୍ତାବିତ ଭଲ ଖାଦ୍ୟ, ସୁବିଧା ସୁଯୋଗ ଇତ୍ୟାଦି)ପାଉଥିଲେ। ନିର୍ଦ୍ଧାରିତ ବୟସ ପରେ ପଦ, ପଦବୀ ଓ କ୍ଷମତା ଚାଲିଯିବ। ସମାଜର କୌଣସି ବ୍ୟକ୍ତି ସେଭଳି ଅହଂକାରୀ ଓ ସ୍ୱଘୋଷିତ ପଦାଧିକାରୀଙ୍କୁ ସମ୍ମାନ ଦେବେ ନାହିଁ। ଶେଷରେ ନିଃସଙ୍ଗ ଜୀବନ କଟେଇବାକୁ ପଡ଼ିବ।

କୋଡ଼ିଏ ବର୍ଷ ତଳର କଥା। ମୋର ସ୍ୱଭାବ ହେଉଛି ସବୁ ବର୍ଗର ଲୋକଙ୍କ ସହ ବିନା ବାଛବିଚାରରେ କଥାବାର୍ତ୍ତା କରିବା। ମୁଁ ଯେଉଁ ଅନୁଷ୍ଠାନରେ କାମ କରୁଥିଲି ସେଠାରେ ଦଶ ବାର ଜଣ ସଫେଇ କର୍ମଚାରୀ କାମ କରୁଥିଲେ। ମୁଁ ସେମାନଙ୍କ ଭଲମନ୍ଦ ପଚାରି ବୁଝେ। ଛୁଟି ଦରଖାସ୍ତ ଲେଖିଦିଏ। ପିଲାମାନଙ୍କ ପାଠପଢ଼ା ବିଷୟରେ ପଚାରେ। ସେମାନେ ସବୁଦିନ ଗୋଟିଏ କୋଣ ଜାଗାରେ ମଧ୍ୟାହ୍ନ ଖାଆନ୍ତି। ଦିନେ ମୁଁ ସେମାନଙ୍କ ପାଖକୁ ଗଲି ଏବଂ ମିଶିକରି ଖାଇବି ବୋଲି କହିଲି। ସେମାନେ ଆଦୌ ରାଜି ହେଲେ ନାହିଁ। କିନ୍ତୁ ଜବରଦସ୍ତ ଜଣକ ଖାଇବା ଡବାରୁ (ଟିଫିନ ବକ୍ସ) ତରକାରି ଆଣି ଖାଇଲି। ସମସ୍ତେ ଅସ୍ତବ୍ୟସ୍ତ ହୋଇ ସେଠାରୁ ଉଠିଯିବାକୁ ଚେଷ୍ଟା କଲେ। ବୁଝେଇଲି ଏବଂ ସମସ୍ତେ ମିଳିମିଶି ଖାଇଲୁ। ସେଥିରୁ ଜଣେ ଯାହାଙ୍କ ଅକାଳରେ ସ୍ୱର୍ଗବାସ ହୋଇଗଲାଣି କହିଲେ- ଆଜ୍ଞା, ଅଧିକାଂଶ ଲୋକ ଆମକୁ ସୁଇପର କହି ଘୃଣା କରୁଛନ୍ତି। ହେଲେ ତୁମେ ଆମକୁ ଏତେ ସ୍ନେହ କାହିଁକି କରୁଛ ? ମୁଁ କହିଲି- ଦେଖ ! ମୋତେ ସୁଯୋଗ ମିଳିଲା ବୋଲି ଭଲ ପାଠପଢ଼ି ଚାକିରିଟିଏ କରିଦେଲି। ତୁମକୁ ମଧ୍ୟ ଯଦି ଭଲ ସୁବିଧା ସୁଯୋଗ ମିଳିଥାନ୍ତା, ମୋ ଭଳି ଭଲ ଚାକିରିଟି କରିପାରିଥାନ୍ତ! ଆମେ ପଦପଦବୀ ଦୃଷ୍ଟିରୁ ଟିକିଏ ଭିନ୍ନ, କିନ୍ତୁ ମଣିଷ ଭାବରେ ସମଜାତି ଓ ସମାନ। ସମସ୍ତେ ଖୁସି ହୋଇଗଲେ। ମୁଁ ଯେତେବେଳେ ସେ ଚାକିରି ଛାଡ଼ିଲି ପ୍ରଥମ ଥର ସେମାନଙ୍କ ଦ୍ୱାରା ସ୍ୱତନ୍ତ୍ର ବିଦାୟୀ ସମ୍ବର୍ଦ୍ଧନା ଦେଇ ବହୁତ କାନ୍ଦିଥିଲେ ଏବଂ ଆଜିଯାଏ ମନେ ରଖିଛନ୍ତି ତଥା ଭଲମନ୍ଦରେ କଥାବାର୍ତ୍ତା ହେଉଛନ୍ତି। କହିବାର ଅର୍ଥ ହେଉଛି ଆମର ଶାଳୀନ ତଥା ଶ୍ଳୀଳ ବ୍ୟବହାର ଆମକୁ ସମସ୍ତଙ୍କ ସହ ଅନ୍ତରଙ୍ଗ କରିଥାଏ। ତେଣୁ ମଣିଷ ତା'ର ଅହଂକାରକୁ ପରିହାର କରି ମଣିଷପଣିଆର ସମ୍ପର୍କ ଡୋରିରେ ବାନ୍ଧି ହୋଇଗଲେ ପଦପଦବୀ ତା' ପାଇଁ ଗୌଣ ହୋଇଯିବ, ଭେଦଭାବ ରୂପକ କାମଳ ରୋଗ ଦୂର ହୋଇଯିବ ଏବଂ ସବୁ ମଣିଷ ଆପଣାର ବୋଲି ଅନୁଭବ ହେବେ। କିନ୍ତୁ ଏତିକି ସାଧାରଣ ଜ୍ଞାନ ଓ ସାମାଜିକ ମୂଲ୍ୟବୋଧର ଅଭାବ ହିଁ ସମାଜରେ ବଡ଼ ସାନ, ଧନୀ ନିର୍ଦ୍ଧନ ଆଦି ଭେଦଭାବର ପାଚେରି ସୃଷ୍ଟି କରି ସମାଜରେ ଅରାଜକତା ସୃଷ୍ଟି କରୁଛି।



ଆଉ ଗୋଟିଏ ଛୋଟ ଉଦାହରଣ। ଘର ପାଖକୁ ଅନେକ ବନବାସୀ ମହିଳା ତାଙ୍କ କୃଷି ଓ ଜଙ୍ଗଲଜାତ ସାମଗ୍ରୀ ବିକ୍ରିକରିବାକୁ ଆସନ୍ତି। ସେମାନେ ଆମ ପରିବାରର ସଦସ୍ୟ ଭଳି ମନ ଖୋଲି କଥା ହୁଅନ୍ତି। ସୁବିଧା ଅସୁବିଧା କହନ୍ତି। ସେମାନେ ଭାରି ସ୍ୱାଭିମାନୀ ଏବଂ ସଙ୍କୋଚ। କାହାକୁ ଠକିବା, କାହାର କ୍ଷତି କରିଦେବା ସେମାନଙ୍କ ଆଦୌ ପ୍ରକୃତି କି ପ୍ରବୃତ୍ତି ନୁହେଁ। ସେମାନେ ସରଳ, ସଙ୍କୋଚ ଓ ବିଶ୍ୱାସୀ ମଣିଷ। ଯେତେବେଳେ ଆମେ ସେମାନଙ୍କ ସହ ଭଲ ବ୍ୟବହାର କରୁ ସେମାନେ ଆମକୁ ନିଜରକରି ସବୁ ସୁଖଦୁଃଖ କହି ଦିଅନ୍ତି। ତେଣୁ ମଣିଷ ମଣିଷପଣିଆ ନେଇ ବଞ୍ଚୁ। ପଦ, ପଦବୀ, କ୍ଷମତା ଆଦି ଭୌତିକ ସମ୍ପତ୍ତି କ୍ଷଣସ୍ଥାୟୀ ଏବଂ କ୍ଷଣଭଙ୍ଗୁର। କିନ୍ତୁ ସମାଜର ସବୁବର୍ଗର ଲୋକଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର, ସହଭାଗିତା ଓ ସହଯୋଗିତା ମଣିଷକୁ ଅମର କରିଦିଏ। ଶରୀର ତ୍ୟାଗ ପରେ ମଧ୍ୟ ମଣିଷ ବହୁବର୍ଷ ବଞ୍ଚିଯାଏ। ସ୍ନେହରଙ୍କୁଣା ମଣିଷମାନଙ୍କୁ କେବଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ଶୃଙ୍ଖଳରେ ବାନ୍ଧିବା ସହଜ, ଦିଆନିଆ ବା ନାଲିଆଖି ଦେଖେଇ ନୁହେଁ। ହେଲେ ଘୁଷୁରି ପ୍ରକୃତି ପଙ୍କେ ଲୋଟେ ଆଉ ମଣିଷ...।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ଏଇ ଭାରତରେ

ପୁଣେର ଭୋଲେଶ୍ୱର ପାଲାଙ୍ଗେ ୨୫ ବର୍ଷ ଭିତରେ ୧ ଲକ୍ଷ ଚାରା ଉତ୍ତାରି ବାଣ୍ଟିବା ସହ ୧ ଲକ୍ଷ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ଏହି କାର୍ଯ୍ୟରେ ଭୋଲେଶ୍ୱରଙ୍କୁ ତାଙ୍କ ପରିବାର ସହଯୋଗ କରୁଛି। ଭୋଲେଶ୍ୱରଙ୍କୁ ବୟସ ଏବେ ୫୦। ସେ ଟାଟା କମ୍ପାନୀରେ କାମ କରନ୍ତି। ଦାୟିତ୍ୱ ଭିତରୁ ସମୟ ବାହାର କରି ଚାରା ପ୍ରସ୍ତୁତିରେ ଲାଗିଥାନ୍ତି। ଛୁଟିଦିନ କିମ୍ବା ମଧ୍ୟାହ୍ନଭୋଜନ ସମୟରେ ମଧ୍ୟ ସେ ଚାରାର ଯତ୍ନ ନେବାକୁ ଭୁଲନ୍ତି ନାହିଁ। ଭୋଲେଶ୍ୱର ପିଲାଦିନୁ ଗଛକୁ ଭଲ ପାଉଥିଲେ। ତାଙ୍କ ଘର ପାଖରେ ରହୁଥିବା ଜଣେ ଶିକ୍ଷକଙ୍କ ପରବେଶ ପ୍ରତି ଭଲ ପାଇବାକୁ ଲକ୍ଷ୍ୟକରି ସେ ଚାରା ପ୍ରସ୍ତୁତି ଓ ରୋପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ସେ ଓ ତାଙ୍କ ପରିବାର ପକ୍ଷରୁ ଲଗାଯାଇଥିବା ଗଛଗୁଡ଼ିକର ଉଚ୍ଚତା ୧୫ ଫୁଟରୁ ଅଧିକ ଉଚ୍ଚ ହୋଇଗଲାଣି। ବଡ଼କଥା ହେଉଛି, ଭୋଲେଶ୍ୱର ବ୍ୟବହୃତ କ୍ଷୀର ପ୍ୟାକେଟ, ଅନ୍ୟାନ୍ୟ ଜରି ଓ ଛୋଟ ବାକ୍ସ ସଂଗ୍ରହକରି ସେଥିରେ ଚାରା ଉତ୍ତାରୁଛନ୍ତି। ଏହାବ୍ୟତୀତ ପ୍ରତିଦିନ ପାଖ ଜଙ୍ଗଲରୁ ଛୋଟ ଛୋଟ ଚାରା ସଂଗ୍ରହ କରି ଲଗାନ୍ତି ଏବଂ ଉର୍ବର ମାଟି ଆଣି ତା' ମୂଳେ ଦେଇଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୨ ଅଗଷ୍ଟ ୧୯୭୬**

- ଭାରତୀୟ ଜାତୀୟ କଂଗ୍ରେସରେ ନିଜକୁ ସାମିଲ କରିବା ପାଇଁ ୟୁନାଇଟେଡ୍ ଗୋଆନ୍ସ ପାର୍ଟି ନିଷ୍ପତ୍ତି ଘୋଷଣା କରିଛି।
- ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଯୋଗୁ ଲୋକସଭାର ବାଚସ୍ପତି ବଳିରାମ ଭଗତଙ୍କୁ ତାମ୍ରପତ୍ର ପ୍ରଦାନ।
- ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ଜାହାଜ ଚଳାଚଳ ପାଇଁ ଏକ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | 4 | |
| | 5 | | 8 | 7 | | | | |
| | 6 | 3 | | 4 | | | | |
| | | 1 | | | 2 | 5 | | |
| | | 7 | | | | | | |
| | 3 | | | 6 | 1 | 7 | | 2 |
| | 1 | | | | 6 | | | |
| | | | | 9 | | 2 | | |
| | | | | 1 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 6 | 5 | 9 | 2 | 8 | 1 |
| 5 | 6 | 1 | 8 | 7 | 2 | 3 | 9 | 4 |
| 9 | 2 | 8 | 4 | 3 | 1 | 7 | 5 | 6 |
| 2 | 1 | 5 | 3 | 4 | 6 | 9 | 7 | 8 |
| 3 | 7 | 6 | 9 | 2 | 8 | 4 | 1 | 5 |
| 8 | 4 | 9 | 7 | 1 | 5 | 6 | 2 | 3 |
| 1 | 5 | 4 | 2 | 9 | 3 | 8 | 6 | 7 |
| 6 | 9 | 3 | 1 | 8 | 7 | 5 | 4 | 2 |
| 7 | 8 | 2 | 5 | 6 | 4 | 1 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଣ୍ଣବୋଧରେ ତ୍ରୁଟି ଅକ୍ଷମଣୀୟ

ମହାଶୟ,

ଭକ୍ତକବିଙ୍କ ମୂଳ ବର୍ଣ୍ଣବୋଧକୁ ଜଣେ ବ୍ୟକ୍ତିଙ୍କ ଦ୍ୱାରା ସଂପାଦିତ ଓ ସଂକଳିତ କରାଯାଇ ରଙ୍ଗିନ ପରିପାଟୀ ସହ ବଡ଼ ଆକାରରେ ପ୍ରକାଶ କରାଯାଇଛି। ଏହି ବର୍ଣ୍ଣବୋଧରେ କିଛି ତ୍ରୁଟି ରହିଛି। ଯେମିତି ପୃଷ୍ଠା ୮ରେ ସ୍ଥାନିତ ଶବ୍ଦ- (ଲୁ ହୁ), ଯାହାର ଅର୍ଥ କୌଣସି ଭାଷାକୋଷରେ ନାହିଁ। ଏହା ଏକ ସଂପୂର୍ଣ୍ଣ ଅର୍ଥହୀନ ଶବ୍ଦ। ପୃଷ୍ଠା ୧୯ ଓ ୨୦ ବିବିଧ ପାଠ ସ୍ତମ୍ଭରେ କଜ୍ଜଳପାତୀ ଓ ପୁସି ଶବ୍ଦ ସ୍ଥାନିତ, ଯାହାକି ପ୍ରକୃତରେ କଜଳପାତି ଓ ପୁଷି ହେବ। ସେହିପରି ପୃଷ୍ଠା ୩୧ରେ ସ୍ଥାନିତ ପଞ୍ଚାଏ ମୂଳ ବର୍ଣ୍ଣବୋଧରେ ଏହି ଶବ୍ଦଗୁଡ଼ିକର ରୂପ କ'ଣ ଅଛି। ଅସ୍ପଷ୍ଟତା ଯୋଗୁ ତାହା ଆଦୌ ଜାଣିବା ସମ୍ଭବ ହେଉନାହିଁ। ଆମର ଯାହା ହୃଦ୍‌ବୋଧ ହେଉଛି, ଭକ୍ତକବିଙ୍କ ଭଳି ପଣ୍ଡିତ ବ୍ୟକ୍ତି ଏଭଳି ତ୍ରୁଟି କେବେ କରି ନ ଥିବେ। ବର୍ଣ୍ଣବୋଧ ଭଳି ସର୍ବପ୍ରଥମ ଶିଶୁ ଅଭିଧାନରେ ଏଭଳି ଶବ୍ଦତ୍ରୁଟି ଆଦୌ ସ୍ପୃହଣୀୟ ନୁହେଁ। ଏକଥା ସଂକଳକ ତଥା ସଂପାଦକଙ୍କ ନଜରକୁ ଆସି ନାହିଁ କିପରି ?

**-ଚିନ୍ମୟ କୁମାର ମଲ୍ଲିକ, ଧଳସାହି ଛକ, ଚରମ୍ପା, ଭଦ୍ରକ**

## ଚିରନ୍ତନୀ

ବିବାହର ଦିନ ଯାଇ ନାହିଁ ମୋର ସରିନାହିଁ ଯଉବନ
ଚିକ୍କଣ ଅଳକା ରଖିଛି ସାଇତି ନୀଳ ନଦୀ ଦରପଣ
ସିନ୍ଦୂର ଟୋପା ରହିଛି ଗୋଲାପେ
ନୟନର ପତା କଳାପୀ କଳାପେ
କଜ୍ଜଳ ରେଖା ଦିଗ୍‌ବଳୟେ ତ ଲିଭିନାହିଁ ଏତେକ୍ଷଣ
ବିବାହର ତିଥି ବାକି ନାହିଁ ମୋର ସରିନାହିଁ ଯଉବନ ।

-(ମଧୁ-ବିବାହ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଚୁଲାରୁ ଗ୍ୟାସ୍ ଲିକ୍, ପୋଡ଼ିଗଲା ରୋଷେଇ ସାମଗ୍ରୀ**

ରସୁଲପୁର,(ରଞ୍ଜିତ ରାଉତ)-କୁଆଖିଆ ଥାନା ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ କଇଁଚିଶାସନ ଗ୍ରାମର ନାରାୟଣ ବାରିକଙ୍କ ରୋଷେଇ ଘରେ ସୋମବାର ଚୁଲାରୁ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ରୋଷେଇ ଘରେ ଥିବା ବହୁ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ରସୁଲପୁର ଅଗ୍ନିଶମ ବିଭାଗ କର୍ମଚାରୀ ଗ୍ୟାସ୍ ଟାଙ୍କିକୁ ଉଠାଇ ଆଣି ବାଲିଗଦାରେ ପୋତି ଦେବାରୁ ନିଆଁ ଆୟତ ହୋଇଥିବା ସୂଚନା ମିଳିଛି ।



# ଜମି ଥାଇ ବି ଭୂମିହୀନ ୫ ହଜାର ପ୍ରଜା

ଯାଜପୁର,୧୧।୮ (ହର୍ଷବର୍ଦ୍ଧନ ବେହେରା):



ଯାଜପୁର ଜିଲାର ଅନ୍ୟତମ ପ୍ରମୁଖ ସହର ବ୍ୟାସନଗରର ପ୍ରଜା ଭୂମିହୀନ ଭଳି ଜୀବନ ଅତିବାହିତ କରୁଛନ୍ତି। ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପଟ୍ଟାଖଣ୍ଡିକ ପାଇଁ ବାରମ୍ବାର ହେବାଥିଲେ ହେଁ ସହରବାସୀ ଏକ ଷଡ଼ଯନ୍ତ୍ରର ଶିକାର ହୋଇ ବିଫଳ ହୋଇଆସୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏନେଇ ସହରବାସୀ ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି। ବ୍ୟାସନଗର ତହସିଲ ଅନ୍ତର୍ଗତ ଚୋର୍ଦ୍ଦା, ରମ୍ପାସ, ମୁଣ୍ଡମାଳ ଓ ଉମାପଦା ମୌଜାର ପ୍ରଜାମାନଙ୍କ ଉପରେ କରାଯାଇଥିବା ଓଡ଼ିଶା ସର୍ଭେ ଆଣ୍ଡ ସେଟେଲମେଣ୍ଟ(ଓଏସ୍ଏସ୍) ମାମଲା ପ୍ରତ୍ୟାହାର କରିବାକୁ ବ୍ୟାସନଗର ଜମି ସୁରକ୍ଷା କମିଟି ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛି। ମିଳିଥିବା ସୂଚନା ଅନୁଯାୟୀ ବୃଟିଶ ଏକ୍ସ-ଇଣ୍ଟରମିଡିଆରିଙ୍କଠାରୁ ମୁଣ୍ଡମାଳ ମୌଜାର ମନ୍ମଥ କୁମାର ସିଂ, ଅମୂଲ୍ୟ କୃଷ୍ଣରାୟ ପ୍ରମୁଖ ନିଜ ନାମରେ ୧୯୩୨ରୁ ୧୯୪୬ ପର୍ଯ୍ୟନ୍ତ ଲିଜ୍ ସୂତ୍ରେ କିଛି ଜମି ହାସଲ କରିଥିଲେ। ଏହି ଜମି ୧୯୩୨ରୁ ୧୯୩୭ ପର୍ଯ୍ୟନ୍ତ ଜଙ୍ଗଲଭୁକ୍ତ ଥିଲା। ୧୯୩୭ରୁ ୧୯୫୧ ପର୍ଯ୍ୟନ୍ତ ଏହା ଖଜଣାଭୁକ୍ତ ହୋଇଥିଲା। ୧୯୫୨ରୁ ୨୦୧୫ ପର୍ଯ୍ୟନ୍ତ ସରକାରୀ ଖଜଣାଭୁକ୍ତ ଏବଂ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ କୋର୍ଟ ନିର୍ଦ୍ଦେଶ ବଳରେ ସିଙ୍ଗ୍ କେସ୍ ନମ୍ବର ୫୭, ୫୮/୧୯୭୫ ଅନୁସାରେ ଏହା ଆଶିଷ କୁମାର ରାୟ ଓ ସଲିଲ କୁମାର ସିଙ୍କ ନାମରେ ସରକାରୀ ସ୍ୱୀକୃତିପ୍ରାପ୍ତ ହୋଇଛି। ଏହାବ୍ୟତୀତ ୧୯୮୨ର ସେଟେଲମେଣ୍ଟ ଅପରେସନ ପରଠାରୁ ୨୦୦୯ ମଧ୍ୟରେ ଏହି ସ୍ୱୀକୃତିପ୍ରାପ୍ତ ପ୍ରଜାମାନେ ଯେଉଁ ବ୍ୟକ୍ତିବିଶେଷଙ୍କୁ ବିକ୍ରି କବଲା ସୂତ୍ରେ ଜମି ବିକ୍ରି କରିଛନ୍ତି, ସେମାନଙ୍କୁ ମଧ୍ୟ ସରକାର ସ୍ଥାୟୀ ପ୍ରଜା ଭାବେ ଗ୍ରହଣ କରି ସମ୍ପତ୍ତିକୁ ନଟ୍ ଫାଇନାଲ ପଟ୍ଟା ପ୍ରଦାନ କରିଛନ୍ତି। ଏହାସହ ମୁଣ୍ଡମାଳ ମୌଜାର ୨୨୩ ଓ ୯୭ ନମ୍ବର ଖାତାଭୁକ୍ତ କିଛି ଜମି କୋପେଡ଼ ଓ ବାରମଣ୍ଡିପୁରକୁ ସ୍ଥାନାନ୍ତର ହୋଇଛି। ସେହି ପ୍ରଜାମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଥିଲା। କିନ୍ତୁ ବିଡ଼ମ୍ବନା ଯେ, ୨୨୩ ଓ ୯୭ ଖାତାର ମୂଳ ଜମାବନ୍ଦୀଭୁକ୍ତ ପ୍ରଜାମାନଙ୍କ ନାମରେ ସରକାର ୨୦୦୯ରୁ ୪ଟି ଜଙ୍ଗଲ କିସମ ଦର୍ଶାଇ ଓଏସ୍ଏସ୍ ମାମଲା ରୁଜୁକରି ପ୍ରଜାମାନଙ୍କୁ ହଇରାଣ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ପୂର୍ବତନ ଜିଲାପାଳ ଉକ୍ତ ମାମଲା ଉପରେ ତଦନ୍ତ କରି ରିପୋର୍ଟ ଦାଖଲ କରି ସାରିଥିଲେ ହେଁ ଜମି ସମସ୍ୟାର ସମାଧାନ ଏଯାଏ ହୋଇ ପାରିନାହିଁ। ବୋର୍ଡ ଅଫ୍ ରେଭିନ୍ୟୁଙ୍କ ନିର୍ଦ୍ଦେଶ ମଧ୍ୟ ଏଠାରେ ଅକାମୀ ହୋଇ ପଡ଼ିଛି। ୨୦୧୨ରେ ବିଧାନସଭାର ଏକ ଉଚ୍ଚସ୍ତରୀୟ କମିଟି ଏହି ଜମି ସମସ୍ୟା ଉପରେ ୩ ଥର ଭେରିଫିକେସନ କରି ଜିଲାପାଳଙ୍କୁ ୩ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେବଳ ମୁଣ୍ଡମାଳ ମୌଜାର ଭେରିଫିକେସନ ରିପୋର୍ଟ ଯାଇଥିବାବେଳେ ବାକି ରମ୍ପାସ, ଚୋର୍ଦ୍ଦା ଓ ଉମାପଦା ମୌଜାର ରିପୋର୍ଟ ଦାଖଲ ହୋଇ ନ ଥିବା ଜଣାପଡ଼ିଛି। ଏଥିପାଇଁ ଉପଯୁକ୍ତ ପଦକ୍ଷେପ ନେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି ବୋଲି ପ୍ରଭାବିତ ପ୍ରଜାମାନେ ଅଭିଯୋଗ କରିଛନ୍ତି। ଜମି ସୁରକ୍ଷା କମିଟିର ନାରାୟଣ ଚନ୍ଦ୍ର ପତି କହିଛନ୍ତି, ପ୍ରଜାମାନଙ୍କ ଜମିକୁ ଅନାବାଦୀ କରିବା ପାଇଁ ସରକାର ଏବେ ଯୋଜନା କରିଥିବା ସୂଚନା ମିଳିଛି। କିନ୍ତୁ ବାସ୍ତବରେ ଏମାନଙ୍କ ନାମରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଜମାବନ୍ଦୀ ରହିଛି। ଉକ୍ତ ଜମାବନ୍ଦୀକୁ ଅଦ୍ୟାବଧି କେହି ବାତିଲ କରିନାହାନ୍ତି। ପୁନଶ୍ଚ କେତେକ ଜମି ଜଙ୍ଗଲ କିସମ ନ ଥିଲେ ମଧ୍ୟ ତାକୁ ଜଙ୍ଗଲ ଜମି ଭାବେ ବିବେଚନା କରାଯାଉଛି। କିନ୍ତୁ ଏହାର ନିଷ୍ପତ୍ତି ଆବଶ୍ୟକ ଥିବାରୁ ରାଜସ୍ୱ ମନ୍ତ୍ରୀ ଏହି ରେକର୍ଡଗୁଡ଼ିକୁ ତଦନ୍ତ କରି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲାପାଳ କୌଣସି ପଦକ୍ଷେପ ନେଇନାହାନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜମି ସୁରକ୍ଷା କମିଟି ପକ୍ଷରୁ ଦାବି କରାଯାଇଛି। କୋରେଇ ବିଧାୟକ ଆକାଶ ଦାସନାୟକ କହିଛନ୍ତି, ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗତ ବୈଠକରେ ବ୍ୟାସନଗର ଜମି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଜମି ସମସ୍ୟା ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏନେଇ ଜିଲାପାଳଙ୍କ ସହ ମଧ୍ୟ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି।

## ବାପାଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ, ପୁଅ ଗିରଫ

କଳିଙ୍ଗନଗର,୧୧।୮ (ଶୁଭାଶିଷ ରାଉତ)

ଯାଜପୁର ଜିଲା କଳିଙ୍ଗନଗର ଥାନା ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଥିଲା । ଘରୋଇ କଳିକୁ କେନ୍ଦ୍ର କରି ଜଣେ ଯୁବକ ନିଜ ବାପାଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିଲେ ବୋଲି ରବିବାର ଭଗବାନ ନାୟକ( ୫୨) କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ । ସେହି ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୨୬୨ /୨୫) ରୁଜୁ କରି ଅଭିଯୁକ୍ତ ପୁଅ ସାରଙ୍ଗପୁର ଗ୍ରାମ କରୁଣାକର ନାୟକ (୨୫)ଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି ।

## ବୈତରଣୀରେ ବୁଡ଼ି ପୂର୍ବତନ ପୋଲିସ କର୍ମଚାରୀ ମୃତ

ଯାଜପୁର ଟାଉନ,୧୧।୮ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)



ଯାଜପୁର ପଣସା ଗ୍ରାମ ପଞ୍ଚାୟତ ବିନ୍ଧାଣ ଗ୍ରାମର ପୂର୍ବତନ ପୋଲିସ କର୍ମଚାରୀ ପ୍ରଦ୍ୟୁମ୍ନ କୁମାର ନନ୍ଦ ଗତ ରବିବାର ପୁରୁଣା ବୈତରଣୀ ନଦୀ ଅତିକ୍ରମ କରୁଥିବା ବେଳେ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି । ଛେଳି ଚରାଉଥିବା ଲୋକମାନେ ଏହା ଦେଖି ଚିତ୍କାର କରିଥିଲେ । ସ୍ଥାନୀୟ ଲୋକେ ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିପାରି ନ ଥିଲେ । ପୋଲିସ ଓ ଦମକଳ ବାହିନୀ ବି ନଦୀରେ ଖୋଜା ଖୋଜି କରିଲେ । ଶେଷରେ ସ୍ଥାନୀୟ ମୋଟରଙ୍ଗପାଳର କେତେଜଣ ବ୍ୟକ୍ତିଙ୍କ ସହାୟତାରେ ପ୍ରଦ୍ୟୁମ୍ନଙ୍କୁ ଉଦ୍ଧାର କରାଯାଇ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ବୈତରଣୀରେ ଅତ୍ୟଧିକ ବାଲିଖନନ ଓ ନଦୀର ଚଟାଣ ଅସମାନ ଥିବାରୁ ଏହି ଭଳି ଦୁଃଖଦ ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।


**ପୂର୍ବ ତଟ ରେଳପଥ**

ଇ-କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. Ref. SDMM/KUR/EP/2025-26/E-procurement Tender Notice/06, ତା.07.08.2025ରିଖ

(1) ଟେଣ୍ଡର ସଂ. 81256043

କ୍ରମ ସଂ.1 : ସାମଗ୍ରୀଗୁଡ଼ିକର ବିବରଣୀ : ମେସର୍ସ ସଙ୍କ୍ କାର୍ବନ ଟେକ୍ନୋଲୋଜି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (M/s. Schunk Carbon Technology India Pvt. Ltd.) ମଡେଲ-WBL 22.03 କିମ୍ବା ଅନୁରୂପର 3-ଫେଜ୍ MEMU ନିମନ୍ତେ ବେସ୍ ଇନସୁଲେଟରଗୁଡ଼ିକ ସହିତ ନ୍ୟୁମାଟିକ୍ ନିୟନ୍ତ୍ରଣ ୟୁନିଟ୍ ଏବଂ ଭାଲ୍ୱ ଆସେମ୍ବ୍ଲି ଦ୍ୱାରା ସମ୍ପୂର୍ଣ୍ଣ ପାଣ୍ଟୋଗ୍ରାଫ ଆସେମ୍ବ୍ଲି, ପରିମାଣ-10 ଗୋଟି ।

(2) ଟେଣ୍ଡର ସଂ. 81256009

କ୍ରମ ସଂ.2 : ସାମଗ୍ରୀଗୁଡ଼ିକର ବିବରଣୀ : 5 ବର୍ଷର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) ସହିତ ଭୂସମାନ୍ତର ଡ୍ରିଲିଂ ଏବଂ ଟାପିଙ୍ଗ୍ ମେସିନ୍ ଇତ୍ୟାଦିର ଯୋଗାଣ, ଭିତ୍ତିଭୂମି, ସଂସ୍ଥାପନ, ପ୍ରଚଳନ ଏବଂ ପ୍ରମାଣିତ ପରୀକ୍ଷା, ପରିମାଣ-01 ଗୋଟି ।

ବନ୍ଦ ହେବା ତାରିଖ ଓ ସମୟ : ତା.01.09.2025ରିଖ 1500 ଘଟିକାରେ (ଉଭୟ କ୍ରମ ସଂ. ନିମନ୍ତେ) ।

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ www.ireps.gov.in ରେ ଅପ୍‌ଲୋଡ୍ କରାଯାଇଛି ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-457/Q/25-26



**ଜିଲ୍ଲା ପରିଷଦ, ବୌଦ୍ଧ**
**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**

ସଂଖ୍ୟା. ୨୧୫୭ ତାରିଖ. ୦୬.୦୮.୨୦୨୫

**ବିଜ୍ଞାପନ**

No.CAD-1419 : ଏତଦ୍ୱାରା ବୌଦ୍ଧ ଜିଲ୍ଲାର ସମସ୍ତ ଜନସାଧାରଣ, ଜବ୍‌କାର୍ଡଧାରୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ହିତାଧିକାରୀ ଏବଂ ଲୋକ ପ୍ରତିନିଧିମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଆର୍ଥିକ ବର୍ଷ ୨୦୨୫-୨୬ (ପ୍ରଥମ ଚକ୍ର) ତା. ୦୧.୧୦.୨୦୨୪ ରିଖଠାରୁ ତା. ୩୧.୦୩.୨୦୨୫ ରିଖ ପର୍ଯ୍ୟନ୍ତ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବର୍ଷ ୨୦୨୪-୨୫ ଅବଧିରେ କରାଯାଇଥିବା ସମସ୍ତ ପ୍ରକଳ୍ପ ଏବଂ ବିତରଣ ଖାଦ୍ୟ ସାମଗ୍ରୀର ପଞ୍ଚାୟତ ସମିତିସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଅଛି । ଏଥି ନିମନ୍ତେ ଯଦି କୌଣସି ଆପତ୍ତି ଅଭିଯୋଗ ଥାଏ, ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାର ବିମର୍ଶ କରାଯିବ ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ (ପୂର୍ବାହ୍ନ ଘ.୧୦.୩୦ ଟିକା) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ ଅଧିକାରୀ |
|---|---|---|---|
| ବୌଦ୍ଧ | ୧୯.୦୮.୨୦୨୫ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ | ଅତିରିକ୍ତ ଜିଲ୍ଲାପାଳ, ବୌଦ୍ଧ |
| ହରଭଙ୍ଗା | ୨୦.୦୮.୨୦୨୫ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧ |
| କଣ୍ଟାମାଳ | ୨୧.୦୮.୨୦୨୫ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ | ଉପଜିଲ୍ଲାପାଳ, ବୌଦ୍ଧ |

ଏଣୁ ଉକ୍ତ ବ୍ଲକସ୍ତରୀୟ ଜନଶୁଣାଣିରେ ଆପଣମାନେ ବହୁ ସଂଖ୍ୟାରେ ଯୋଗଦେଇ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ଆପଣଙ୍କର ସୁଚିନ୍ତିତ ମତାମତ ଦେବାକୁ ବିନମ୍ର ଅନୁରୋଧ ।

ସ୍ୱା./- ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧ

OIPR-19234/11/0004/2526


# ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ମୋନାଲିସାଙ୍କ ଧାରଣା

ଯାଜପୁର ଟାଉନ,୧୧।୮ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

**ପିହୁ ନିଖୋଜ ଘଟଣାକୁ ୫ବର୍ଷ ପୂରିଲା**



ପିହୁ ନିଖୋଜ ଘଟଣାକୁ ଇତିମଧ୍ୟରେ ୫ବର୍ଷ ପୂରିଛି । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ପିହୁଙ୍କ ମା' ମୋନାଲିସା ନାୟକ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ପ୍ରଶାସନ ନ ଦେଲେ ଧାରଣାରୁ ଉଠିବେ ନାହିଁ ବୋଲି ସେ ଚେତାବନୀ ଦେଇଥିଲେ। ଏପରି କି ଏହି ଘଟଣାର ତଦନ୍ତରେ ଯେଉଁମାନେ ଅବହେଳା ପ୍ରଦର୍ଶନ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୋନାଲିସା ଦାବି କରିଛନ୍ତି। ସୂଚନାଯୋଗ୍ୟ, ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମର କୁନି ଝିଅ ଶୁଭଲକ୍ଷ୍ମୀ ନାୟକ (ପିହୁ) ୨୦୨୦ ଅଗଷ୍ଟ ୯ ତାରିଖ ଦିନ ଘର ସମ୍ମୁଖ ଗାଁଦାଣ୍ଡରେ ଖେଳୁଥିବା ସମୟରେ ନିଖୋଜ ହୋଇଯାଇଥିଲେ। ଏ ନେଇ ମୋନାଲିସା ବିଞ୍ଝାରପୁର ଥାନାରେ ସେହିଦିନ ଲିଖିତ ଅଭିଯୋଗ କରିଥିଲେ। ହେଲେ ବିଞ୍ଝାରପୁର ପୋଲିସ ସେହିଦିନ ମାମଲା ରୁଜୁ ନ କରି ୧୪ ତାରିଖରେ ମାମଲା ରୁଜୁ କରିଥିଲା। ବାରମ୍ବାର ଥାନାକୁ ଯିବାରୁ ତତ୍କାଳୀନ ଥାନାଧିକାରୀ ନିରଞ୍ଜନ ଶବର ମୋନାଲିସାଙ୍କୁ ଆଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ପିହୁ ନିଖୋଜ ଘଟଣା ୫ ବର୍ଷ ପୁରି ଯାଉଥିବା ବେଳେ ଅଦ୍ୟାବଧି ତାର କୌଣସି ସନ୍ଧାନ ମିଳିନାହିଁ । ସେଥିପାଇଁ ମୋନାଲିସା ଧାରଣା ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଘଟଣା ସ୍ଥଳରେ ପହଞ୍ଚି ମୋନାଲିସାକୁ ବୁଝାଶୁଝା କରିଥିଲେ ମଧ ସେ ଧାରଣାରୁ ଓହରି ନ ଥିଲେ। ପରେ ଜିଲାପାଳ ଅମ୍ବର କୁମାର କର ମୋନାଲିସାଙ୍କୁ ବୁଝାଶୁଝା କରିବା ସହ ଧାରଣାରୁ ନିବୃତ୍ତ ହେବା ପାଇଁ କହିଥିଲେ। ତୁରନ୍ତ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ମୋନାଲିସା ଧାରଣାରୁ ଉଠିଥିଲେ।


** କାନାରା ବ୍ୟାଙ୍କ Canara Bank** A Government of India Undertaking — ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବନ୍ଧକ ସୁନା ଅଲଙ୍କାରଗୁଡିକର ଇ-ନିଲାମ ବିଜ୍ଞପ୍ତି**

କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖାର ଶାଖା ମୁଖ୍ୟମାନଙ୍କ ଦ୍ୱାରା ସୁନା ଋଣ ବାବଦ ବ୍ୟାଙ୍କର ବକେୟା ଦେୟ ପରିଶୋଧ କରିବା ପାଇଁ ସୁନା ଋଣଗ୍ରହୀତାମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ସୁନା ଅଲଙ୍କାରଗୁଡ଼ିକୁ "ଯାହା ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ଅନ୍‌ଲାଇନ୍ ନିଲାମ କରାଯିବ। ଅନ୍‌ଲାଇନ୍ ନିଲାମ https://egold.auctiontiger.net ମାଧ୍ୟମରେ ଅନୁଷ୍ଠିତ ହେବ।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୭.୦୮.୨୦୨୫ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା
ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୬.୦୮.୨୦୨୫ ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ
ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୬.୦୮.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ | ମୋଟ ଓଜନ ଏବଂ ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| **ଅତସପୁର ଶାଖା (୦୨୮୩), ମୋ.: ୭୬୦୫୦୦୯୦୪୭, IFSC CODE-CNRB0000283** | | | | |
| ୧. | ଝରଣା ଭୋଇ, ସ୍ୱାମୀ: ଜଗବନ୍ଧୁ ଭୋଇ, ସା: ସଲେଇବେଦପୁର, ପୋ: ଅଁଳ, କଟକ, ଓଡ଼ିଶା, ପିନ୍-୭୫୪୦୧୦ / ୧୮୦୦୮୨୯୯୮୦୬୨ | ଟ.୨୧,୯୩୭/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୪୦,୦୦୦/- | ୬.୨ ଏବଂ ୫ |
| **ପାରାଦୀପ ଶାଖା (୧୪୩୫), ମୋ.: ୭୬୦୫୦୦୯୦୯୭, IFSC CODE-CNRB0001435** | | | | |
| ୧. | ବିଶ୍ୱଜିତ ଦାଶ, ପିତା: ବସନ୍ତ କୁମାର ଦାଶ, ବଡ଼ପଡିଆ, ଜଗତସିଂହପୁର, ପାରାଦୀପ, ଓଡ଼ିଶା, ପିନ୍-୭୫୪୧୪୨ / ୧୮୦୪୦୬୬୨୬୨୫୦ | ଟ.୩,୮୧,୫୯୩/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୫,୪୯,୦୦୦/- | ୭୬.୧ ଏବଂ ୬୧ |
| **ଉତ୍ତରଣ ଶାଖା (୪୪୨୪), ମୋ.: ୭୬୦୫୦୦୯୦୯୯, IFSC CODE-CNRB0004424** | | | | |
| ୧. | ସୁଚିତ୍ରା ବେହେରା, ସ୍ୱାମୀ: ମଙ୍ଗୁଳି ବେହେରା, ସା: ଏରଞ୍ଚ, ପୋ: ଏରଞ୍ଚ, କଟକ, ଓଡ଼ିଶା, ପିନ୍-୭୫୪୧୦୫ / ୧୮୦୩୫୨୧୮୮୬୬୭ | ଟ.୪୫,୨୨୬/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୭୦,୦୦୦/- | ୧୦.୧ ଏବଂ ୮ |
| **ଝାରପଡା ଶାଖା (୪୯୭୨), ମୋ.: ୭୬୦୫୦୦୯୦୯୫, IFSC CODE-CNRB0004972** | | | | |
| ୧. | ରୁଦ୍ରନାରାୟଣ ପାଢ଼ୀ, ପିତା: ପ୍ରଶାନ୍ତ କୁମାର ପାଢ଼ୀ, ସା/ପୋ: ବସୁନ୍ଦରା, ଭାୟା: ବିରିଡି ରୋଡ୍, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୧ / ୧୬୪୦୪୦୨୦୭୯୮୯ | ଟ.୧୬,୦୦୦/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୩୭,୬୫୯/- | ୪.୪ ଏବଂ ୩.୯୬ |
| ୨. | ରୁଦ୍ରନାରାୟଣ ପାଢ଼ୀ, ପିତା: ପ୍ରଶାନ୍ତ କୁମାର ପାଢ଼ୀ, ସା/ପୋ: ବସୁନ୍ଦରା, ଭାୟା: ବିରିଡି ରୋଡ୍, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୧ / ୧୮୦୩୭୯୦୬୫୧୧୮ | ଟ.୧,୫୯,୫୪୯/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୨,୮୨,୦୧୯/- | ୩୨.୯୫ ଏବଂ ୨୯.୬୫ |
| ୩. | ରୁଦ୍ରନାରାୟଣ ପାଢ଼ୀ, ପିତା: ପ୍ରଶାନ୍ତ କୁମାର ପାଢ଼ୀ, ସା/ପୋ: ବସୁନ୍ଦରା, ଭାୟା: ବିରିଡି ରୋଡ୍, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୧ / ୧୮୦୪୦୮୮୩୮୯୮୭ | ଟ.୧,୪୨,୮୮୫/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୨,୫୮,୭୩୮/- | ୩୦.୨୩ ଏବଂ ୨୭.୨ |
| **ଗୋପିନାଥପୁର ଶାଖା (୯୨୪୧), ମୋ.: ୭୬୦୫୦୦୯୦୮୧, IFSC CODE-CNRB0009241** | | | | |
| ୧. | ସାହିସ୍ତା ପରୱିନ୍, ଭଗବାନପୁର, ପିତେଇପୁର, କାଦୁଅପଡା, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୬ / ୧୬୪୦୩୨୫୨୯୮୬୦ | ଟ.୧,୫୯,୪୧୨/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୯୨,୦୦୦/- | ୧୩.୭ ଏବଂ ୧୦ |
| ୨. | ସାହିସ୍ତା ପରୱିନ୍, ଭଗବାନପୁର, ପିତେଇପୁର, କାଦୁଅପଡା, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୬ / ୧୬୪୦୩୨୫୩୩୯୨୬ | ଟ.୧,୫୯,୪୧୨/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୭୫,୪୦୦/- | ୧୧ ଏବଂ ୮.୨ |
| **ସିଡ଼ିଏ ଶାଖା (୧୮୦୯୪), ମୋ.: ୯୪୩୭୪୯୬୦୨୧, IFSC CODE-CNRB0018094** | | | | |
| ୧. | ପ୍ରଭାତ କୁମାର ପାତ୍ର, ପିତା: ପଞ୍ଚାନନ ପାତ୍ର, ସା: କଳାମାଟିଆ, ପୋ: କାଇପଦା, ବରୀ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୦ / ୧୮୦୦୮୮୭୮୬୪୮୩ | ଟ.୯୦,୨୮୪.୬୮ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୩,୨୮,୪୪୦/- | ୩୯.୭୫ ଏବଂ ୩୫.୭ |

ଅମାନତ ଜମା ବିବରଣୀ: ଆକାଉଣ୍ଟ ନଂ.: ୨୦୯୨୭୨୪୩୪, ଆକାଉଣ୍ଟର ନାମ: CANARA BANK, IFSC Code: ସମ୍ପୃକ୍ତ ଶାଖାର IFSC Code, ଅମାନତ ଜମା ରାଶି: ଟ.୨୫,୦୦୦/-

ଯାଞ୍ଚ ଓ ଅନ୍ୟ କୌଣସି ଅନୁସନ୍ଧାନ ପାଇଁ ଦୟାକରି ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତୁ। ନିଲାମଧାରୀମାନେ ଅମାନତ ଜମା ଦାଖଲ ତାରିଖ ସୁଦ୍ଧା କେୱାଇସି କାଗଜାତ୍ ଏବଂ ପ୍ରତି ଶାଖା ପିଛା ଅମାନତ ରାଶି ଜମା କରିବେ। ଅଧିକ ସୂଚନା ପାଇଁ ଦୟାକରି e-Procurement Technologies Limited (Auction Tiger), ମୋ: 9023724780 କିମ୍ବା 6359575981ରେ ଯୋଗାଯୋଗ କରନ୍ତୁ। ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଦୟାକରି https://egold.auctiontiger.net ଦେଖନ୍ତୁ।

ସ୍ଥାନ : କଟକ, ତାରିଖ : ୧୧.୦୮.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**DISTRICT PROJECT OFFICE**
SAMAGRA SHIKSHA, SUNDARGARH, ODISHA
In front of B.S. High School, At/Po/Dist - Sundargarh, Pin - 770001
Email - dpcsndgssa.opepa@nic.in Phone No. - 06622-273718
No.2676/GE/Date : 11.08.2025

**EXPRESSION OF INTEREST (EOL) IS INVITED FOR PROCUREMENT AND SUPPLY OF SCHOOL UNIFORM FOR SECONDARY SCHOOLS FOR CLASS IX & X FROM MSE (MANUFACTURING UNITS)/WSHG UNITS OF SUNDARGARH DISTRICT**

Interested MSE Manufacturing units/WSHGs units having Willingness and aptitude for providing school uniforms to schools are invited to submit their proposals before the concerned Block Education Officer in the prescribed format within 10 (Ten) days of this advertisement i.e, on or before 22.08.2025 from the MSE Manufacturing units/WSHGs units for supply of uniform for secondary schools for Class IX & X. The detailed terms and conditions for supply of uniform can be downloaded from the district official website http://www.sundargarh.odisha.gov.in

By the order of Collector & DM, Sundargarh
Sd./-DEO-cum-DRC, SS Sundargarh



**Government of Jharkhand**
**Department of School Education and Literacy**
**(Jharkhand Education Project Council, Ranchi)**
J.S.C.A. Stadium Road, Sector.-III, Dhurwa, Ranchi-834004
Phone:0651-2444501, E-Mail: jepcranchi1@gmail.com

**Tender Notice**

JEPC invites Separate Technical & Financial Bids from eligible and interested contractors for Constructions of Physics/Chemistry/Biology Lab in Secondary and Higher Secondary Schools in different blocks/district of Jharkhand. Interested and eligible bidders are requested to submit their proposal latest by 26.08.2025 at 2.00 PM.

The details of tender document can be seen and applied through website **http://jepc.jharkhand.gov.in** only.

Sd/-
State Project Director
Jharkhand Education Project Council

Ref. No.: JEPC/CIV/03/1604/2025/3063 Ranchi, Date :- 08.08.2025
PR.NO.359327 Jharkhand Education Project Council(25-26):D



**WORKS DEPARTMENT**
**OFFICE OF THE SUPERINTENDING ENGINEER**
**BHADRAK (R&B) DIVISION**
No.B-388 e-mail : bhadrakrnbdivision@gmail.com

**Government of Odisha "e" Procurement Notice**
**Bid Identification No. SE (R&B) BDK-10/2025-26**
**No.6257/dt.-05.08.2025**

| | |
|---|---|
| Nature of work | : Civil & EI Works |
| Number of works | : 3 (Three) Nos |
| Amount put to Tender | : Rs.9.54 to 50.89 |
| Class of Contractor | : B Class, B&C, HT or MV with Authorised Dealer of OEM |
| Date & Time of availability of bid document in the portal | : 16.08.2025 |
| Last Date / Time of receipt of bid in the portal | : 25.08.2025 up to 05.00 PM |
| Date of opening of bid | : Dt.26.08.2025 at 11.30 AM |
| Name & address of the Office inviting bid | : Superintending Engineer, Bhadrak (R&B) Division |

The bidders have to participate in ONLINE bidding only.
Further details can be seen from the e-procurement portal : "http//tendersodisha.gov.in".
All future corrigendum will be available on ONLINE mode only.

Sd./- Superintending Engineer
Bhadrak (R&B) Division

OIPR-34079/11/0026/2526



**କାନାରା ବ୍ୟାଙ୍କ Canara Bank** — ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧, ମୋ.: ୭୯୭୮୫୪୮୪୮୩

**ଯନ୍ତ୍ରପାତି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ବଡି ମେସିନ୍ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| ଶାଖାର ନାମ / ଫୋନ୍ ନଂ. | ଋଣଗ୍ରହୀତାଙ୍କ ନାମ / ଆକାଉଣ୍ଟ ନଂ. / ଋଣପ୍ରଦାନ ତାରିଖ / ଏନ୍‌ପିଏ ତାରିଖ | ଯନ୍ତ୍ରପାତିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି |
|---|---|---|---|
| ନଖରା ଶାଖା (୩୫୨୪) / ଫୋନ୍: ୭୬୦୫୦୦୯୦୮୯ | ରୀନା ଭୋଇ / ୧୮୪୦୦୨୪୧୪୯୯୭ / ୧୦.୦୩.୨୦୨୩ / ୧୮.୦୫.୨୦୨୪ | (1) GRINDING MACHINE-5KG, (2) BADI DROPING MACHINE, (3) DRYER, (4) WEIGH MACHINE, (5) PACKING MACHINE | ଟ.୪୮,୮୦୦/- / ଟ.୪,୮୮୦/- |

ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:
୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "................... କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ତା.୨୬.୦୮.୨୦୨୫ରିଖ ସୁଦ୍ଧା ଦାଖଲ କରିବେ। ପ୍ରସ୍ତାବଗୁଡିକ ତା.୨୭.୦୮.୨୦୨୫ରିଖ ଦିନ ଖୋଲାଯିବ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ କାନାରା ବ୍ୟାଙ୍କ ସପକ୍ଷରେ ସମ୍ପୃକ୍ତ ଶାଖାକୁ ପୈଠ ଦର୍ଶାଇ ଦାଖଲ କରିବେ।
୩. ଯନ୍ତ୍ରପାତିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ତା.୨୬.୦୮.୨୦୨୫ରିଖ ସୁଦ୍ଧା ଯାଞ୍ଚ କରିପାରିବେ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ / ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୭ ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ।
୬. ଅମାନତ ଜମା ରାଶି ଦାଖଲ କରିବାର ଅନ୍ତିମ ତାରିଖ: ୨୬.୦୮.୨୦୨୫।

ଏହି ନୋଟିସ୍ ଦ୍ୱାରା ଯନ୍ତ୍ରପାତିର ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି କି ୧୫ ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଯନ୍ତ୍ରପାତି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।

ସ୍ଥାନ: କଟକ, ତାରିଖ: ୧୧.୦୮.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**NCC GROUP HEADQUARTERS, CUTTACK**

1. Applications are invited from retd. offrs. of the Armed Forces for the post of Manager for CSD of NCC Gp. HQs, Cuttack.
2. **Qualifications & Terms of Employment.**
(a) Rk - Retd. Lt. Col. / Col.
(b) Age - Max 60 yrs.
(c) Min. 5 yrs experience in handling Type 'F' Cat | CSD.
(d) Knowledge of IT & Accts.
(e) Experience in HR mgt.
(f) Residing within 30 kms around Cuttack.
(g) Well versed with labour laws and policies/guidelines on CSD & QD Fund.
(h) Consolidated monthly pay of Rupees Sixty Thousand only (Rs 60,000/-) (Negotiable)
(j) Not emp in any Govt/ Semi Govt/Pvt Org.
(k) 11 months on contractual basis (Max four tenures can be given)
3. Interested retd offrs to send their resume alongwith copy of PPO, Discharge Book & self certificate (No recordable discp award in career) to the address below:-
OIC CSD
NCC Gp HQs, Cuttack
SO-15, Cantonment Road
Near Senior Police Officers' Mess
Cuttack-753001
**e mail : gphqcuttack@nccorissa.org**
**Mob :7893123452**
4. Last date for submission of applications is **25 Aug. 2025.**



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ଭୁବନେଶ୍ୱର

**ଟେଣ୍ଡର ବିଜ୍ଞପ୍ତି**

Sd./- Superintending Engineer
M.I. Division, Jeypore

OIPR-32374/11/0013/2526

# ‘ଧାନ ବିକ୍ରି ପଞ୍ଜୀକରଣ ନିୟମ ଅତ୍ୟନ୍ତ କଠୋର’

## ଏମ୍‌ପିଙ୍କୁ ଭେଟିଲେ ଓଡ଼ିଶା କୃଷକ ବିକାଶ ମଞ୍ଚର ପ୍ରତିନିଧି ଦଳ

ଯାଜପୁର,୧୧।୮
(ହର୍ଷବର୍ଦ୍ଧନ ବେହେରା)


ଯାଜପୁର ଏମ୍‌ପିଙ୍କ ଓଡ଼ିଶା କୃଷକ ବିକାଶ ମଞ୍ଚର ପ୍ରତିନିଧି ଦଳ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

ଓଡ଼ିଶା କୃଷକ ବିକାଶ ମଞ୍ଚ ଯାଜପୁର ଶାଖାର ଏକ ପ୍ରତିନିଧି ଦଳ ସୋମବାର ଯାଜପୁର ସର୍କିଟ ହାଉସଠାରେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ଭେଟି ଚାଷୀଙ୍କ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ୫ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଚଳିତବର୍ଷ ପାଇଁ ସରକାର ଧାନ ବିକ୍ରି ପଞ୍ଜୀକରଣ ନିୟମ ଅତ୍ୟନ୍ତ କଠୋର କରିଛନ୍ତି। ଫଳରେ ବହୁ ଚାଷୀ ପଞ୍ଜୀକରଣ କରିପାରୁନାହାନ୍ତି ଏବଂ ଧାର୍ଯ୍ୟମୂଲ୍ୟରେ ଖରିଫ ଚାଷୀ ଧାନ ବିକ୍ରି କରିବା ପାଇଁ ସମର୍ଥ ହେବେ ନାହିଁ। ରାଜ୍ୟ ସରକାର ଗତ ସପ୍ତାହରେ ଏହାକୁ କୋହଳ କରି ସତ୍ୟପାଠ ମାଧ୍ୟମରେ ଠିକ୍ ତଥ୍ୟ ଦେଇ ଚାଷୀ ପଞ୍ଜୀକରଣ କରିପାରିବେ ବୋଲି ସୂଚନା ଦେଇଥିଲେ ବି ବାସ୍ତବରେ କୋହଳ ନିୟମକୁ ଆଧାର କରି ଚାଷୀଙ୍କ ଧାନ ବିକ୍ରି ପଞ୍ଜୀକରଣ କରାଯାଉନାହିଁ। ଫଳରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିଭଳି ଯାଜପୁର ଜିଲାର ବହୁ ରାଜସ୍ୱ ଗ୍ରାମ ଏ ପର୍ଯ୍ୟନ୍ତ ନଟ୍ ଫାଇନାଲ ଏରିଆ ଭାବେ ଥିବାରୁ ବୀମା ପଞ୍ଜୀକରଣ ଓ ଧାନ ବିକ୍ରି ପଞ୍ଜୀକରଣ କରିବାକୁ ସେହି ଗ୍ରାମର ଚାଷୀ ବଞ୍ଚିତ ହେଉଛନ୍ତି। ତେଣୁ ତୁରନ୍ତ ନଟ୍ ଫାଇନାଲ ଏରିଆକୁ ଫାଇନାଲ ଏରିଆ ଭାବେ ଘୋଷଣା କରିବାକୁ ରାଜସ୍ୱ ବିଭାଗ ପକ୍ଷରୁ ତୁରନ୍ତ ବିହିତ ବ୍ୟବସ୍ଥା ପାଇଁ ଦାବି କରାଯାଇଛି। ଚଳିତ ଖରିଫ ଋତୁରେ ଚାଷୀଙ୍କୁ ସମବାୟ ସମିତି ପକ୍ଷରୁ ରାସାୟନିକ ସାର ଯୋଗାଇ ଦେବାର ବ୍ୟବସ୍ଥା ଥିବାବେଳେ ଚାଷୀଙ୍କ ଆବଶ୍ୟକତାକୁ ବିଚାରକୁ ନେଇ ତୁରନ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ ସାର ଯୋଗାଇଦେବାକୁ ଦାବି କରାଯାଇଛି। ଚଳିତବର୍ଷ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଜିଲାର ଅନେକ ପଞ୍ଚାୟତର ଚାଷ ଜମି ଧୋଇ ହୋଇଯିବା ସହିତ ଧାନତଳି ମଧ୍ୟ ପଚି ନଷ୍ଟ ହୋଇଯାଇଛି। ରୁଆ ହୋଇଥିବା ଧାନ କ୍ଷେତରେ ଆଣ୍ଠୁଏ ଉଚ୍ଚର ପାଣି ଥିବାରୁ ଧାନଗଛ ପଚି ନଷ୍ଟ ହୋଇଛି। ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରି ଠିକ୍ ତଥ୍ୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରି ସେହି ଆଧାରରେ ଫସଲ କ୍ଷତିପୂରଣ ରାଶି ଅବିଳମ୍ବେ ପ୍ରଦାନ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। କେନାଲ ମରାମତି ପାଇଁ ଜଳସେଚନ ବିଭାଗ ପକ୍ଷରୁ ଆର୍ଥିକ ଅନୁଦାନ ଦିଆଯାଇଥିଲେ ବି କେନାଲଗୁଡ଼ିକ ବର୍ଷାଋତୁ ପୂର୍ବରୁ ମରାମତି ଓ ସଫେଇ ହୋଇ ନ ଥିବାରୁ କେନାଲର ଶେଷମୁଣ୍ଡ ପର୍ଯ୍ୟନ୍ତ ଚାଷୀଙ୍କ ଜମିକୁ ପାଣି ମାଡ଼ି ପାରୁନାହିଁ। ତୁରନ୍ତ ଏହାର ଆସୁ ମରାମତି ଓ ସଫେଇ କାର୍ଯ୍ୟ କରିବାକୁ ଦାବି କରାଯାଇଛି। ଏଥି ସହିତ ଖାଲୁଆ ଜମିଗୁଡ଼ିକ ଜଳବନ୍ଦୀ ହୋଇ ରହିଥିବାରୁ ତୁରନ୍ତ ନାଳ କରାଯାଇ କିମ୍ବା ନାଳର ପୁନରୁଦ୍ଧାର କରାଯାଇ ଖାଲୁଆ ଚାଷଜମିରୁ ପାଣି ନିଷ୍କାସନ ପାଇଁ ବିହିତ ବ୍ୟବସ୍ଥା କରିବାକୁ ଏମ୍‌ପିଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଏମ୍‌ପି ବେହେରା ଚାଷୀଙ୍କ ସ୍ୱାର୍ଥ ସମ୍ବଳିତ ଦାବିଗୁଡ଼ିକୁ ଶୁଣିବା ସହିତ ଅବିଳମ୍ବେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇ ଆଲୋଚନା କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। କୃଷକ ସଂଗଠନ ପକ୍ଷରୁ ଜିଲା କୃଷକ ବିକାଶ ମଞ୍ଚ ସଭାପତି ଶେଖ କମାଉଦ୍ଦିନ, ସାଧାରଣ ସମ୍ପାଦକ ରବୀନ୍ଦ୍ର ଜେନା, ସନାତନ ସାହୁ, ସଞ୍ଜୟ ରାଉତ, ବାସୁଦେବ ଧଳ, ସୁପ୍ରକାଶ ପଣ୍ଡା, ସୀମାନ୍ତ ପାତ୍ର, କଳ୍ପତରୁ ରାଉତ, ଭୁବନାନନ୍ଦ ସାମଲ, ରବିନାରାୟଣ ବିଶ୍ୱାଳ, ସନ୍ତୋଷ କୁମାର ସାମଲ, ବିଭୁ ପ୍ରସାଦ ସ୍ୱାଇଁ ଏଥିରେ ସାମିଲ ହୋଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅବିନାଶ


@ ଦିବ୍ୟରଞ୍ଜନ


@ ଦିନେଶ


@ ବିଶ୍ୱଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୂଷିତ ପାଣି ପିଇ ଜଣ୍ଡିସ୍‌ରେ ଆକ୍ରାନ୍ତ ଛାତ୍ରୀଛାତ୍ର

## ଗୋପାଳପୁର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଆଳି,୧୧।୮ (ବନମାଳୀ ସେନାପତି)


ସ୍ୱାସ୍ଥ୍ୟ ଓ ଜଳ ଯୋଗାଣ ବିଭାଗ ଅଧିକାରୀମାନେ ଶିକ୍ଷକମାନଙ୍କ ସହ ଆଲୋଚନା କରୁଛନ୍ତି।

ଆଳି ବ୍ଲକ୍ ନରେନ୍ଦ୍ରପୁର ପଞ୍ଚାୟତ ଗୋପାଳପୁର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ ଜଣ ଛାତ୍ରୀଛାତ୍ର ଦୂଷିତ ପାଣି ପିଇ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଏହା ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ଓ ଜଳ ଯୋଗାଣ ବିଭାଗ ସ୍କୁଲରେ ପହଞ୍ଚି ଘଟଣାର ଅନୁଧ୍ୟାନ ଆରମ୍ଭ କରିଛନ୍ତି।

ବିଦ୍ୟାଳୟର ନଳକୂଅଟି ପ୍ରାୟ ୮ ବର୍ଷ ହେବ ଅଚଳ ହୋଇପଡ଼ିଥିବା ବେଳେ ହ୍ୟାଣ୍ଡପମ୍ପ ପାଣିକୁ ମଧ୍ୟାହ୍ନଭୋଜନ ସହ ପିଇବା ନିମନ୍ତେ ସ୍କୁଲ ଛାତ୍ରୀଛାତ୍ରମାନେ ବ୍ୟବହାର କରିଥାନ୍ତି। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ। ଫଳରେ ସପ୍ତାହେ ହେବ ସ୍କୁଲରେ ପାଠ ପଢ଼ୁଥିବା ୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଣ୍ଡିସ୍ ଲକ୍ଷଣ ଦେଖାଦେଇଥିଲା। ଛାତ୍ରୀଛାତ୍ରଙ୍କ ଆଖି ହଳଦିଆ ପଡ଼ିଯିବା ସହ ପରିସ୍ରା ମଧ୍ୟ ହଳଦିଆ ହେଉଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଡାକ୍ତରଙ୍କୁ ଦେଖାଇବା ପରେ ଛାତ୍ରୀଛାତ୍ରୀମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଏହି ଖବର ଜଣାପଡ଼ିବା ପରେ ସୋମବାର ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ଶୁକ୍ଲାଙ୍କ ନେତୃତ୍ୱରେ ଏକ ଟିମ୍ ସ୍କୁଲରେ ପହଞ୍ଚି ପ୍ରାୟ ୩୫ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ୫ ଜଣ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହକରି ପରୀକ୍ଷା ନିମନ୍ତେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏଥିସହ ନଳକୂଅରୁ ବାହାରୁଥିବା ପାଣି ମଧ୍ୟ ପରୀକ୍ଷା ନିମନ୍ତେ ନିଆଯାଇଥିବା ନେଇ ଡାକ୍ତର ବିଶ୍ୱଜୟ ଶର୍ମା ସୂଚନା ଦେଇଛନ୍ତି। ସେହିପରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଅଶୋକ ସାହୁ କହିଛନ୍ତି, ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଯାଇଛି। ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହୋଇପାରିବ ବୋଲି ସେ ସୂଚନା ଦେଇଛନ୍ତି।

# ଅଭିଯୋଗ ମିଥ୍ୟା, କପୋଳକଳ୍ପିତ: ନାରୀ ସୁରକ୍ଷା ସଂଗଠନ

## ଶ୍ୱଶୁରଙ୍କ ବିରୋଧରେ ବୋହୂଙ୍କ ଅସଦାଚରଣ ଅଭିଯୋଗ ଘଟଣା

■ ବଦଳିଲା ତେଜସ୍ୱିନୀର ମତ

ରଘୁନାଥପୁର,୧୧।୮
(ରାଜେନ୍ଦ୍ର ନାରାୟଣ ସିଂହ):

ଶ୍ୱଶୁର ଅସଦାଚରଣ କରିଥିବା ନେଇ ରଘୁନାଥପୁର ଥାନା ଅଞ୍ଚଳର ଜଣେ ମହିଳା ପୋଲିସରେ ଅଭିଯୋଗ କରିଥିଲେ। ଅନୁରୂପ ଭାବେ ଜଗତ୍‌ସିଂହପୁରସ୍ଥିତ ତେଜସ୍ୱିନୀ ନାରୀ ସୁରକ୍ଷା ସଂଗଠନ ପାଖରେ ମଧ୍ୟ ସମ୍ପୃକ୍ତା ମହିଳା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତେଜସ୍ୱିନୀର ସଦସ୍ୟାମାନେ ସମ୍ପୃକ୍ତା ମହିଳାଙ୍କୁ ସାଥିରେ ନେଇ ଏସ୍‌ପିଙ୍କୁ ଭେଟି ରଘୁନାଥପୁର ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ କରିଥିଲେ। ଏଥିସହ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ମହିଳା ସଙ୍ଗଠନ ନିଜର ମତ ବଦଳାଇ ରବିବାର ସନ୍ଧ୍ୟାରେ ପୋଲିସକୁ ଭେଟି ନିଜର ପକ୍ଷ ରଖିଛି। ଅଭିଯୁକ୍ତ ଶ୍ୱଶୁରଙ୍କ କୌଣସି ଚାରିତ୍ରିକ ଦୋଷ ନ ଥିବା ଏବଂ ତାଙ୍କ ବିରୋଧରେ ହୋଇଥିବା ଅସଦାଚରଣ ଅଭିଯୋଗ ମିଥ୍ୟା ବୋଲି ନାରୀ ସଙ୍ଗଠନର ସଭାନେତ୍ରୀ ଅଞ୍ଜନା ସାହୁ ପ୍ରକାଶ କରିଛନ୍ତି। ଜମିବାଡି ବିବାଦକୁ ନେଇ ଅଭିଯୁକ୍ତ ଶ୍ୱଶୁରଙ୍କୁ ଫସାଇବା ପାଇଁ ଏହା ଏକ ଚାଲ ବୋଲି ସଭାନେତ୍ରୀ ସାହୁ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଶ୍ୱଶୁରଙ୍କ ବିରୋଧରେ ବୋହୂ ଥାନାରେ ଅଭିଯୋଗ କଲାପରେ ସୋସିଆଲ ମିଡିଆରେ ଘଟଣାଟି ଭାଇରାଲ ହୋଇଥିଲା। ଏଥିରେ ଶ୍ୱଶୁର ମର୍ମାହତ ହୋଇ ସ୍ତ୍ରୀଙ୍କ ଜରିଆରେ ନିଜ ପୁଅ ବୋହୂଙ୍କ କାରନାମା ନେଇ ରଘୁନାଥପୁର ଥାନାରେ ପାଲଟା ଅଭିଯୋଗ କରିବା ସହ ତେଜସ୍ୱିନୀ ମହିଳା ସଙ୍ଗଠନ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଏହି ଘଟଣାର ସତ୍ୟାସତ୍ୟ ପରଖିବାକୁ ଯାଇ ସଂଗଠନର ସଭାନେତ୍ରୀ ସାହୁଙ୍କ ସହ ସଦସ୍ୟା କାମିନୀ ମିଶ୍ର, ପୁଷ୍ପଲତା ସାହୁ ଓ ଅଞ୍ଜନା ମହାନ୍ତି ଅଯୋଧ୍ୟାପୁର ଗ୍ରାମ ଗସ୍ତ କରିଥିଲେ। ସେଠାରେ ଘରର ପାରିପାର୍ଶ୍ୱିକ ଅବସ୍ଥା, ଗ୍ରାମବାସୀଙ୍କ ମତାମତ ଏବଂ ଉଭୟ ଅଭିଯୋଗକାରୀଙ୍କ ବୟାନ ଅନୁଯାୟୀ ଶ୍ୱଶୁର ଉପରେ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି ସଂଗଠନର ସଭାନେତ୍ରୀ ଓ ସଦସ୍ୟମାନେ ରଘୁନାଥପୁର ଥାନା ପରିସରରେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ରଘୁନାଥପୁର ପୋଲିସ ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ପୃଥକ୍ ମାମଲା (ନଂ.୧୬୭/୨୫ ଓ ୧୬୮/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବଜାର ନିକଟ ନାଳରେ ୨୦ ଫୁଟର କୁମ୍ଭୀର



ରାଜନଗର, ୧୧।୮ (ଭାସ୍କର ରାଉତରାୟ):

ରାଜନଗର ବ୍ଲକ୍ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଜରିମୂଳ ବଜାରର ବ୍ୟାଙ୍କ ଅଫ୍ ବରୋଦା ନିକଟ ନାଳରେ ୨୦ ଫୁଟ ଲମ୍ବର ବଉଳା କୁମ୍ଭୀର ଭାସିବା ସହ କେନାଲ ନିକଟରେ ଥିବା ଚାଷଜମି ଉପରକୁ ଉଠି ଶୋଇଥିବା ଅବସ୍ଥାରେ ସୋମବାର ଦେଖିବାକୁ ମିଳିଛି। ପୂର୍ବରୁ ଏହି କୁମ୍ଭୀର ମହିଳାଙ୍କୁ ଟାଣି ନେଇ ଖାଇଥିବାରୁ ପୁଣି ଆକ୍ରମଣର ଆଶଙ୍କାକରି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଛନ୍ତି। ବନ ବିଭାଗକୁ ସ୍ଥାନୀୟ ଲୋକେ ଖବର ଦେବା ପରେ ବି ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ଖବର ପାଇବା ପରେ କୁମ୍ଭୀରକୁ ଜାଲ ମାଧ୍ୟମରେ ଧରିବାକୁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।

# ଉଭୟ ପରିବାର ସହମତିରେ ଥାନାରେ ପଡ଼ିଲା ହାତଗଣ୍ଠି

## ବିଳମ୍ବିତ ରାତିରେ ପ୍ରେମିକାଙ୍କ ଘରକୁ ଆସି ପ୍ରେମିକ ଫସିଲେ

ମହାକାଳପଡ଼ା, ୧୧।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ପ୍ରେମୀ ଯୁଗଳଙ୍କ ମାଳା ବଦଳ କରି ହେଲା ବିବାହ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନାରେ ରବିବାର ବିଳମ୍ବିତ ରାତିରେ ପ୍ରେମିକାଙ୍କ ଘରକୁ ଆସି ପ୍ରେମିକ ଫସିଛନ୍ତି। ଏହା ଜଣାପଡ଼ିବା ପରେ ଉଭ ପରିବାରର ସହମତିରେ ଥାନାରେ ହାତଗଣ୍ଠି ସୋମବାର ପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ମହାକାଳପଡ଼ା ବ୍ଲକ କେବି ଦାଣ୍ଡୁଆ ପଞ୍ଚାୟତ ରଡ଼ିଆ ଗ୍ରାମର ସୁରେଶ ରାଉତଙ୍କ ପୁଅ ସୁଧାଂଶୁ ମହାକାଳପଡ଼ା ଥାନା ଅଧୀନ ଜଅଁରା ଗ୍ରାମର ଯୁବତୀଙ୍କ ଘରେ ରବିବାର ବିଳମ୍ବିତ ରାତି ୧ଟାରେ ପଶି ପ୍ରେମିକାଙ୍କୁ ଡାକିଥିଲେ। ପରେ ପ୍ରେମିକାଙ୍କ ମା’ ଉଠି ପଡ଼ି ପାଟି କରିବାରୁ ଗ୍ରାମବାସୀ ଆସି ପ୍ରେମିକ ସୁଧାଂଶୁଙ୍କୁ ଅଟକ ରଖି ଥାନାରେ ଜିମା ଦେଇଥିଲେ। ସୋମବାର ଉଭୟପକ୍ଷଙ୍କୁ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ଡକାଇ ଆଲୋଚନା କରିଥିଲେ। ସମସ୍ତଙ୍କ ଉପସ୍ଥିତିରେ ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିରରେ ଉଭୟଙ୍କ ହାତଗଣ୍ଠି ପଡ଼ିଥିଲା। ବ୍ରାହ୍ମଣଙ୍କ ମନ୍ତ୍ର ପାଠରେ ପ୍ରେମିକ ସୁଧାଂଶୁ ପ୍ରେମିକା ପୂର୍ଣ୍ଣିମା ଜେନା (୨୦)ଙ୍କ ବେକରେ ବରଣ ମାଳା ବଦଳ କରିବା ସହ ଶଙ୍ଖା ସିନ୍ଦୁର ପିନ୍ଧାଇ ଥିଲେ। ଉଭୟ ସାତ ଜନ୍ମ ସାଥୀ ହୋଇ ରହିବେ ବୋଲି ଥାନାରେ ଉଭୟପକ୍ଷ ଲିଖିତ ସ୍ୱାକ୍ଷରିତ କରିଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ଥିବା କୁହାଯାଇଛି। ଏ ସଂକ୍ରାନ୍ତରେ ଆଇଆଇସି ମହାପାତ୍ରଙ୍କୁ ପଚାରିବାରେ ରବିବାର ବିଳମ୍ବିତ ରାତି ସାଢ଼େ ଗୋଟାଏରେ ସ୍ଥାନୀୟ ଜଅଁରା ଗ୍ରାମର କେତେଜଣ ଗ୍ରାମବାସୀ ପ୍ରେମୀ ଯୁଗଳଙ୍କୁ ଧରି ଥାନାରେ ପହଞ୍ଚି ଥିଲେ। ପରେ ଉକ୍ତ ଘଟଣାକୁ ନେଇ ଉଭୟ ପରିବାର ସଦସ୍ୟମାନଙ୍କ ସହମତି ପ୍ରଦାନ କରିବା ଓ ଆଇନ ଅନୁସାରେ ଲିଖିତ ସ୍ୱାକ୍ଷରିତ କରିବା ପରେ ଥାନା ପରିସର ମନ୍ଦିରରେ ଯଥା ରୀତିନୀତି ଅନୁସାରେ ବିବାହ ସମ୍ପନ୍ନ ହୋଇଛି ବୋଲି ସେ କହିଛନ୍ତି।

# ବାଲିଚନ୍ଦ୍ରପୁର ଥାନା ଘେରିଲା କଂଗ୍ରେସ

## ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଅଭିଯୋଗ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୧।୮ (ପ୍ରଦୀପ୍ତ କୁମାର ପୃଷ୍ଟି/ ଗିରିଜା ପ୍ରସାଦ ସାହୁ):



କଂଗ୍ରେସ ପକ୍ଷରୁ ବାଲିଚନ୍ଦ୍ରପୁର ଥାନା ଘେରାଉ କରାଯାଇଛି।

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଲଘୁଖଣିଜ ପଦାର୍ଥର ବେଧଡକ ଚୋରା ଚାଲାଣ ହେଉଛି । ଦିନଦ୍ୱିପ୍ରହରରେ ଚୋରି, ରାହାଜାନୀ, ଚୋରା ମଦ ବ୍ୟବସାୟ ବୃଦ୍ଧି ପାଇଛି। ଏପରି କି ଧଳା ଜହରର ଅବାଧ କାରବାର ବଢ଼ିଛି। ଏପରି କି ଏହି ଥାନା ଅନ୍ତର୍ଗତ ମହିପୁର ଗ୍ରାମର ଦଳିତ ଯୁବକ ରବୀନ୍ଦ୍ର ମଲିକଙ୍କୁ ଥାନାରେ ନିର୍ଯାତନା ଦେବା ଅଭିଯୋଗରେ ସୋମବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ବଡ଼ଚଣା କଂଗ୍ରେସ ପକ୍ଷରୁ ଥାନା ଘେରାଉ କରାଯାଇଥିଲା।

ଜାତୀୟ ରାଜପଥଠାରୁ ଏକ ଶୋଭାଯାତ୍ରା ବାହାରି କଂଗ୍ରେସ କର୍ମୀମାନେ ବାଲିଚନ୍ଦ୍ରପୁର ଥାନା ସମ୍ମୁଖରେ ପହଞ୍ଚିଥିଲେ। ବ୍ଲକ ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗଦେଇ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ କିପରି ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି ସେନେଇ କ୍ଷୋଭ ପ୍ରକାଶ କରିବା ସହ ଯାଜପୁର ଏସ୍‌ପି କିପରି ଥାନା ଅଧିକାରୀଙ୍କୁ କ୍ଲିନ୍‌ଚିଟ୍ ଦେଲେ ସେ ନେଇ ବର୍ଷିଥିଲେ। ଯଦି ରବୀନ୍ଦ୍ରଙ୍କ କିଛି ହୋଇ ନ ଥିଲା ଓ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ତେବେ ତାଙ୍କୁ ୩ ଦିନ ଧରି କଟକ ବଡ଼ ଡାକ୍ତରଖାନାରେ କାହିଁକି ଚିକିତ୍ସା କରାଗଲା ଓ ୩ ଜଣ ପୋଲିସଙ୍କୁ ନିଲମ୍ବିତ କରାଗଲା ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସର ପୂର୍ବତନ ସଭାପତି ବିଶ୍ୱ ପ୍ରକାଶ ସାମଲ, ସନ୍ତୋଷ କୁମାର ବଳ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାମଲ, ବିଳାସ ଚନ୍ଦ୍ର ବାରିକ, ଅଜୟ କୁମାର ଜେନା, କାର୍ତ୍ତିକ ଚନ୍ଦ୍ର ନାୟକ, ସେକ ରିୟାସତ ଅଲ୍ଲୀ, କରୁଣାକର ରଣା, ରମେଶ ଚନ୍ଦ୍ର ଗଡ଼ନାୟକ, ସେକ ଅବଦୁଲ ମଜିଜ, ବଟକୃଷ୍ଣ ଦାସ, ଖଗେଶ୍ୱର ବେହେରା, ଶ୍ରୀକାନ୍ତ କୁମାର ମଲ୍ଲିକ, ଧର୍ମାନନ୍ଦ ବଳ, ବିଶ୍ୱ ରଞ୍ଜନ ବେହେରା, ସଞ୍ଜୟ କୁମାର କର, ସନ୍ତୋଷ କୁମାର ପରିଡା ଚାନ୍ଦ ଖାଁ, ସୁଧୀର କୁମାର ଦାସ, ସୁବାସ ଚନ୍ଦ୍ର ପରିଡା, ବାମଦେବ ସାମଲ, ନାରାୟଣ ଦାସ, ବିଶ୍ୱଜିତ ଜେନା, ଅଚ୍ୟୁତ ପଣ୍ଡା, ରଞ୍ଜନ କୁମାର ଜେନା, ସରୋଜ କୁମାର ଜେନା, ଅଶୋକ କୁମାର ରାଉତ, ସୁଧାଂଶୁ ଶେଖର ଜେନା, ସତ୍ୟାନନ୍ଦ ତରାଇ, ଅଶୋକ କୁମାର ବେହେରା, ଆଶିଷ କୁମାର ଧଳ ପ୍ରମୁଖ ଶତାଧିକ କର୍ମୀ ବକ୍ତବ୍ୟ ରଖିଥିଲେ। ଚାରିନଙ୍ଗଳଠାରେ ଥିବା ମସ୍‌ଜିଦରେ ପୋଲିସର ହସ୍ତକ୍ଷେପ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟରର କର୍ମୀମାନେ ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠାଇ ଥିଲେ। ରବୀନ୍ଦ୍ର କୁମାର ରାଉତ ଅନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଏକ ସ୍ମାରକପତ୍ର ଥାନା ଅଧିକାରୀ ସମରଜିତ ନାୟକଙ୍କୁ ପ୍ରଦାନ କରାଯାଇଥିଲା।

# ଷ୍ଟାଫ୍ କାଉନ୍‌ସିଲ୍ ବୈଠକରେ ହୋଇପାରିଲାନି ସମାଧାନ

- ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଘନେଇଲା ବିବାଦ
- ଅସୁସ୍ଥ ଛାତ୍ରୀଙ୍କୁ ସହଯୋଗକୁ ନେଇ ଗାଳିଗୁଲଜ ପ୍ରସଙ୍ଗ
- ପାଲଟା ଅଭିଯୋଗ ପରେ ରାଜନୀତି ବିଜ୍ଞାନ ଅଧ୍ୟାପିକାଙ୍କ ନାଁରେ ମାମଲା
- ପକ୍ଷ ରଖିବାକୁ ସୁଯୋଗ ପାଇଲେନି ଅଭିଯୋଗକାରୀ ଅଧ୍ୟାପକ
- ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)

ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷର ୨ୟ ସେମିଷ୍ଟାର ପରୀକ୍ଷା ଚାଲୁଥିବାବେଳେ ଜଣେ ଅସୁସ୍ଥ ଛାତ୍ରୀଙ୍କୁ ସହଯୋଗକୁ ନେଇ ରାଜନୀତି ବିଜ୍ଞାନ ଅଧ୍ୟାପିକାଙ୍କୁ ଗାଳିଗୁଲଜ କରାଯିବା ଘଟଣା ବିବାଦୀୟ ହେବାରେ ଲାଗିଛି। ରାଜନୀତି ବିଜ୍ଞାନ ଅଧ୍ୟାପିକାଙ୍କ ଅଭିଯୋଗ ପରେ ପୋଲିସ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତାରାଣୀ ରାଉତରାୟ ଓ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ତଥା ଇଂରାଜୀ ଅଧ୍ୟାପିକା କୃଷ୍ଣା କୁମାରୀ ଦାଶଙ୍କ ନାଁରେ ନଂ. ୩୨୭/୨୫ରେ ମାମଲା ରୁଜୁ କରିଥିଲା। ଏବେ ଅଧ୍ୟକ୍ଷାଙ୍କ ଅଭିଯୋଗକ୍ରମେ ରାଜନୀତି ବିଜ୍ଞାନ ଅଧ୍ୟାପିକାଙ୍କ ନାଁରେ ନଂ. ୩୩୨/୨୫ରେ ମାମଲା ହୋଇଛି। ମହାବିଦ୍ୟାଳୟ ବିବାଦର ସମାଧାନ ପାଇଁ ସୋମବାର ଏ ନେଇ ଷ୍ଟାଫ କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ସମାଧାନର ସୂତ୍ର ବାହାରି ପାରିନାହିଁ। ସେପଟେ ମଙ୍ଗଳବାର ଇଣ୍ଟରନାଲ କମିଟିର ବୈଠକ କରାଯିବାର ରହିଛି। ଥାନାରେ ୨ଟି ମାମଲା ପରେ ପୋଲିସ ମହାବିଦ୍ୟାଳୟରେ ପହଞ୍ଚି ଉଭୟ ପକ୍ଷଙ୍କ ମତାମତକୁ ରେକର୍ଡ କରି ତଦନ୍ତ ଚାଲୁ ରଖିଛି।

ରାଜନୀତି ବିଜ୍ଞାନ ଅଧ୍ୟାପିକାଙ୍କ ଅଭିଯୋଗ ଅନୁସାରେ ଅଗଷ୍ଟ ୬ରେ ଯୁକ୍ତ ୩ ପ୍ରଥମ ବର୍ଷର ୨ୟ ସେମିଷ୍ଟାର ପରୀକ୍ଷା ହେଉଥିଲା। ସେ ଡ୍ୟୁଟି କରୁଥିବାବେଳେ ଜଣେ ଛାତ୍ରୀଙ୍କ ପେଟରେ ଯନ୍ତ୍ରଣା ଓ ବାନ୍ତି ଯୋଗୁ ସେ ପରୀକ୍ଷାରେ କିଛି ଲେଖି ନ ପାରି ନଂ. ୩୩ ରୁମରେ ପଡିଥିବା ଇନଭିଜିଲେଟରମାନଙ୍କ ଅନୁମତି ନେଇ ବାରଣ୍ଡାକୁ ଯାଇଥିଲେ।। ଧିରେ ଧିରେ ଛାତ୍ରୀଙ୍କ ଅସୁସ୍ଥତା ବଢ଼ି ଚାଲିଥିଲା। ଏଭଳି ସମୟରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ମାନବିକତା ଦେଖାଇ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ମୃଦୁ ପାନୀୟ କିଣି ଆଣି ଦେବା ପରେ ଛାତ୍ରୀ କିଛିସମୟ ପରେ ସୁସ୍ଥତା ଅନୁଭବ କରି ପରୀକ୍ଷା ଦେଇଥିଲେ। ଏହି ଘଟଣାରେ ରାଜନୀତି ବିଜ୍ଞାନ ଅଧ୍ୟାପିକାଙ୍କୁ ଗାଳିଗୁଲଜ ଓ ନିର୍ଯାତନା ଦିଆ ଯାଇଥିବା ଅଭିଯୋଗ ହୋଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପିକାଙ୍କ ଅଭିଯୋଗ ପରେ ଥାନାରେ ଅଧ୍ୟକ୍ଷା ଓ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ତଥା ଇଂରାଜୀ ଅଧ୍ୟାପିକାଙ୍କ ନାଁରେ ମାମଲା ହୋଇଥିଲା। ଏ ନେଇ ରାଜନୀତି ବିଜ୍ଞାନ ଅଧ୍ୟାପିକା ସାଇସ୍ତା ପରୱିନ କହିଛନ୍ତି, ମହାବିଦ୍ୟାଳୟରେ ପରୀକ୍ଷା ଚାଲିଥିବା ବେଳେ ଜଣେ ଅସୁସ୍ଥ ଛାତ୍ରୀଙ୍କୁ ସହଯୋଗ କରି ମୋତେ ଗାଳିଗୁଲଜ ଓ ନିର୍ଯାତନା ସହିବାକୁ ପଡିଛି। ଏପରିକି ମହାବିଦ୍ୟାଳୟର ଅଧ୍ୟକ୍ଷା ଓ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ତଥା ଇଂରାଜୀ ଅଧ୍ୟାପିକା ମୋତେ ବାରମ୍ବାର ହଇରାଣ କରୁଛନ୍ତି। ଘଟଣା ଅଗଷ୍ଟ ୬ରେ ଘଟିଥିବାବେଳେ ଅଗଷ୍ଟ ୭ରେ ଘଟଣା ଦର୍ଶାଇ କାରଣ ଦର୍ଶାଅ ନୋଟିସ ମଗା ଯାଇଛି। କାରଣଦର୍ଶାଅ ନୋଟିସକୁ ଦେଖିଲା ପରେ ଅଧ୍ୟକ୍ଷ ଓ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ଖାମଖିଆଲି ଧରାପଡିଛି। କେଉଁ ତାରିଖରେ ଘଟଣା ଘଟୁଛି ବି ସେମାନେ ଜାଣି ପାରିନାହାନ୍ତି। ଅନ୍ୟପକ୍ଷେ ପରୀକ୍ଷା ହଲରେ ପାଟିତୁଣ୍ଡ କରି ବିଶୃଙ୍ଖଳା ସୃଷ୍ଟି କରି ନ ଥିବା ବେଳେ ଏହାକୁ ଦର୍ଶାଇ କାରଣ ଦର୍ଶାଅ ନୋଟିସ୍ ମଗା ପାଇଛି। ଉତ୍ତର ଦେଲା ପରେ ଭୁଲ ମାଗି ନାହଁ କାହିଁକି ପଚରା ଯାଇଛି। ଭୁଲ ମାଗି କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ଦେବାକୁ କୁହାଯାଉଛି। ଭୁଲ ନ ମଗିଲେ ଅଭିଯୋଗର ପକ୍ଷ ରଖାଯିବନି ବୋଲି ନିର୍ଦ୍ଦେଶ ଅଛି। ଯଦି ଭୁଲ କରିଛି ତେବେ ସେହିଦିନର ପରୀକ୍ଷାର୍ଥୀଙ୍କ ମତାମତ ନିଆଯାଉ। ମୋତେ କିପରି ଗାଳିଗୁଲଜ ଓ ନିର୍ଯାତନା ଦିଆଯାଇଛି ୬ ତାରିଖର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉ। ସୋମବାର ଷ୍ଟାଫ କାଉନସିଲ ବୈଠକ ସାଢ଼େ ୩ଟାରେ ନ ହୋଇ ଅଧ ଘଣ୍ଟାଏ ବିଳମ୍ବରେ ହୋଇଥିଲା। ହାୟର ଅଥରିଟିକୁ ନ ଜଣାଇ ଏଫଆଇଆର ଦେବା ଠିକ ହୋଇନି, ଏଫଆଇଆର କରିବା ଅପରାଧ ବୋଲି କୁହାଗଲା। ଷ୍ଟାଫ କାଉନସିଲ ବୈଠକରେ ପକ୍ଷ ରଖିବାକୁ ସୁଯୋଗ ଦିଆଗଲାନାହିଁ। କିଛି ଲେଖା ନ ଥାଇ ଆଗୁଆ ଦସ୍ତଖତ ନେଇଗଲେ। ରିଜୋଲେଶନରେ କ'ଣ ଲେଖା ହେବ ଜାଣିନାହିଁ। ମ୍ୟାନେଜମେଣ୍ଟରେ ଅଛୁ କାଢ଼ି ଦେବୁ ବୋଲି ଧମକ ମିଳିଲାଣି। ଟାଉନ ଥାନା ଆଇଆଇସି କହିଲା ପରେ କାଉଣ୍ଟର ଏଫଆଇଆର ଦେଲି ବୋଲି ଅଧ୍ୟକ୍ଷା କହିଛନ୍ତି। ଏଭଳିସ୍ଥଳେ ମନଇଚ୍ଛା କିଛି କରିନାହିଁ। ଥାନାରେ ଅଭିଯୋଗ ଦେବା ପୂର୍ବରୁ ପରିଚାଳନା କମିଟି ସଭାପତିଙ୍କୁ ଜଣାଇ ଏଫଆଇଆର କରିଛି। ଠିକ୍‌ରେ ଥିବାରୁ ସବୁ ପ୍ରକାରର ତଦନ୍ତକୁ ସ୍ୱାଗତ କରୁଛି ବୋଲି କହିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତାରାଣୀ ରାଉତରାୟ ଓ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ତଥା ଇଂରାଜୀ ଅଧ୍ୟାପିକା କୃଷ୍ଣା କୁମାରୀ ଦାଶ କହିଛନ୍ତି, ରାଜନୀତି ବିଜ୍ଞାନ ଅଧ୍ୟାପିକା ଥାନାରେ କରିଥିବା ଓ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ଆମେ ତାଙ୍କୁ ହାରାସ ବା ହଇରାଣ କେବେ ବି କରୁନାହୁଁ। ପରୀକ୍ଷା ଚାଲୁଥିବା ସମୟରେ ଅସୁସ୍ଥ ଛାତ୍ରୀଙ୍କ ପାଇଁ ବାହାରୁ ଥଣ୍ଡା ପାନୀୟ କର୍ମଚାରୀଙ୍କ ଦ୍ୱାରା କିଣି ଆଣିବା ଅପରାଧ। ଏହା ପରୀକ୍ଷା କକ୍ଷର ନିୟମକୁ ଖୋଲାଖୋଲ ଉଲ୍ଲଘଂନ କରୁଛି। ପରୀକ୍ଷା ସେକ୍ସନରେ ଓଆରଏସ୍, ଗ୍ଲୁକୋଜ, ପାନୀୟ ଜଳ ସମେତ ଫାଷ୍ଟ ଏଡ ବକ୍ସ ମହଜୁଦ୍ ଥିଲା। ପରୀକ୍ଷା ସେକ୍ସନରୁ ଉପରୋକ୍ତ ଉପକରଣ ମଗାଇ ଅଣାଯାଇ ପାରିଥାନ୍ତା। ତେବେ ସୁପରିଣ୍ଟେଣ୍ଡେଣ୍ଟ ଓ ଅଧ୍ୟକ୍ଷାଙ୍କୁ ନ ଜଣାଇ ବାହାରୁ ଜିନିଷ କାହିଁକି ଆଣିଲ ବୋଲି ପଚାରିବାରୁ ଅଯଥାରେ ଆମକୁ ହଇରାଣ କରାଯାଉଛି। ଅଯଥାରେ ଥାନାରେ ମାମଲା ହୋଇଛି। ମହାବିଦ୍ୟାଳୟକୁ ବଦନାମ କରାଯାଉଛି। ଗତ ୬ ତାରିଖର ଘଟଣାକୁ ନେଇ ୭ ତାରିଖରେ ସମ୍ପୃକ୍ତ ଅଧ୍ୟାପିକାଙ୍କୁ କାରଣ ଦର୍ଶାଅ ନୋଟିସ ପାଇଁ ଚିଠି ହୋଇଥିଲା। ତେବେ ଚିଠିଟି ୭ ତାରିଖରେ ଦିଆ ନ ଯାଇ ୮ରେ ଦେବାରୁ ଘଟଣା ୭ ତାରିଖର ବୋଲି ଜଣାପଡୁଛି। ଅଯଥାରେ ଛୋଟିଆ ଘଟଣାକୁ ବଡ଼ ବିବାଦର ରୂପ ଦିଆଯାଉଥିବାରୁ ଉଭୟେ କ୍ଷୋଭ ପ୍ରକାଶ କରିଛନ୍ତି। ନୟାଗଡ଼ ଟାଉନ ଥାନା ଆଇଆଇସି ବିଜୟା ସାହୁ କହିଛନ୍ତି, ପୃଥକ୍ ପୃଥକ୍ ୨ ଅଭିଯୋଗ ପରେ ୨ଟି ମାମଲା ହୋଇ ତଦନ୍ତ ଚାଲୁ ରହିଛି। ଘଟଣା ସମ୍ପର୍କରେ ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରାଯାଇଛି। ପାଲଟା ଅଭିଯୋଗ କରିବାକୁ କାହାକୁ ପରାମର୍ଶ ଦେଇନାହିଁ। ଅଯଥାରେ ବିବାଦକୁ ଟାଣିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି।

# ଭାଙ୍ଗିଗଲାଣି ଭିନ୍ନକ୍ଷମ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଫାଟକ



ଭିନ୍ନକ୍ଷମଙ୍କ ଯିବା ଲାଗି ଥିବା ଫାଟକ ଭାଙ୍ଗିଯାଇଛି।

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)

## ଷ୍ଟେଶନ ରାସ୍ତାରେ ଜଳୁନି ଲାଇଟ

ନୟାଗଡ଼ ଟାଉନ ରେଳ ଷ୍ଟେଶନକୁ ସଂଯୋଗ କରୁଥିବା ଅପ୍ରୋଚ ରାସ୍ତା ଓ ପୂର୍ବ ପାର୍ଶ୍ୱ ରାସ୍ତାରେ ଲାଗିଥିବା ଷ୍ଟ୍ରିଟ ଲାଇଟଗୁଡ଼ିକ ମଧ୍ୟରୁ ଅଧିକାଂଶ ଜଳୁନାହିଁ। ସେହିପରି ଭିନ୍ନକ୍ଷମ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଫାଟକ ଭାଙ୍ଗି ଗଲାଣି। ଷ୍ଟ୍ରିଟ ଲାଇଟ ଜଳୁ ନ ଥିବାରୁ ରାତ୍ର ସମୟରେ ଦୂରଦୁରାନ୍ତରୁ ଫେରୁଥିବା ଯାତ୍ରୀମାନେ ହଇରାଣ ହେଉଛନ୍ତି। ଅନ୍ଧାରର ସୁଯୋଗ ନେଇ ନିଶାଡ଼ିମାନେ ମଦ, ଗଞ୍ଜେଇ, ବ୍ରାଉନସୁଗାର କାରବାର କରୁଥିବାବେଳେ ଅସମାଜିକ କାର୍ଯ୍ୟ କଳାପ ବାଢୁଛି। ରେଳ ଷ୍ଟେଶନ ପକ୍ଷରୁ ବିଦ୍ୟୁତ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସଂସ୍ଥାକୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ ଗୁରୁତ୍ୱ ଦେଉ ନ ଥିବା ଷ୍ଟେଶନ ମ୍ୟାନେଜର କହୁଛନ୍ତି। ଅନ୍ୟପକ୍ଷରେ ଭିନ୍ନକ୍ଷମ ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ରାସ୍ତାର ଫାଟକ ଦୀର୍ଘଦିନ ଧରି ଭାଙ୍ଗି ଯାଇଥିବାବେଳେ ଏହାକୁ ମରାମତି କରାଯାଉନାହିଁ। ଫଳରେ ଷ୍ଟେଶନ ପରିସରକୁ ଲୋକମାନେ ଟୁ-ହୁଇଲର, ଅଟୋ, କାର ଆଦି ନେଇ ଯାଉଛନ୍ତି। ସେହିପରି ଷ୍ଟେଶନ ପରିସରରେ ଅନାବନା ଗଛ ଉଠିବା ସହିତ ଅଳିଆ ଆବର୍ଜନା ଗଦା ହୋଇ ଦୀର୍ଘଦିନ ଧରି ପଡ଼ି ରହିବା ଫଳରେ ପରିବେଶ ଦୂଷିତ ହେବାରେ ଲାଗିଛି। ଏ ପରିପ୍ରେକ୍ଷୀରେ ତୁରନ୍ତ ବିଦ୍ୟୁତ ସମସ୍ୟାର ସମାଧାନ କରିବା ସହିତ, ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ରାସ୍ତାରେ ନୂତନ ଫାଟକ ସ୍ଥାପନ ତଥା ଷ୍ଟେଶନ ପରିସରରେ ଉଠିଥିବା ଅନାବନା ଗଛ, ବୁଦା ତଥା ଅଳିଆ ଆବର୍ଜନା ତୁରନ୍ତ ସଫା କରିବା ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ଲକ୍ଷ୍ମୀଧର ସାହୁ ଦାବି କରିଛନ୍ତି।

# ୪ ବର୍ଷ ବିତିଲା: ନୂଆ ଲାଇବ୍ରେରି ଗୃହ କାର୍ଯ୍ୟକ୍ଷମ ହେଲାନି

ଖଣ୍ଡପଡ଼ା,୧୧।୮(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଜଣେ ପୁରାତନ ଛାତ୍ର ସ୍ୱପ୍ନେଶ୍ୱର ଦଳେଇଙ୍କ ଦ୍ୱାରା ମୋ କଲେଜ ଯୋଜନା ପାଇଁ ପ୍ରଦାନ କରାଯାଇଥିବା ଅର୍ଥ ଏବେ ନୂତନ ଲାଇବ୍ରେରି ନିର୍ମାଣରେ ସହାୟକ ହୋଇଛି। ତେବେ ୨୫ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ନୂଆ ଗ୍ରନ୍ଥାଗାର (ଲାଇବ୍ରେରି) ୪ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପକ୍ଷରୁ ମୋ କଲେଜ ଅଭିଯାନରେ ୫ଲକ୍ଷ ଟଙ୍କା ଜମା କରାଯାଇଥିଲା। ମ୍ୟାଚିଂ ଗ୍ରାଣ୍ଟ ଭାବରେ ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନ ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସଂପୃକ୍ତ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୭୩/୨୯।୧୦।୨୦୨୧ରୁ ଜଣାଯାଇଛି। ମହାବିଦ୍ୟାଳୟର ଜଣେ ପୁରାତନ ଛାତ୍ର ସ୍ୱପ୍ନେଶ୍ୱର ତାଙ୍କ ବାପାଙ୍କ ଗଚ୍ଛିତ ଅର୍ଥରୁ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ପାଇଁ ୫ ଲକ୍ଷ ଟଙ୍କା ଜମା କରିଥିଲେ। ସ୍ୱପ୍ନେଶ୍ୱରଙ୍କ ୫ ଭାଇଙ୍କ ସହମତି କ୍ରମେ ଏହି ଅର୍ଥରେ କଲେଜ ପରିସରରେ ତାଙ୍କ ମାତାପିତାଙ୍କ ନାମରେ ଏକ ଲାଇବ୍ରେରି ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ରଖିଥିଲେ। ତେବେ ଏହି ପ୍ରସ୍ତାବ ତଥା ପ୍ରକଳ୍ପ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ୨୦୨୧ ସେପ୍ଟେମ୍ବର ୩୦ରେ ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଏହି ପ୍ରକଳ୍ପର ସଫଳ ରୂପାୟନ ପାଇଁ ତଥା ମୋ କଲେଜ ଅଭିଯାନ ବିଧି ବ୍ୟବସ୍ଥା କ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ମ୍ୟାଚଂ ଗ୍ରାଣ୍ଟ ୧୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଥିଲା। ବର୍ତ୍ତମାନ ଏହି ୧୫ ଲକ୍ଷ ଟଙ୍କାକୁ ଦୃଷ୍ଟିରେ ରଖି ନୂତନ ଲାଇବ୍ରେରି ଗୃହର ଛାତ ପତନ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ପୂର୍ଣ୍ଣାଙ୍ଗ ଗୃହ ପାଇଁ କଲେଜ ଫଣ୍ଡରୁ ଆଉ ଅତିରିକ୍ତ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ କାର୍ଯ୍ୟଟି ଶେଷ କରାଯାଇଛି। ଦାତାଙ୍କ ପ୍ରସ୍ତାବକ୍ରମେ ଉକ୍ତ ଲାଇବ୍ରେରି ଗୃହର ନାମ ଦୁତିକା-ତ୍ରିଲୋଚନ ଗ୍ରନ୍ଥାଗାର ନାମିତ କରାଯାଇଛି। ଉକ୍ତ ପ୍ରକଳ୍ପକୁ ନୀତିନିୟମ ତଥା ବୈଷୟିକ ଜ୍ଞାନ କୌଶଳକ୍ରମେ ୬ ମାସ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବାକୁ ପରାମର୍ଶ ଦିଆଯାଇଥିଲା। ମାତ୍ର ଇତିମଧ୍ୟରେ ୪ ବର୍ଷ ଅତିବାହିତ ହୋଇଗଲାଣି ଓ ୩ ଜଣ ଅଧ୍ୟକ୍ଷ କାର୍ଯ୍ୟ ସମ୍ପାଦନ କରି ଅବସର ଗ୍ରହଣ କରି ଚାଲିଗଲେଣି। ଉକ୍ତ ଗ୍ରନ୍ଥାଗାର ଏବେ ବି କାର୍ଯ୍ୟକ୍ଷମ ହୋଇପାରିନାହିଁ । ତେବେ ଏ ସମ୍ପର୍କରେ ଅନୁଷ୍ଠାନର ଅଧ୍ୟକ୍ଷା ଡ. ନନ୍ଦିତା ବାରିକଙ୍କୁ ପଚାରିବାରେ ଉକ୍ତ ଗୃହର କିଛି ମରାମତି କାର୍ଯ୍ୟ ବାକି ରହିଥିବା ବେଳେ କବାଟ ୨ଟି ଓ ସ୍କାଏ ଲାଇଟ ଲାଗିବାର ଅଛି। ଆବଶ୍ୟକ କାର୍ଯ୍ୟ ସମ୍ପନ୍ନ କରାଯାଇଥିବା କହିଛନ୍ତି।




ନୀଳମାଧବ ମହାବିଦ୍ୟାଳୟ ନୂତନ ଲାଇବ୍ରେରି ଗୃହ।

## ନୀଳମାଧବ ମହାବିଦ୍ୟାଳୟ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅବିନାଶ



@ ଦିବ୍ୟରଞ୍ଜନ



@ ଦିନେଶ



@ ବିଶ୍ୱଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଭୋଟ୍ ଚୋରି ପ୍ରସଙ୍ଗ ନେଇ କଂଗ୍ରେସର ସମାଲୋଚନା




ଖବରଦାତା ସମ୍ମିଳନୀରେ କଂଗ୍ରେସର ନେତୃମଣ୍ଡଳୀ।

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)

## ନୟାଗଡ଼ରେ ବି ଭୋଟ ଚୋରି ହେଉଛି

ଭୋଟ୍ ଚୋରି ପ୍ରସଙ୍ଗକୁ ନେଇ ନୟାଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ନୟାଗଡ଼ରେ ସୋମବାର ସ୍ଥାନୀୟ ନୀଳମାଧବ କଲ୍ୟାଣୀ ମଣ୍ଡପଠାରେ ଜିଲା ସଂଯୋଜକ ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଜୟଶ୍ରୀ ପାତ୍ର, ପୂର୍ବତନ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ, ବରିଷ୍ଠ କଂଗ୍ରେସ ନେତା ମନୋଜ ସାହୁ, ପୀତବାସ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟ ନିର୍ବାଚନ ଆୟୋଗ ଓ କେନ୍ଦ୍ର ସରକାର ଦ୍ୱାରା ଭୋଟ ଚୋରି କିପରି ହେଉଛି ଟିପଣି ଦେଇଥିଲେ। ସେହିପରି ନୟାଗଡ଼ରେ ବି ଭୋଟ ଚୋରି ହେଉଛି ବୋଲି କହି ଭାଜପା ସରକାର ଓ ନିର୍ବାଚନ କମିଶନଙ୍କୁ ସମାଲୋଚନା କରିଥିଲେ। ଲୋକସଭାର ବିରୋଧୀ ଦଳର ନେତାଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଏଲଇଡି ମାଧ୍ୟମରେ ଖବରଦାତାଙ୍କୁ ଦେଖାଇଥିଲେ।

୨୦୧୪ରେ କେନ୍ଦ୍ରରେ ଶାସନକୁ ଭାଜପା ଆସିବା ପରଠାରୁ ଅନୁଷ୍ଠିତ ବିଭିନ୍ନ ନିର୍ବାଚନର ଫଳାଫଳ ଅତ୍ୟନ୍ତ ଅପ୍ରତ୍ୟାଶିତ ହେଉଥିବାରୁ ସମଗ୍ର ନିର୍ବାଚନ ପ୍ରକ୍ରିୟାରେ ହେରଫେର ହେଉଥିବା ଆଶଙ୍କା ପ୍ରକାଶ ପାଉଥିଲା। ଅଗଷ୍ଟ ୭ରେ କଂଗ୍ରେସର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଦୀର୍ଘ ୧ ଘଣ୍ଟା ୧୧ ମିନିଟର ଏକ ଖବରଦାତା ସମ୍ମିଳନୀରେ ଏ ନେଇ ପ୍ରମାଣ ରଖିବା ପରେ ଦେଶବାସୀ ସ୍ତବ୍ଧ ହୋଇଯାଇଛନ୍ତି। ନିର୍ବାଚନ ଆୟୋଗ ମହାରାଷ୍ଟ୍ରରେ କିପରି କୋଟିଏ ଭୋଟରଙ୍କୁ ୫ ମାସରେ ଯୋଡ଼ି ବିଧାନସଭା ନିର୍ବାଚନରେ ଭାଜପା ଜିତିବା ପାଇଁ ମାର୍ଗ ପ୍ରସ୍ତୁତ କରିଥିଲା, ତା'ର ବିସ୍ତୃତ ବିବରଣୀ ରାହୁଲ ଗାନ୍ଧୀ ଦେଇଥିଲେ। ପୂର୍ବ ୫ ବର୍ଷରେ ମଧ୍ୟ ଏତେ ସଂଖ୍ୟକ ନୂଆ ଭୋଟରଙ୍କ ନାମ ତାଲିକାରେ ଯୋଡ଼ା ହୋଇ ନ ଥିଲା। ସ୍ପେସାଲ ଇଣ୍ଟେସିଭ୍ ରିଭିଜନ ନାମରେ ବିହାରରେ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦେବା ପରେ ନିର୍ବାଚନୀ ପ୍ରକ୍ରିୟା ହେରଫେର ହେଉଥିବା ନେଇ ରାହୁଲ ଗାନ୍ଧୀଙ୍କ ଆଶଙ୍କା ଅଧିକ ଦୃଢ଼ୀଭୂତ ହୋଇଥିଲା। ମହାରାଷ୍ଟ୍ର ପରି ଗୋଟିଏ ରାଜ୍ୟରେ 'ଆଡିସନ' ଯୋଗେ ଭଜପାକୁ ଜିତେଇ ଦିଆଗଲା ଓ ଆଉ ଏକ ରାଜ୍ୟରେ 'ଡିଲିସନ' ଯୋଗେ କଂଗ୍ରେସକୁ ହରାଇବାର ଚକ୍ରାନ୍ତ ହେଲା ବୋଲି କୁହାଯାଇଛି। ଏଭଳି ଘଟଣାରେ ଗଣତନ୍ତ୍ରର ହତ୍ୟା ଚାଲିଛି ବୋଲି କହିଛନ୍ତି।

# ବିଦ୍ୟାଳୟର ନାମ ପରିବର୍ତ୍ତନ ଦାବିରେ ଗ୍ରାମବାସୀଙ୍କ ଧାରଣା

ଖଣ୍ଡପଡ଼ା, ୧୧।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକର ସିଧାମୂଳା ପଞ୍ଚାୟତ ଅଧୀନ କନାସିଂ ରାଜସ୍ୱ ଗ୍ରାମରେ ଅବସ୍ଥିତ ପ୍ରାଥମିକ ବିଦ୍ୟାଳୟର ନାମ ରାଜକିଆରୀ ପ୍ରାଥମିକ ବିଦ୍ୟାଳୟ ଭାବେ ନାମିତ କରାଯାଇଛି। ଏହାକୁ ନେଇ କନାସିଂ ଗ୍ରାମବାସୀ ବର୍ଷ ବର୍ଷ ଧରି ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। ଉକ୍ତ ବିଦ୍ୟାଳୟର ନାମ ରାଜକିଆରୀ ପ୍ରାଥମିକ ବିଦ୍ୟାଳୟ ପରିବର୍ତ୍ତେ କନାସିଂ ପ୍ରାଥମିକ ବିଦ୍ୟାଳୟ ଲେଖିବାକୁ ଗ୍ରାମବାସୀ ଦାବି କରିବା ସହ ଏ ସମ୍ପର୍କରେ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ନୟାଗଡ଼ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ଏହାର ପ୍ରତିବାଦରେ ଭାରତୀୟ ବିକାଶ ପରିଷଦର ଆବାହକତ୍ୱରେ କନାସିଂ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ମଧ୍ୟାହ୍ନ ୧୨ ଟାରେ ଧାରଣା ଦେବାସହ ନାରାବାଜି କରିଥିଲେ। ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ ଓ ଉପସଭାପତି ନିରଞ୍ଜନ ଦାସ ପ୍ରମୁଖ ବିଦ୍ୟାଳୟର ନାମ ପରିବର୍ତ୍ତନ ନେଇ ଦାବି ଉପସ୍ଥାପନ କରିଥିଲେ।

ଖବରପାଇ ଖଣ୍ଡପଡ଼ା ଭାରପ୍ରାପ୍ତ ତହସିଲଦାର ରାଜାରାମ ଛତ୍ରିଆ, ବିଡିଓ ଅଙ୍କୁର ଅଭିଳାଷ, ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ଗ୍ରାମବାସୀଙ୍କୁ ବୁଝାଇଥିଲେ। ହେଲେ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଧାରଣାରେ ବସିଥିବା ସୂଚନା ମିଳିଛି। ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କିତ ଦାବିପତ୍ର ଧାରଣାସ୍ଥଳରେ ପୁଣି ବିଡିଓଙ୍କୁ ପ୍ରଦାନ କରାଯାଇଛି। ତେବେ ଗ୍ରାମବାସୀଙ୍କ ଦାବି ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର ଓ ବିଡିଓଙ୍କୁ ପଚାରିବାରେ ସେଥିପ୍ରତି ସେମାନେ ଦୃଷ୍ଟିଦେବେ ବୋଲି କହିଛନ୍ତି।




ଗ୍ରାମବାସୀ ବିଦ୍ୟାଳୟର ନାମ ପରିବର୍ତ୍ତନ ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ଇସିଆଇ ରାହୁଲଙ୍କୁ କାରଣଦର୍ଶାଅ ଜାରି କରିବା ଦୁର୍ଭାଗ୍ୟଜନକ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତ୍ରୀ ଡ. ଦେବସ୍ମିତା ଶର୍ମା ଓ ଅନ୍ୟମାନେ ।

**ଯାଜପୁର ଟାଉନ,୧୧।୮ (ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**

ସୋମବାର ଯାଜପୁର ଜିଲା କଂଗ୍ରେସ କମିଟି ସଂଯୋଜକ ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପିସିସି କମିଟି ସମ୍ପାଦିକା ଡ. ଦେବସ୍ମିତା ଶର୍ମା ଯାଜପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଯୋଗଦେଇ ଭୋଟ ଚୋରି ଉପରେ ବର୍ଷିଥିଲେ । ସେ କହିଥିଲେ ଅଗଷ୍ଟ ୭ରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ଖବରଦାତା ସମ୍ମିଳନୀରେ ଭାଜପା ସରକାର ନିର୍ବାଚନ ଆୟୋଗଙ୍କୁ ହାତ କରି ଭୋଟ ଚୋରି କରି ଅନ୍ୟୁନ ୧୦୦ ସିଟ୍‌ରେ ସ୍ୱତନ୍ତ୍ର ଭାବେ କଳ,ବଳ ଓ କୌଶଳ ଆପଣାଇ ପ୍ରାୟ ୨୫ ସିଟରେ ନିର୍ବାଚନ ଜିତିବା ଭାରତୀୟ ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ଏକ କଳଙ୍କ। ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ରାଜ୍ୟର ବାଙ୍ଗାଲୋର ସଂସଦୀୟ କ୍ଷେତ୍ରକୁ ଦୀର୍ଘ ୬ ମାସ ଧରି ସ୍ୱତନ୍ତ୍ର ଭାବେ ତନତନ କରି ପରୀକ୍ଷା ମୂଳକ ଭାବେ ଜାଣିବାକୁ ପାଇଲେ ଯେ ଫର୍ମ ୬ରେ ୩୩ ହଜାର ୬୯୨ ଖଣ୍ଡ ଭୋଟର, ଅଯୋଗ୍ୟ ଭୋଟର ୪୧୩୨, ଗୋଟିଏ ଠିକଣାରେ ୧୦୪୫୨ ଭୋଟର, ଫେକ୍ ଠିକଣାରେ ୪୦,୦୦୯ ଭୋଟର, ୧୧୯୬୫ ଡୁପ୍ଲିକେଟ ଭୋଟର ଅର୍ଥାତ ସମୁଦାୟ ୧ଲକ୍ଷ ୨୫୦ ଜଣଙ୍କ ଭୋଟ ଚୋରି କରି ନିର୍ବାଚନ ଜିତିବା ଗଣତନ୍ତ୍ର ଓ ସମ୍ବିଧାନକୁ ହତ୍ୟା କରିବା ସହ ସମାନ । ଏପରିକି ଡିଜିଟାଲ ଭୋଟ ତାଲିକାକୁ ପ୍ରକାଶ ନ କରିବା ,ସିସିଟିଭି ଫୁଟେଜକୁ ସାର୍ବଜନୀନ ନ କରିବା, ରାହୁଲ ଗାନ୍ଧୀଙ୍କ କଡା ଅଭିଯୋଗ ଓ ଆଭିମୁଖ୍ୟକୁ ଗୁରୁତ୍ୱ ନ ଦେଇ କର୍ଣ୍ଣାଟକ, ମଧ୍ୟ ପ୍ରଦେଶ ଓ ମହାରାଷ୍ଟ୍ରର ନିର୍ବାଚନ ସାଇଟକୁ ବନ୍ଦ କରିବା ଇସିଆଇ ମୋଦି ସରକାରଙ୍କ ଦ୍ୱାରା ପ୍ରଭାବିତ ହୋଇ ସରକାର ଗଠନରେ ସହାୟତା କରୁଥିବା ପ୍ରମାଣିତ ହୋଇଛି। ଏଆଇସିସି ପକ୍ଷରୁ ୪ଟି ପତ୍ର ଇସିଆଇକୁ ଦିଆଯାଇଥିବା ସତ୍ତ୍ୱେ ଏହାର ଉତ୍ତର ନ ଦେଇ ରାହୁଲ ଗାନ୍ଧୀଙ୍କୁ କାରଣ ଦର୍ଶାଅ ଜାରି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଡ.ଶର୍ମା କହିଥିଲେ। ଆଗାମୀ ବିହାର ରାଜ୍ୟ ନିର୍ବାଚନ ଅନୁଷ୍ଠିତ ହେବା ପୂର୍ବରୁ ଏହାକୁ ଠିକ କରି ପ୍ରତ୍ୟେକ ରାଜ୍ୟ ଓ ସାଧାରଣ ନିର୍ବାଚନର ଡିଜିଟାଲ ଭୋଟର ଲିଷ୍ଟ ଜାରି କରିବାକୁ ପିସିସି ମୁଖପାତ୍ର ପଦ୍ମାକର ଗୁରୁ ଦାବି କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ସନ୍ତୋଷ କୁମାର ନନ୍ଦ, ନାରାୟଣ ଚନ୍ଦ୍ର ସାମନ୍ତ, ଦୁର୍ଯ୍ୟୋଧନ ବେହେରା,ଦିଲୀପ ଦାଶ,ଗଦାଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକ ବିକୃତ ଯୁବତୀଙ୍କୁ ଅପହରଣ, ୩ ଅଟକ

**କାଳିଆପାଣି,୧୧।୮ ( ଅସିତ୍ ମହାନ୍ତ ):**

- ଗଣବଳାତ୍କାରର ଶିକାର ହୋଇଥିବା ଚର୍ଚ୍ଚା
- ନିଖୋଜର ଗୋଟିଏ ଦିନ ପରେ ଥାନାରେ ଅଭିଯୋଗ
- ପୋଲିସ ତନାଘନା ଜାରି

ଯାଜପୁର ଜିଲା ସୁକିନ୍ଦା ଥାନା ଅଞ୍ଚଳର ଜଣେ ମାନସିକ ବିକୃତ ଯୁବତୀଙ୍କୁ ସୁକିନ୍ଦା ଅଞ୍ଚଳର କେତେଜଣ ଯୁବକ ଅପହରଣ କରି ଗଣ ବଳାତ୍କାର କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ମାତ୍ର ଅପହରଣର ଗୋଟିଏ ଦିନ ପରେ ଅର୍ଥାତ୍ ରବିବାର ସମ୍ପୃକ୍ତା ଯୁବତୀଙ୍କୁ ଆଶ୍ରୟ ଦେଇଥିବା ଏକ ସଂସ୍ଥା ଥାନାରେ ଅଭିଯୋଗ କରିଛି। ସଂପୃକ୍ତ ସଂସ୍ଥାର ଅଭିଯୋଗ ପରେ ସୁକିନ୍ଦା ପୋଲିସ ୩ ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଶନିବାର ସୁକିନ୍ଦାରେ ଥିବା ଏକ ଆଶ୍ରୟସ୍ଥଳୀରୁ ଜଣେ ଯୁବତୀ ନିଖୋଜ ହୋଇଯାଇଥିବା ରବିବାର ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି। ନିଖୋଜ ହେବାର ଗୋଟିଏ ଦିନ ପରେ ସଂପୃକ୍ତ ସଂସ୍ଥା କାହିଁକି ଅଭିଯୋଗ କଲା ତାହା ଚର୍ଚ୍ଚାର ବିଷୟ ହୋଇଛି। ଯଦି ଘଟଣା ଦିନ ଅର୍ଥାତ୍ ଶନିବାର ଅଭିଯୋଗ ହେଇଥାନ୍ତା ତେବେ ପୋଲିସ ପକ୍ଷରୁ ତ୍ୱରିତ ପଦକ୍ଷେପ ନେଇ ନିଖୋଜ ଯୁବତୀଙ୍କୁ ଉଦ୍ଧାର କରାଯାଇ ପାରିଥାଆନ୍ତା। ମାତ୍ର ଗୋଟାଏ ଦିନ ପରେ ଅଭିଯୋଗ ହେବା ଦ୍ୱାରା ଯୁବତୀ ଜଣକ ଗଣବଳାତ୍କାର ଶିକାର ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ନିଖୋଜ ଯୁବତୀଙ୍କୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ସେଦିନ ରାତିରେ ସୁକିନ୍ଦା ଛକ ନିକଟରୁ ଅପହରଣ କରିନେଇଥିଲେ। ପରେ କେନ୍ଦୁଡିପି ଗ୍ରାମ ନିକଟ ଏକ ନିଛାଟିଆ କାଜୁ ବଗିଚା ଓ ପରେ ଜାତୀୟ ରାଜପଥ ପାର୍ଶ୍ୱ ଏକ ଘରେ ରଖି ଗଣବଳାତ୍କାର କରିଥିଲେ। ନିଖୋଜ ଥିବା ଯୁବତୀ ଜଣକ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଉଦ୍ଧାର ହୋଇ ନାହାନ୍ତି । ଅଟକ ଥିବା ଯୁବକମାନଙ୍କଠାରୁ ପୋଲିସ ଏ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି। ନିଖୋଜ ଯୁବତୀ ଜଣକ ଛତିଶଗଡ଼ ରାଜ୍ୟ ରାୟପୁରର ବାସିନ୍ଦା ବୋଲି ସୂଚନା ମିଳିଛି ।

# ହର୍‌ଘର୍ ତ୍ରିରଙ୍ଗା ଶୋଭାଯାତ୍ରା




ତ୍ରିରଙ୍ଗା ଶୋଭଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମୀ ଓ ନେତା ।

**ଚଢ଼େଇଧରା,୧୧।୮ (ଦିଲୀପ ପରିଡ଼ା):** ଧର୍ମଶାଳା ଭାଜପା ପକ୍ଷରୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଆହ୍ୱାନରେ ମଧୁପୁରଗଡ଼ଠାରେ ଘରେ ଘରେ ତିରଙ୍ଗା କାର୍ଯକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୧୨ନଂ. ମଣ୍ଡଳର ୯ ପଞ୍ଚାୟତର ଶତାଧିକ କର୍ମୀ ଯୋଗ ଦେଇଥିଲେ। କୁକୁଡ଼ାଖାଲିରୁ ଉକ୍ତ ଶୋଭାଯାତ୍ରା ଆରମ୍ଭ କରାଯାଇ ମଧୁପୁରଗଡ଼ ଗ୍ରାମ ପରିକ୍ରମା କରିଥିଲା । ପରେ ଜଗନ୍ନାଥ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା । ପଞ୍ଚାୟତ ପ୍ରମୁଖ ବିଶ୍ୱରଞ୍ଜନ ବଳଙ୍କ ନେତୃତ୍ୱରେ କର୍ମୀମାନେ ଘରକୁ ଘର ଯାଇ ତ୍ରିରଙ୍ଗାକୁ କିପରି ସମ୍ମାନ ଦେବା, ନିଜ ଘରେ ସ୍ୱାଧୀନତାର ପ୍ରତୀକ ତ୍ରିରଙ୍ଗା ପତାକାକୁ କିପରି ଲଗାଇବାହେବ ସମ୍ପର୍କରେ ଲୋକମାନଙ୍କୁ ପ୍ରବର୍ତ୍ତାଇ ଥିଲେ। ଭାରତ ମାତାର ଜୟ ଗାନ କରିବା ସହିତ ବନ୍ଦେ ମାତରଂ, ଜୟ ଜୱାନ ଜୟ କିଷାନ ଧ୍ୱନିରେ ମଧୁପୁରଗଡ଼ ରାସ୍ତା ପ୍ରକମ୍ପିତ ହୋଇଥିଲା। ଶ୍ରୀବତ୍ସ ଧୀର, କପିଳା ବେହେରା, ଗୌତମ ସାହୁ, ସୁଜାତା ଧୀର, ମିଲୁ ଧୀର ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।



ବିଧାୟକ ଓ ଅନ୍ୟମାନେ ଚାରା ରୋପଣ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ।

**କୋରେଇ,(ଚନ୍ଦ୍ରକାନ୍ତ ପତି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସମଗ୍ର ଦେଶରେ ହରଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଚାଲୁରହିଛି। ସୋମବାର କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବି ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । କୋରେଇ ଭାଜପା ପକ୍ଷରୁ ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ କୁମାର ଜେନାଙ୍କ ନେତୃତ୍ୱରେ ହରଘର୍ ତ୍ରିରଙ୍ଗା ଓ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରଗଡ଼ିସ୍ଥିତ ଜିଲା ସରକାରୀ ପଲିଟେକନିକ କଲେଜ ନିକଟରୁ ପଦଯାତ୍ରା ବାହାରି ମା' କମ୍ବୁ ପୀଠ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବିଧାୟକ ଦାସ ନାୟକ ଚାରା ରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ପିନାକୀ ରଞ୍ଜନ ଦାସ, ଯୁବ ନେତା ପ୍ରୀତି ରଞ୍ଜନ ସାହୁ, ଆଇନଜୀବୀ ଧନେଶ୍ୱର ବାରିକ, ପ୍ରକାଶ ଧଳ, ପ୍ରମୋଦ କୁମାର ସାହୁ, ନାରୀନେତ୍ରୀ ଦିପ୍ତୀମୟୀ କୁଅଁର, ତଳଗଡ଼ ପଞ୍ଚାୟତ ଭାଜପା ସଭାପତି ଗୋପାଳ ଚରଣ ସାହୁ, ଯୁବ ସଭାପତି ସନ୍ତୋଷ କୁମାର ସ୍ୱାଇଁ, ବ୍ରଜ ଦାସ, ପପିନା ମିଶ୍ର, ହେମନ୍ତ କୁମାର ମଲିକ, ବସନ୍ତ କର, ସରପଞ୍ଚ ରଞ୍ଜନ କୁମାର ଦାସ, ଗୀତାଞ୍ଜଳୀ ସେଠୀ, ସାରଙ୍ଗଧର ପ୍ରଧାନ ଓ ସତ୍ୟାନନ୍ଦ ମହାପାତ୍ର, ପୂର୍ବତନ ସରପଞ୍ଚ ରୁନୁ ଭୂୟାଁ, ସମିତିସଭ୍ୟ ଉଦୟ ନାଥ ନାୟକ, ପୂର୍ବତନ ସମିତି ସଭ୍ୟ ଅଶୋକ କୁମାର ବାରିକ ଓ କୁଳମଣି ଦାସ, ଦିଲୀପ କୁମାର ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ସାହୁ, ପ୍ରତାପ ରାଉତରାୟ, ପ୍ରଦୀପ ରାଉତଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ ।



ତ୍ରିରଙ୍ଗା ଶୋଭାଯାତ୍ରାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ଅନ୍ୟମାନେ ।

**କାଏମା,(ଶିବପ୍ରସାଦ ମହାନ୍ତି):** ଯାଜପୁର ଜିଲା ଧର୍ମଶାଳା ଭାଜପା ପକ୍ଷରୁ ଏହି ନିର୍ବାଚନମଣ୍ଡଳୀ ଆରୁହା ମଣ୍ଡଳ ଅଧୀନ ଗଙ୍ଗାଧରପୁର ପଞ୍ଚାୟତରେ ସୋମବାର ହର ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଶୁଭାରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ଲକ୍ଷ୍ୟ ନେଇ ହରଘର ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଉଥିବା ବିଧାୟକ କହିଥିଲେ। ବହୁ କର୍ମୀ ଓ ସାଧାରଣ ଲୋକ ଯୋଗ ଦେଇ ଥିଲେ। ବରିଷ୍ଠ ଭାଜପା ନେତା ଚନ୍ଦ୍ରମଣି ପଣ୍ଡିତ, ଜିତେନ୍ଦ୍ର ରାଉତଙ୍କ ସମେତ ରବୀନ୍ଦ୍ର ବରାଳ, ପ୍ରଦୀପ ପରିଡା, ରାଜେଶ କୁମାର ପାଲ, ବିଶ୍ୱଜିତ ପୃଷ୍ଟି, ରମେଶ ବେହେରା ଏବଂ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବେଆଇନ ପାଥୋଲୋଜି କେନ୍ଦ୍ରକୁ ବିରୋଧ

**ଧର୍ମଶାଳା,୧୧।୮ (ବଟକୃଷ୍ଣ ପରିଡ଼ା):** ଦିନକୁ ଦିନ ବଢ଼ି ଚାଲିଛି ଘରୋଇ ଡାକ୍ତରଖାନା ଓ ପାଥୋଲୋଜି କେନ୍ଦ୍ର। ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଆବଶ୍ୟକ ପରୀକ୍ଷା ନିରୀକ୍ଷା ପାଇଁ ପଠାଉଛନ୍ତି । ହେଲେ ପାଥୋଲୋଜି କେନ୍ଦ୍ର ମନଇଛା ରୋଗୀଙ୍କୁ ଶୋଷଣ କରୁଛନ୍ତି । ଏହିଭଳି ସଙ୍ଗୀନ ଅଭିଯୋଗ ଧର୍ମଶାଳା ଥାନା ନେଉଳପୁରରେ ଥିବା ଏକ ପାଥୋଲୋଜି କେନ୍ଦ୍ର ବିରୋଧରେ ଆସିଛି। କେତେଜଣ ଡାକ୍ତର ଓ ପାଥୋଲୋଜି କେନ୍ଦ୍ରର ମାଲିକ ପାଇଁ ବଳି ପଡୁଛନ୍ତି ନୀରିହ ରୋଗୀ । କିଛି ଦିନ ତଳେ ଜଣେ ରୋଗୀ ରକ୍ତ ପରୀକ୍ଷା ପାଇଁ ଏହି ପାଥୋଲୋଜିକୁ ଯାଇ ରକ୍ତ ଦେଇଥିଲେ। ହେଲେ ଭୁଲ ରିପୋର୍ଟଯୋଗୁ ରୋଗୀ ଜଣଙ୍କ ମୃତ୍ୟୁ ମୁଖରୁ ପଡିଥିଲେ । ହେଲେ ଆବଶ୍ୟକ ଚିକିତ୍ସା ପରେ ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଘୋର ଜନ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଉକ୍ତ ଘଟଣାକୁ ପାଥୋଲୋଜି ମାଲିକ କୌଶଳ କ୍ରମେ ଚପାଇ ଦେଇଥିଲେ। ବେଆଇନ ଭାବେ ଚାଲିଥିବା ଏହି ପାଥୋଲୋଜି କେନ୍ଦ୍ରରେ ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଗଲେ ଅଧିକରୁ ଅଧିକ ରହସ୍ୟଜନକ ଘଟଣା ଲୋକ ଲୋଚନକୁ ଆସିପାରିବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଲେ ଲୁଟେରା

**ଧର୍ମଶାଳା,୧୧।୮ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା ୧୬ନଂ. ଜାତୀୟ ରାଜପଥ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ବେକରୁ ଲୁଟେରା ସୁନାଚେନ୍ ଲୁଟି ନେଇ ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଛି । ଧର୍ମଶାଳା ଥାନା କୋଟପୁର ଗ୍ରାମର ନୃସିଂହ ଚରଣ ସାହୁଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ବାପଘର କୁଆଖିଆ ଥାନା ଶୁଳିଆ ଗ୍ରାମକୁ ଭାଇଙ୍କ ହାତରେ ରାଖି ବାନ୍ଧିବାକୁ ଯାଉଥିଲେ । ରବିବାର ସନ୍ଧ୍ୟାରେ ଭାଇ ପ୍ରଦୀପଙ୍କ ସହିତ ବାଇକ୍‌ରେ କୋଟପୁର ଫେରୁଥିବା ବେଳେ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ୨ଜଣ ଲୁଟେରା ଏକ ବାଇକ୍‌ରେ ତାଙ୍କ ପିଛା କରିଥିଲେ । ନିଛାଟିଆ ସ୍ଥାନ ଦେଖି ତାଙ୍କ ବେକରୁ ୧୫ଗ୍ରାମ ଓଜନର ସୁନା ଚେନ୍ ଲୁଟିନେଇ ଫେରାର୍ ହୋଇଯାଇଥିଲେ। ଏନେଇ ଅନ୍ନପୂର୍ଣ୍ଣା ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା(ନଂ.୪୮୬/୨୫) ରୁଜୁ କରି ତଦନ୍ତ ଚଳାଇଛି ।

# ୨୦ ଅଭିଯୋଗର ତତ୍କାଳ ସମାଧାନ

## ଦାନଗଦି ବ୍ଲକରେ ଜନ ଅଭିଯୋଗ ଶୁଣାଣି ଶିବିର

**କଳିଙ୍ଗନଗର,୧୧।୮ (ଶୁଭାଶିଷ ରାଉତ):**




ଜିଲାପାଳ ଲୋକମାନଙ୍କ ଅଭିଯୋଗ ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି ।

ଦାନଗଦି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲା ପ୍ରଶାସନର ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ମୋଟ ୪୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୨, ଗୋଷ୍ଠୀଗତ ସମସ୍ୟା ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ , ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୯ ଅଭିଯୋଗର ଶୁଣାଣି କରାଯାଇଥିଲା। ୨୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ, ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲାପାଳ, (କଳିଙ୍ଗନଗର) ସପନ କୁମାର ନନ୍ଦ, ମଣ୍ଡଳ ଉନ୍ନୟନ ଅଧିକାରୀ, ଦାନଗଦି ପ୍ରଦୀପ କୁମାର ସେଠୀ, ତହସିଲଦାର, ଦାନଗଦି ରଞ୍ଜିତ କୁମାର ମଲିକ ଓ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଗ୍ରାହକଙ୍କ ମନିପର୍ସ ଫେରାଇଲେ ହୋଟେଲ ମାଲିକ

**ପାଣିକୋଇଲି,୧୧।୮ (ବିକାଶ କୁମାର ମଲିକ)**



ଆଜି ବି କେତେଜଣ ମଣିଷଙ୍କ ପାଖରେ ମାନବିକତା ବଞ୍ଚିଛି। ଜଣେ ଗ୍ରାହକ ହୋଟେଲରେ ଛାଡ଼ି ଯାଇଥିବା ମନିପର୍ସକୁ ହୋଟେଲ ମାଲିକ ଫେରାଇବା ପରେ ଏହି ଉକ୍ତ ସ୍ଥାନୀୟ ଲୋକେ କହୁଛନ୍ତି। ସୂଚନା ଅନୁଯାୟୀ, ୧୬ନଂ.ଜାତୀୟ ରାଜପଥର ପୁରୁଣା ଟୋଲଗେଟ ନିକଟରେ ଥିବା ଶାନ୍ତି ହୋଟେଲକୁ ସୋମବାର ମଧ୍ୟାହ୍ନରେ ବିହାର ରାଜ୍ୟ ପାଟନା ଗୌରୀଛକର ଋଷଭ ରାଜ ନାମକ ଜଣେ ଯୁବକ ଖାଇବାକୁ ଆସିଥିଲେ। ସେ ଖାଇସାରିବା ପରେ ହୋଟେଲ ମାଲିକଙ୍କୁ ବିଲ ଦେଇଥିଲେ । ଏହାପରେ ସେ ନିଜ ମନିପର୍ସ ମାଲିକଙ୍କ କ୍ୟାସ୍ ଟେବୁଲ ଉପରେ ରଖି ଚାଲି ଯାଇଥିଲେ। ହୋଟେଲ ମାଲିକ ବ୍ରଜ କିଶୋର ଦାଶ ଉକ୍ତ ପର୍ସରୁ ତାଙ୍କ ମୋବାଇଲ ନମ୍ବର ବାହାର କରି ରାଜଙ୍କ ସହିତ ଯୋଗାଯୋଗ କରିଥିଲେ। ରାଜ ସେତେବେଳକୁ ବାଲେଶ୍ୱର ପହଞ୍ଚି ସାରିଥିଲେ । ସେଠାରୁ ଫେରିବା ପରେ ଦାଶ ତାଙ୍କୁ ତାଙ୍କ ମନିପର୍ସଟି ଫେରାଇ ଥିଲେ। ଉକ୍ତ ପର୍ସରେ ଟଙ୍କା ସହିତ ରାଜଙ୍କ ଆବଶ୍ୟକ କାଗଜପତ୍ର ଥିଲା। ତେବେ ନିଜ ପର୍ସରେ ସମସ୍ତ କାଗଜ ପତ୍ର ଓ ଟଙ୍କା ସୁରକ୍ଷିତ ଥିବାରୁ ସେ ଦାଶଙ୍କୁ କୃତଜ୍ଞତା ଜଣାଇଥିଲେ।

# ହାଇୱା ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ

**ପାଣିକୋଇଲି,୧୧।୮ (ବିକାଶ କୁମାର ମଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଗୋଲେଇ ଉପରେ ଦ୍ରୁତଗାମୀ ହାଇୱା ଚଢିଯିବାରୁ ଜଣେ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଭଦ୍ରକ ଜିଲା ଚରମ୍ପା ଅଞ୍ଚଳର ବୁଦ୍ଧଦେବ ସାହୁ ଧନପୁରଠାରେ ଥିବା ଟାଟା ମୋଟର୍ସରେ କାମ କରନ୍ତି । ସେ ପାଣିକୋଇଲିରେ ଘରଭଡ଼ା ନେଇ ରହୁଥିଲେ। ସବୁଦିନ ବୁଦ୍ଧଦେବ ସୋମବାର ସାଇକେଲରେ କର୍ମକ୍ଷେତ୍ରକୁ ଯାଉଥିଲେ। ହେଲେ ପାଣିକୋଇଲି ବଜାର ଉପରେ ଷଠିପୁର ପଟୁ ଏକ ଦ୍ରୁତଗାମୀ ହାଇୱା (ନଂ.ଓଡ଼ି୩୪ଏକ୍ସ ୪୦୪୯) ଓଭରବ୍ରିଜ ତଳୁ ବାହାରି ବୁଦ୍ଧଦେବଙ୍କ ସାଇକେଲକୁ ଧକ୍କା ଦେଇଥିଲା । ସେ ପଡ଼ିଯିବାରୁ ଗାଡ଼ିଟି ତାଙ୍କ ଉପରେ ଚଢ଼ିଯାଇଥିଲା । ଫଳରେ ସେ ଗୁରୁତର ହୋଇଥିଲେ। ପାଣିକୋଇଲି ପୋଲିସ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ହାଇୱା ତଳୁ ବାହାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ହାଇୱା ଜବତ କରିଛି। ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି । ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି ।

# ମହିଳାଙ୍କ ସୁରକ୍ଷା ଦାବିରେ ନବନିର୍ମାଣ ସଙ୍ଗଠନର ପଦଯାତ୍ରା

**ପାଣିକୋଇଲି,୧୧।୮ (ବିକାଶ କୁମାର ମଲିକ):**




ନବନିର୍ମାଣ ସଂଗଠନ ପକ୍ଷରୁ ଆୟୋଜିତ ପଦଯାତ୍ରା ।

ରାଜ୍ୟରେ ଦିନକୁ ଦିନ ମହିଳାଙ୍କ ପ୍ରତି ନିର୍ଯାତନା ବଢି ଚାଲିଛି। ପୂର୍ବ ସରକାର ସମୟରେ ଇତିଶ୍ରୀ, ବେବିନା, ମାଧବିଲତା, ମମିତା ଓ ରୁଚିକାଙ୍କ ଭଳି ମହିଳା ବଳାତ୍କାରର ଶୀକାର ହୋଇ ଆତ୍ମହତ୍ୟା କରିଥିଲେ । କେତେଜଣ ମହିଳାଙ୍କୁ ବଳାତ୍କାର କରାଯାଇ ହତ୍ୟା କରାଯାଇଥିଲା । ସରକାର କେବଳ ତଦନ୍ତ ଆଳ ଦେଖାଇ ଖସି ଯାଇଛନ୍ତି। ପୀଡ଼ିତାଙ୍କ ପରିବାର ଆଜି ପର୍ଯ୍ୟନ୍ତ ନ୍ୟାୟ ପାଇଁ ସଂଘର୍ଷ କରୁଛନ୍ତି। ତେବେ ରାଜ୍ୟରେ ସରକାର ବଦଳିବା ପରେ ମଧ୍ୟ ଉକ୍ତ ଘଟଣା ବନ୍ଦ ହୋଇନାହିଁ । ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ କଲେଜର ଅଧ୍ୟାପକଙ୍କ ଦ୍ୱାରା ଅସଦାଚରଣର ଶୀକାର ହୋଇ ଆତ୍ମହୁତି ଦେଇଛନ୍ତି । ସେହିଭଳି ବଳଙ୍ଗାଠାରେ ଜଣେ ନାବାଳିକାଙ୍କୁ ନିଆଁରେ ପୋଡ଼ି ହତ୍ୟା କରାଯାଇଥିବା ବେଳେ କେନ୍ଦ୍ରାପଡ଼ାରେ ମଧ୍ୟ ଜଣେ ଛାତ୍ରୀ ପୋଡ଼ି ହୋଇ ମରିଛନ୍ତି। ସରକାରୀ ତଦନ୍ତ ବ୍ୟବସ୍ଥାକୁ ଦାୟୀ କରି ରାଜରାସ୍ତାକୁ ଓହ୍ଲାଇଛି ନବନିର୍ମାଣ ପରିବାର। ଏଥି ନିମନ୍ତେ ନବ ନିର୍ମାଣ କୃଷକ ସଙ୍ଗଠନ ଓ ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନ ଗତ ୪ ତାରିଖରୁ ବାଲେଶ୍ୱରର ଏଫ୍‌ଏମ୍‌କଲେଜରୁ ପଦଯାତ୍ରାରେ ବାହାରି ଆସନ୍ତା ୧୮ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ପିଏମ୍‌ଜି ଛକଠାରେ ଏକ ସମ୍ମିଳନୀ କରିବ ବୋଲି ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ପ୍ରକାଶ କରିଛନ୍ତି। ଉକ୍ତ ପଦଯାତ୍ରା ସୋମବାର ପାଣିକୋଇଲିରେ ପହଞ୍ଚିବା ପରେ କୃଷକ ସଙ୍ଗଠନର କୋରାଇ ବ୍ଲକ ସଂଯୋଜକ ଲକ୍ଷ୍ମୀଧର ସାହୁ, ଓ ସୂର୍ଯ୍ୟମଣୀ ପଣ୍ଡା ପ୍ରମୁଖ ପଦଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏଥି ନିମନ୍ତେ ସ୍ଥାନୀୟ ମା'ତାରିଣୀଙ୍କ ମନ୍ଦିରଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ଡ.କୃଳମଣୀ, ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନର ସଂଯୋଜକ ମନୋହର ଅଲ୍ଲୀ, ବରିଷ୍ଠ ରାଜ୍ୟ କମିଟି ସଦସ୍ୟ ଦେବୀ ପ୍ରସାଦ ମହାରଣା, ଯାଜପୁର ଜିଲା ସଂଯୋଜକ ଅଶ୍ୱିନୀ ଜେନା, ମହମ୍ମଦ ଭଞ୍ଜ ଜିଲା ସଂଯୋଜକ ଦିନେଶ ଦାସ, ସୋନପୁର ଜିଲା ସଂଯୋଜକ ଶ୍ରୀକାନ୍ତ ସାହୁ ଓ ବିଶ୍ୱନାଥ ଦେହୁରୀ, ବାଲେଶ୍ୱର ଜିଲା ସଂଯୋଜକ ରଞ୍ଜିତ ପଟ୍ଟନାୟକ, ଭଦ୍ରକ ଜିଲା ସଂଯୋଜକ ପ୍ରଭାତ ମହାଲିଙ୍ଗ, ବୌଦ୍ଧ ଜିଲା ସଂଯୋଜକ ଶ୍ରାବଣ ଅନନ୍ତ, ଖୋର୍ଦ୍ଧା ଜିଲା ସଂଯୋଜକ ନିରଞ୍ଜନ ପ୍ରଧାନ, ଜଗତସିଂହପୁର ଜିଲା ସଂଯୋଜକ ଦେବୀ ପ୍ରସାଦ ମହାରଣା, କେନ୍ଦୁଝର ଜିଲା ସଂଯୋଜକ ଖଗେଶ୍ୱର ମହାନ୍ତ, ଗଞ୍ଜାମ ଜିଲା ସଂଯୋଜକ କୃଷ୍ଣ ଚନ୍ଦ୍ର ନାହାକ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। କୃଷକ ସଙ୍ଗଠନର କୋରାଇ ବ୍ଲକର ବରିଷ୍ଠ ସଦସ୍ୟ ଶାନ୍ତନୁ ପଣ୍ଡା ପଦଯାତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ।

# କୁଆଖିଆରେ ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ

**ରସୁଲପୁର,୧୧।୮ (ରଞ୍ଜିତ ରାଉତ):**



ଆର୍‌ଏସ୍‌ଏସ୍ କର୍ମୀମାନେ ସ୍ୱାଗତ ସଞ୍ଚଳନ କରୁଛନ୍ତି ।

ରସୁଲପୁର ବ୍ଲକ କୁଆଖିଆ ବଜାରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍‌ଏସ୍)ର ଶତବାର୍ଷିକୀ ପୂର୍ତ୍ତି ଉପଲକ୍ଷେ ଶ୍ରୀରାମପୁରଖଣ୍ଡ, ଯାଜପୁରରେ ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୁପେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ବୃନ୍ଦାବନ ପାଣି, ମୁଖ୍ୟବକ୍ତା ଓଡ଼ିଶା ପୂର୍ବପ୍ରାନ୍ତର ଶାରୀରିକ ଶିକ୍ଷଣ ପ୍ରମୁଖ ବସନ୍ତ କୁମାର ମଲିକ , ଯାଜପୁର ଜିଲାର ସହ ଜିଲା କାର୍ଯ୍ୟବାହ ସନ୍ଦୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱୟଂସେବକମାନଙ୍କୁ ହିନ୍ଦୁ ରାଷ୍ଟ୍ରର ପୁରାତନ ସଂସ୍କୃତି ବଞ୍ଚାଇ ରଖିବା,ଦେଶପ୍ରେମୀ, ତ୍ୟାଗୀ ଯୁବକମାନଙ୍କୁ ଶାଖାରେ ନିର୍ମାଣ କରିବାକୁ ପଡ଼ିବ ବୋଲି ଅତିଥିମାନେ କହିଥିଲେ। ଏଥିସହିତ ୨୦୨୬ ସୁଦ୍ଧା ଆମକୁ ପ୍ରତି ଗ୍ରାମରେ ସଂଘର ଶାଖା, ମିଳନ କେନ୍ଦ୍ର ଛିଡା କରିବାକୁ ପଡିବ ବୋଲି ବକ୍ତାମାନେ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀରାମପୁର ଖଣ୍ଡର ୬ ମଣ୍ଡଳର ୧୫୦ରୁ ଊର୍ଦ୍ଧ୍ୱ ସ୍ୱୟଂସେବକ ଯୋଗ ଦେଇଥିଲେ । ସ୍ୱୟଂସେବକମାନଙ୍କ ଗୁଣାତ୍ମକ ସଞ୍ଚଳନ ହାଇଟେକ୍ ମହାବିଦ୍ୟାଳୟ ଆଗରୁ ବାହାରି ଥିଲା। କୁଆଖିଆ ବଜାର ପରିକ୍ରମା କରିବାପରେ ହାଇଟେକ୍ ମହାବିଦ୍ୟାଳୟ ସମ୍ମୁଖ ଶାଖା ପଡିଆକୁ ଫେରିଥିଲା । ସ୍ୱୟଂସେବକମାନଙ୍କ ଦ୍ୱାରା ବ୍ୟାୟମ, ଯୋଗ ଓ ଆସନ ଇତ୍ୟାଦି ଶାରୀରିକ ପ୍ରଦର୍ଶନୀ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ପ୍ରାର୍ଥନା କରାଯାଇ କାର୍ଯ୍ୟକ୍ରମକୁ ସମାପ୍ତ ଘୋଷଣା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡ କାର୍ଯ୍ୟବାହ ନିଗମାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀରାମପୁର ଖଣ୍ଡର କାର୍ଯ୍ୟକର୍ତ୍ତା ସିଦ୍ଧାର୍ଥ ଶଙ୍କର ପଣ୍ଡା, ଯଶୋବନ୍ତ ଦାସ, ଅଜୟ କୁମାର ପୃଷ୍ଟି, ସ୍ୱାଧୀନ ରାଉତ, ଅମିୟ ସାହୁ, ପ୍ରମୋଦ ଦଳେଇ, ଶରତ କୁମାର ସାହୁ ଉପସ୍ଥିତ ରହି ସହଯୋଗ କରିବା ସହିତ ଜିଲା ବିଭାଗ ଓ ପ୍ରାନ୍ତର କାର୍ଯ୍ୟକର୍ତ୍ତା ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ମହାବିଦ୍ୟାଳୟ ସମ୍ମୁଖରେ ଅନଶନ**

ରାଜନଗର, (ଭାସ୍କର ରାଉତରାୟ): ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ସମ୍ମୁଖରେ ସୋମବାର ୮ ଜଣ ଚାକିରି ଆଶାୟୀ ଅନଶନରେ ବସିଥିଲେ। ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପଦବୀ ପାଇଁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗକରି ସଞ୍ଜୟ କୁମାର ମହାରଣା, ଦେବପ୍ରସାଦ ସାହୁ, ସୁନୀଲ କୁମାର ସାହୁ, ବ୍ରହ୍ମାନନ୍ଦ ସେଠୀ, ରାଜ କିଶୋର ସ୍ୱାଇଁ, ପ୍ରହଲ୍ଲାଦ ଦାସ ପ୍ରମୁଖ ମହାବିଦ୍ୟାଳୟ ଗେଟ୍ ନିକଟରେ ଅନଶନରେ ବସିଥିଲେ। ବିଦ୍ୟାଳୟର ଅଧକ୍ଷଙ୍କ ସହ ଆଲୋଚନା ପରେ ଅନଶନକାରୀ ଉଠି ଯାଇଥିଲେ।

# ଚଳିତବର୍ଷ ୩୫.୭୭ କୋଟିର ବଜେଟ

## ଜଗତ୍‌ସିଂହପୁର ପୌର ପରିଷଦ ଅଧିବେଶନ

ଜଗତ୍‌ସିଂହପୁର, ୧୧।୮ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଚଳିତବର୍ଷର ବଜେଟ ପ୍ରସ୍ତୁତ କରାଯାଇଛି। ସୋମବାର ପରିଷଦ କାର୍ଯ୍ୟାଳୟ ପରିସରରେ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱାୟତ୍ତ ଶାସନ ଦିବସ ପାଳନ ସହ ବଜେଟ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିଲା। ଚଳିତବର୍ଷ ପରିଷଦକୁ ଆସିବାକୁ ଥିବା ଅର୍ଥ ଓ ବ୍ୟୟ ସମ୍ପର୍କରେ ଆଲୋଚନା କରାଯାଇ ୩୫,୭୭,୮୮,୦୦୦ ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଥିଲା। ଆସିବାକୁ ଥିବା ଅର୍ଥ ମଧ୍ୟରେ ଟାକ୍ସ ରାଜସ୍ୱ ବାବଦରେ ୧ କୋଟି ୮୫ ଲକ୍ଷ ୫୦ ହଜାର ଟଙ୍କା ଆକଳନ କରାଯାଇଛି।

ସେହିପରି ସମର୍ପିତ ରାଜସ୍ୱ ଓ କ୍ଷତିପୂରଣ ବାବଦରେ ୪ କୋଟି ୨୫ ହଜାର ୩୨୦ ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପରିଷଦ ସମ୍ପତ୍ତି ଯଥା ସଂସ୍କୃତି ଭବନ, ଟାଉନ ହଲ ଓ କଲ୍ୟାଣ ମଣ୍ଡପ ଆଦିରୁ ଭଡ଼ା ସୂତ୍ରରେ ୧୧ ଲକ୍ଷ ଟଙ୍କା ଆଦାୟ ହେବ। ସେପ୍ଟିଟାଙ୍କି, ମୁକ୍ତି ରଥ, ପରିମଳ ସେବା, ପାର୍କିଂ ଫି, କୋଠା ନିର୍ମାଣ ଯୋଜନା ଅନୁମୋଦନ ଆଦି ବାବଦରେ ୩୦ ଲକ୍ଷ ୧୩ ହଜାର ୫୦୦ ଟଙ୍କା ଆସିବ। ଅନୁରୂପ ଭାବେ ଘାସ କଟା, ଟ୍ରାକ୍ଟର ଭଡା, ଖତ ବିକ୍ରି ଆଦିରେ ୩୧ ଲକ୍ଷ ୬୦ ହଜାର ଟଙ୍କା ଆସିବା ଲକ୍ଷ୍ୟ ରହିଛି। ରାଜସ୍ୱ ଅନୁଦାନ, ବିନିଯୋଗ ଓ ରିହାତି ବାବଦ ଅର୍ଥାତ୍ ଟେଣ୍ଡର ପେପର ବିକ୍ରି, ରାଜ୍ୟ ସରକାରଙ୍କ ଅନୁଦାନ (ବିଧାୟକ ଓ ଏମ୍‌ପି ପାଣ୍ଠି), କେନ୍ଦ୍ର ସରକାରଙ୍କ ଅନୁଦାନରୁ ସ୍ୱଚ୍ଛ ଭାରତ ଯୋଜନା ସମେତ ଅନ୍ୟାଥିରେ ୪୦ ଲକ୍ଷ ଟଙ୍କା ଆସିବାର ଅଛି।

ବିଭିନ୍ନ ବିନିଯୋଗ ଯଥା ଫିକ୍ସ ଡିପୋଜିଟ୍ ସୁଧ ଓ ଅନ୍ୟ ବାବଦରେ ୨୦ ଲକ୍ଷ ୧୧ ହଜାର ୩୧୩ ଟଙ୍କା, ବ୍ୟାଙ୍କ ଆଦିରୁ ସୁଧ ବାବଦରେ ୪୨ ଲକ୍ଷ ଟଙ୍କା ଆସିବା ଲାଗି ଆକଳନ କରାଯାଇଛି। ଏହିପରି ମୋଟ ୭,୬୦,୬୨,୧୫୩ ଟଙ୍କା ଆସିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୧୬ତମ ଅର୍ଥ କମିଶନ, ରାଜ୍ୟ ଅର୍ଥ କମିଶନ, ରାସ୍ତା, ପୋଲ, ମୁଖ୍ୟମନ୍ତ୍ରୀ ସହରବିକାଶ ଯୋଜନା, ମୋଟର ଗାଡି ଟାକ୍ସ, ଶ୍ମଶାନ, ସ୍ମାର୍ଟ ପାର୍କ, ସ୍ମାର୍ଟ ପରିସ୍ରାଗାର ଓ ସର୍ବସାଧାରଣ ପରିସ୍ରାଗାର ଆଦିରେ ୧୬ କୋଟି ୮୩ ଲକ୍ଷ ୫୧ ହଜାର, ଟେଣ୍ଡରର ସୁରକ୍ଷା ଅର୍ଥ ଜମାରେ ୨ ଲକ୍ଷ ଏହିପରି ୧୬ କୋଟି ୮୫ ଲକ୍ଷ ୫୧ ହଜାର ଟଙ୍କା ଆସିବାକୁ ଆକଳନ କରାଯାଇଛି। ମୋଟ ଉପରେ ୩୫,୭୭,୮୮,୦୦୦ ଟଙ୍କା ଆୟକୁ ଦେଖି ପୂର୍ଣ୍ଣ ଅର୍ଥ ରାଶି ବିନିଯୋଗ ପାଇଁ ଖସଡା ପ୍ରସ୍ତୁତ କରାଯାଇଛି। ଖର୍ଚ୍ଚ ମଧ୍ୟରେ କର୍ମଚାରୀଙ୍କ ଦରମା, ପେନ୍‌ସନ, ବକେୟା, ଚିକିତ୍ସା ଆଦି ବାବଦରେ ୪ କୋଟି ୧୯ ଲକ୍ଷ, ପ୍ରଶାସନିକ ଖର୍ଚ୍ଚ ଯଥା କାର୍ଯ୍ୟାଳୟ ମରାମତି, ବିଦ୍ୟୁତ, ଟେଲିଫୋନ, ଗାଡି ବୀମା, ଷ୍ଟେଶନାରୀ, ବୈଠକ ଓ ତେଲ କିଣା ଆଦିରେ ୪୮ ଲକ୍ଷ ୩୩ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ମଶା ତେଲ, ଫିନାଇଲ, ବ୍ଲିଚିଂ ପାଉଡର, କମ୍ପ୍ୟୁଟର କିଣା, ମେଶିନ ଭଡା, ମରାମତି ଓ ରକ୍ଷଣାବେକ୍ଷଣ ସମେତ ପରିମଳ ଆଦିରେ ୮ କୋଟି ୭୩ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚ ଆକଳନ ହୋଇଛି। ଚେକ୍ ବାଉନ୍ସ ଓ ଅନ୍ୟ ବାବଦରେ ୫ ହଜାର, ସ୍ୱାୟତ୍ତ ଶାସନ, ସ୍ୱାଧୀନତା, ସାଧାରଣତନ୍ତ୍ର ଦିବସ, ହର ଘର ତ୍ରିରଙ୍ଗା, ଜଳଛତ୍ର, ସଚେତନତା ଆଦିରେ ୩୭ ଲକ୍ଷ, ରିଲିଫ, ଚାରାରୋପଣ, କୁକୁର ବନ୍ଧ୍ୟାକରଣ ଆଦିରେ ୯ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ଅଫିସ, କମ୍ୟୁନିଟି ବିଲ୍ଡିଂ, କଲ୍ୟାଣ ମଣ୍ଡପ, ମାର୍କେଟ ବିଲ୍ଡିଂ, ଏମ୍‌ସିସିଏମ୍‌ଆର୍‌ଏଫ୍, ଭେଣ୍ଡିଂ ଜୋନ, ପୋଖରୀ, ଫର୍ଣ୍ଣିଚର, କମ୍ୟୁନିଟି ହାଇବ୍ରିଡ ଟଏଲେଟ୍, ପାଭର, କଂକ୍ରିଟ୍ ଓ ମେଟାଲ ରାସ୍ତା ବାବଦରେ ୨୧ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନରେ ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷା ସୀମା ଜେନା, ବିଧାୟକ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ଉପାଧକ୍ଷ ରାଜେନ୍ଦ୍ର କୁମାର ବିଷୋଇ ଓ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ।


ପୌର ପରିଷଦ ଅଧିବେଶନରେ ପୌରାଧକ୍ଷା ଅର୍ଚ୍ଚନା ସିଂହ ଏବଂ କାଉନ୍‌ସିଲରମାନେ।

# ବିଧବା ବୋହୂଙ୍କ ଗାଲ କାମୁଡ଼ିଲେ ଶ୍ୱଶୁର: ଥାନାରେ ଅଭିଯୋଗ

ପଟ୍ଟାମୁଣ୍ଡାଇ, ୧୧।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜନୈକ ଶ୍ୱଶୁର ନିଜର ବିଧବା ବୋହୂଙ୍କ ଗାଲ କାମୁଡି ଦେଇଥିବା ଜୁଲାଇ ୩୧ ରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ବୋହୂ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିବା ବେଳେ ଶାଶୁ ପାଲଟା ଏତଲା ଦେଇଛନ୍ତି। ଏ ନେଇ ପୋଲିସ ଉଭୟଙ୍କ ଅଭିଯୋଗ ଉପରେ ଶାଶୁଙ୍କ ଅଭିଯୋଗକୁ ଭିତ୍ତି କରି ନଂ. ୨୭୩/୨୫ ଓ ବୋହୂଙ୍କ ଅଭିଯୋଗକୁ ନେଇ ନଂ. ୨୭୪/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସ୍ତ୍ରୀ ବିଧବା ହୋଇଥିଲେ। ପରେ ତାଙ୍କ ଶ୍ୱଶୁର, ଶାଶୁ ଓ ଦିଅର ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଛନ୍ତି। ସଦା ବେଳେ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ ସହ ମାଡ ମାରିଆସୁଛନ୍ତି। ଏପରିକି ଘରୁ ବାହାର କରି ଦେବାକୁ ଧମକ ଦେଇଛନ୍ତି। ଯାହାଫଳରେ ନିର୍ଯାତନା ସହି ନ ପାରି ନିଜର ଛୋଟ ପିଲାମାନଙ୍କୁ ଧରି ବୋହୂ ନିଜ ଶାଶୁ ଘର ସଂଲଗ୍ନ ଏକ ଛୋଟ ଘରେ ରହି ଆସୁଥିଲେ। ସେଠାରେ ବର୍ଷାଦିନେ ପାଣି ଗଳିବାର ଶ୍ୱଶୁରଙ୍କୁ ବୋହୂ ଜଣାଇଥିଲେ। ପରେ ଶ୍ୱଶୁର, ଶାଶୁ ଓ ଦେଢ଼ଶୁର ଉତ୍ତ୍ୟକ୍ତ ହୋଇ ବୋହୂଙ୍କୁ ଗାଳି ଗୁଲଜ ଓ ମାରଧର କରିଥିଲେ। ଶ୍ୱଶୁର ରାଗି ଯାଇ ବୋହୂଙ୍କ ଗାଲ କାମୁଡ଼ି ଦେଇଥିଲେ। ଫଳରେ ବୋହୂଙ୍କ ଗାଲରୁ ରକ୍ତ ବାହାରିଥିଲା। ଏନେଇ ବୋହୂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଘଟଣା ଦିନ ପ୍ରଥମେ ଶାଶୁ ଥାନାରେ ପହଞ୍ଚି ବୋହୂ ମାଡମାରି ଶ୍ୱଶୁରଙ୍କୁ ତଳେ ପକାଇ ଦେଇଥିଲା। ମାଡିବସି ତାଙ୍କ ହାତକୁ କାମୁଡ଼ିବା ସହିତ ମୋ ହତକୁ ମଧ କାମୁଡି ଦେଇଥିଲା। ଘଟଣା ସବୁ ୱାଡ୍ ମେମ୍ବରଙ୍କ ଉପସ୍ଥିତିରେ ଘଟିଥିଲା। ଗ୍ରାମାଂଚଳ ଥାନା ପୋଲିସ ଉଭୟପକ୍ଷଙ୍କ ଏତଲାକୁ ଗ୍ରହଣ କରି ମାମଲା ରୁଜୁ ସହ ତଦନ୍ତ ଚଳାଇଛି।

# ନଗର ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା



କେନ୍ଦ୍ରାପଡ଼ା ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

କେନ୍ଦ୍ରାପଡ଼ା, ୧୧।୮ (ଜଗନ୍ନାଥ ଧଳ)

ଦେଶ ସ୍ୱାଧୀନତା ଦିବସ ଆସନ୍ତା ଅଗଷ୍ଟ ୧୫ରେ ପାଳନ କରିବ। ଏହା ପୂର୍ବରୁ ରାଷ୍ଟ୍ରର ବିକାଶ ସମ୍ପର୍କରେ ସଚେତନତା ପାଇଁ କେନ୍ଦ୍ରାପଡ଼ା ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ସହର ମଧ୍ୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ନୀହାରିକା ନାୟକଙ୍କ ନେତୃତ୍ୱରେ ସହରର ବାଲାବାବା ମନ୍ଦିରଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ହୋଇଥିଲା। ଏଥିରେ ବରିଷ୍ଠ ନେତ୍ରୀ ଗୀତାଞ୍ଜଳି ସେଠୀ ଯୋଗଦେଇ କହିଛନ୍ତି, ଦେଶର ଶାସନ ଏବେ ସୁରକ୍ଷିତ ରାଜନୈତିକ ଦଳ ହାତରେ ଅଛି। ଭାଜପା ଦେଶରେ ଶାସନ କରିବା ମଧ୍ୟରେ ବାହ୍ୟ ଶତ୍ରୁ ପ୍ରତି ଆକ୍ରମଣାତ୍ମକ ମନୋଭାବ ଦେଖାଇଛି। ସେହିପରି ଅର୍ଥନୈତିକ କ୍ଷେତ୍ରରେ ଯୁବବର୍ଗଙ୍କୁ କର୍ମନିଯୁକ୍ତି ଦେବା ସହ ଶିଳ୍ପ ସମୃଦ୍ଧ ଏହି ଦେଶର ଅର୍ଥନୀତି ଆଗକୁ ବଢ଼ିଛି। ସେହିପରି ସାମାଜିକ ସୁରକ୍ଷା, ମୌଳିକ ଆବଶ୍ୟକତା ପୂରଣ ହେଉଛି। ମହିଳା ସଶକ୍ତୀକରଣଠାରୁ ଆରମ୍ଭକରି ଚାଷୀଙ୍କୁ ଉନ୍ନତ ଚାଷ ପାଇଁ ପ୍ରୋତ୍ସାହିତ କରିଛି। ବରିଷ୍ଠ ନେତା ଦୁର୍ଯ୍ୟୋଧନ ସାହୁ, ସଲିମ ଖାନ, ଉପିନ ରାଉତ, ନେହେରୁ ସାହୁ, ସସ୍ମିତା ସାହୁ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ଜାତୀୟ ଉଦ୍ୟାନର ମଈପୁରା ନଦୀରୁ ଜାଲ, ଡିଙ୍ଗି ଜବତ

ରାଜନଗର, ୧୧।୮ (ଭାସ୍କର ରାଉତରାୟ)

ରବିବାର ରାତି ୨ ଟାରେ ଭିତରକନିକା ଜାତୀୟ ଉଦ୍ୟାନର ମଈପୁରା ନଦୀରେ ବେଆଇନ ଭାବେ ଜାଲ ବସାଇ ମାଛ ଧରୁଥିବା ରାଜନଗର ଡିଏଫ୍‌ଓ ଖବର ପାଇଥିଲେ। ପରେ ଡିଏଫଓଙ୍କ ନିର୍ଦ୍ଦେଶରେ ଏସିଏଫ ଗଗନ ବିହାରୀ ମଲ୍ଲିକ, ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଗୁପ୍ତି ଫରେଷ୍ଟର ବିଭୂତି ଭୂଷଣ ତରାଇ, ତ୍ରିଦୀପ ପ୍ରଧାନ, ବିଶ୍ୱ ରଞ୍ଜନ ତରାଇ, ଦେବ ପ୍ରସାଦ ମୁଣ୍ଡା ସହ ବନ କର୍ମଚାରୀ ପହଞ୍ଚି ୧୦ଟି ମୁଣା ଜାଲ ଓ ଡିଙ୍ଗି ଜବତ କରିଥିଲେ। ବନ କର୍ମଚାରୀ ଯିବା ଦେଖି ଜାଲ ବସାଇଥିବା ମତ୍ସ୍ୟଜୀବୀ ଖସି ଚାଲିଯାଇଥିଲେ। ଜବତ ଡିଙ୍ଗିରୁ ୨୫ କିଲୋ ମାଛ ଜବତ କରାଯାଇଛି।

# ପଟ୍ଟାମୁଣ୍ଡାଇ ଛାତ୍ର-ଯୁବ ବିଜେଡି ପକ୍ଷରୁ ବିକ୍ଷୋଭ

## ଛାତ୍ରୀ, ନାରୀ ସୁରକ୍ଷା ପ୍ରସଙ୍ଗ

ପଟ୍ଟାମୁଣ୍ଡାଇ, ୧୧।୮ (କଳ୍ପତରୁ ନାୟକ)

ଓଡ଼ିଶାରେ ନାରୀ ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ଦିନକୁ ଦିନ ଗାଁରୁ ସହର, ବେଳାଭୂମିରୁ କ୍ୟାମ୍ପସ ସବୁଠି ନାରୀ ଅସୁରକ୍ଷିତ ମଣୁଛନ୍ତି। ଯୁବତୀ, ଛାତ୍ରୀ ଓ ମହିଳାମାନଙ୍କ ପ୍ରତି ନିର୍ଯାତନା ବଢ଼ି ଚାଲିଛି। ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ଭାଜପା ସରକାର ଅପାରଗତାକୁ ବିରୋଧକରି ସୋମବାର ପଟ୍ଟାମୁଣ୍ଡାଇ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପୋଲିସ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ପ୍ରଦାନ କରାଯାଇଛି।

ପଟ୍ଟାମୁଣ୍ଡାଇ ଯୁବ ଓ ଛାତ୍ର ବିଜୁ ଜନତା ଦଳର ସଦସ୍ୟମାନେ ସ୍ଥାନୀୟ ହରପାର୍ବତୀ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହରି ଡାକବଙ୍ଗଳାଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗତ ୧୩ ମାସର ଭାଜପା ସରକାରରେ ସମଗ୍ର ରାଜ୍ୟ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ସାଙ୍ଗକୁ ଛାତ୍ରୀ ଓ ମହିଳାମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛନ୍ତି। ସେଠାରେ ଭାଜପା ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନର ନାରା ଦେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ନଗର ଯୁବ ବିଜେଡି ସଭାପତି ଅଶୋକ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା ହେଉ କି ଗୋପାଳପୁର ବିଚ୍‌ରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ପୁରୀ ଜିଲା ବଳଙ୍ଗାରେ ଜଣେ ନାବାଳିକାକୁ ଜିଅନ୍ତା ଜାଳିଦେବା ଘଟଣା ପରେ ଏବେ ସ୍ଥାନୀୟ ବଡ଼ପଡ଼ା କଲେଜ ଛାତ୍ରୀଙ୍କ ଭିଡିଓ ଭାଇରାଲ ଓ ବ୍ଲାକ୍‌ମେଲ୍ ନେଇ ୬ ମାସ ତଳେ ହୋଇଥିବା ଅଭିଯୋଗ ଉପରେ ପୋଲିସର ଶୂନ୍ୟ କାର୍ଯ୍ୟାନୁଷ୍ଠାନ ଯୋଗୁ ଜଣେ ନିରୀହ ଛାତ୍ରୀଙ୍କ ଜୀବନ ଦୀପ ଲିଭିଗଲା। ଏହିଭଳି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ନାରୀ ବିରୋଧୀ ଘଟଣାର ବିଜେଡି ଛାତ୍ର ଓ ଯୁବ ପକ୍ଷରୁ ପ୍ରତିବାଦ କରାଯାଇଛି। ଏହି ସମସ୍ତ ଘଟଣାରେ ଯେଉଁମାନେ ଦୋଷୀ ଅଛନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଯଦି ଦାବି ପୂରଣ ନ ହୁଏ ଆଗାମୀ ଦିନରେ ଯୁବ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଯୁବନେତା ବାବନ ସାହୁ, ଛାତ୍ର ସଭାପତି ଦେବାଶିଷ ନାୟକ, ଚନ୍ଦ୍ରଶେଖର ରାଉତ, ଛାତ୍ରନେତା ବିପୁଲ ପାଢ଼ୀ, କ୍ୟାମ୍ପସ ସଭାପତି ଅନମୋଲ ରାଉତ, ଜ୍ୟୋତି ପ୍ରକାଶ ସାମଲ, ଆଶୁତୋଷ ସାମଲ, ସୌଭାଗ୍ୟ ଦାଶ, ପ୍ରଦୀପ ବିଶ୍ୱାଳ, ସୌରଭ ନାୟକ, ଅଭିରାମ ସ୍ୱାଇଁ, ଅସୀମ ମହାନ୍ତି, ସୁବୋଧ ମଲ୍ଲିକ, ସମରେଶ ମହାନ୍ତି, ନୟନଗିରିଙ୍କ ସହ ଛାତ୍ର ନେତାମାନେ କହିଛନ୍ତି।


ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ଦାବିପତ୍ର ଆଇଆଇସି ବନ୍ଦନା ପାତ୍ରଙ୍କୁ ପ୍ରଦାନ କରାଯାଇଛି।

# ସମୂହ ଛୁଟିରେ ରାଜସ୍ୱ ବିଭାଗର ଅମଲାମାନେ

କେନ୍ଦ୍ରାପଡ଼ା, ୧୧।୮ (ଜଗନ୍ନାଥ ଧଳ)

ଓଡ଼ିଶା ରାଜସ୍ୱ ଅମଲା ସଂଘର ଡାକରାରେ କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ କର୍ମଚାରୀମାନେ ସୋମବାର ସମୂହ ଛୁଟିରେ ଅଛନ୍ତି। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବି ପୂରଣ ପାଇଁ ଧାରଣାରେ ବସିଛନ୍ତି। ଏ ନେଇ ଜିଲା ସଭାପତି ସୁକାନ୍ତ କୁମାର ଜେନା କହିଛନ୍ତି, ୧୦ ଦଫା ଦାବି ପୂରଣ କରିବାକୁ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରାଯାଇଥିଲା। ଅଦ୍ୟାବଧି ଏ ନେଇ କୌଣସି ସୁଫଳ ମିଳିନାହିଁ। ଜିଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ମୂଳ ଦରମା ବୃଦ୍ଧି କରାଇବା, ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା, ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯିବା, ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆଦି ଦାବି ରହିଥିବା ସଭାପତି ଜେନା ସୂଚନା ଦେଇଛନ୍ତି।

# ଗାଁ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ବିଡିଓଙ୍କୁ ଦାବିପତ୍ର

ରାଜକନିକା, ୧୧।୮ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ୍‌ର କାର୍ଯ୍ୟରତ ଗାଁ ସାଥୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ସୋମବାର ଏକ ଦାବିପତ୍ର ବିଡିଓ ଦାୟିତ୍ୱରେ ଥିବା କନିକା ତହସିଲଦାର ଭାନୁମତୀ ମାଝୀଙ୍କୁ ପ୍ରଦାନ କରିଛନ୍ତି। ୨୦୦୮ଠାରୁ ଦୀର୍ଘ ୧୭ ବର୍ଷ ହେବ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଥିବା ଗାଁ ସାଥୀମାନଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି କରାଯାଇନାହିଁ। ଏମିତିକି ସେତେବେଳେ ସରକାର କେବଳ ନିଯୁକ୍ତି ଦେଇ ଗାଁ ସାଥୀମାନଙ୍କ କୌଣସି କଥା ଶୁଣି ନାହାନ୍ତି କି ବୁଝିନାହାନ୍ତି। ଏହି ପରିପ୍ରେକ୍ଷୀରେ ଏବର ସରକାରଙ୍କ ଚିଠି ନଂ.୨୦୮୭୭ରେ ବଳରେ ଗାଁ ସାଥୀ ମେଟ୍‌ମାନଙ୍କ ଡାଟା ବେସ୍ ପୂରଣ କରାଯାଇ ସରକାରୀସ୍ତରରେ ନିଯୁକ୍ତି କରାଯିବା ନେଇ ଏହି ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଗାଁ ସାଥୀ କମିଟିର ସଭାପତି ପରମେଶ୍ୱର ବେହେରାଙ୍କ ସମେତ ସଭ୍ୟାସଭ୍ୟ ନିରୋଦ ପରିଡ଼ା, ପ୍ରଭାତ କୁମାର ନାୟକ, ନିରୁପମା ବିଶ୍ୱାଳ, ପ୍ରମିଳା ବେହେରା, ଜ୍ୟୋତ୍ସ୍ନାରାଣୀ ବେହେରା, ରୀନା ପାଢ଼ୀ, ସୁନାଲତା ନାୟକ, ଅଜୟ କୁମାର ବାରିକ, ଜୟନ୍ତ କୁମାର ମହାନ୍ତି, ଦିଲୀପ କୁମାର ବେହେରା, ତଅପୋଇ ନାୟକ, ସ୍ୱର୍ଣ୍ଣଲତା ଦ୍ୱିବେଦୀ, ଅନିତା ଦାଶ, ନବଘନ ମଲିକ, ଅକ୍ଷୟ ମଲିକ, ଅଞ୍ଜଳି ସ୍ୱାଇଁ ଓ ଅଜାମିଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କ ମୋବାଇଲ, ବ୍ୟାଗ ଝାମ୍ପି ନେଲେ ଲୁଟେରା

ପଟ୍ଟାମୁଣ୍ଡାଇ, ୧୧।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ କଷଣଅଣ୍ଟାଠାରେ ସୋମବାର ଜଣେ କଲେଜ ଛାତ୍ରୀ ସାଇକେଲରେ ଯାଉଥିବା ବେଳେ ସ୍କୁଟିରେ ଜଣେ ଯୁବକ ତାଙ୍କ ବ୍ୟାଗକୁ ଲୁଟି ନେଇଥିଲେ। ବ୍ୟାଗରେ ଛାତ୍ରୀଙ୍କ ମୋବାଇଲ ସମେତ ଆଇକାର୍ଡ, ଲାଇବ୍ରେରି କାର୍ଡ, ବ୍ୟାଙ୍କ ପାସ୍ ବୁକ, କଲେଜ ବହି ଓ କିଛି ଟଙ୍କା ରହିଥିଲା। ଏ ନେଇ ଆଦର୍ଶ ଥାନାରେ ଛାତ୍ରୀ ଜଣକ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ମଣ୍ଡପଡ଼ା ଗ୍ରାମର ପୁଷ୍ପକ ଶେଖର ପ୍ରଧାନଙ୍କ ଝିଅ ଦିବ୍ୟଦିଶା ପ୍ରଧାନ ଓ ତାଙ୍କ ସାଙ୍ଗ ଶୁଭସ୍ମିତା ମହାନ୍ତି କେନ୍ଦ୍ରାପଡ଼ା କଲେଜରୁ ପାଠପଢ଼ା ସାରି ବସ୍ ଯୋଗେ ପଟ୍ଟାମୁଣ୍ଡାଇ ଆସିଥିଲେ। ବସରୁ ଓହ୍ଲାଇ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସାଇକେଲ ଡାଲାରେ ବ୍ୟାଗ ରଖି ଯାଉଥିବାବେଳେ କଷଣଅଣ୍ଟା ଜଞ୍ଜାଳି ଛକଠାରେ ନଂ. ଓଡି୩୪ଏଚ୭୦୯୨ନମ୍ବର ସ୍କୁଟି ଚଢି ଅଚିହ୍ନା ବ୍ୟକ୍ତି ଦ୍ରୁତ ବେଗରେ ଆସି ସାଇକେଲ ଡାଲାରୁ କଲେଜ ବ୍ୟାଗ ନେଇ ଚମ୍ପଟ ମାରିଥିଲେ। ସେହିବ୍ୟାଗରେ ଉଭୟ ଦିବ୍ୟଦିଶା ଓ ଶୁଭସ୍ମିତାଙ୍କ ମୋବାଇଲ ଫୋନ ନଂ. ୯୧୭୮୫୮୫୬୩୦ ଓ ୮୯୮୪୩୫୩୨୧୫କୁ ଚୋରି ହୋଇଯାଇଛି ବୋଲି କେନ୍ଦ୍ରାପଡ଼ା କଲେଜ ଛାତ୍ରୀ ତଥା ମଣ୍ଡପଡା ଗ୍ରାମର ଦିବ୍ୟଦିଶା ପ୍ରଧାନ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଏକ ମକଦ୍ଦମା ରୁଜୁ କରି ସମୁଦାୟ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଆବର୍ଜନାରୁ ଶକ୍ତି ପ୍ରକଳ୍ପ ପାଇଁ ସ୍ମାରକପତ୍ର

କେନ୍ଦ୍ରାପଡ଼ା, ୧୧।୮ (ଜଗନ୍ନାଥ ଧଳ)

ଆବର୍ଜନାରୁ ଶକ୍ତି ପ୍ରକଳ୍ପ ସୁଇଡେନ୍‌ରେ ସଫଳ ହୋଇଛି। ଏପରି ମଡେଲକୁ ଓଡ଼ିଶାରୁ ଆରମ୍ଭ କରାଯାଉ। ଏହି ଭିତ୍ତିଭୂମିରେ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ, ବିଭାଗୀୟ ଅଧିକାରୀଙ୍କୁ ସ୍ମାରକପତ୍ର ସୋମବାର ଦିଆଯାଇଛି। ଏ ସମ୍ପର୍କରେ ଯୁବକ ସଂଘ ସଭାପତି ଗୌତମ ଚରଣ ବେହେରା କହିଛନ୍ତି, ଦେଶ ବିକାଶରେ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ଯଥେଷ୍ଟ ଅଧିକ। ଏବେ ଜଳ, ପବନ ଓ ସୌର ଶକ୍ତିରୁ ଉତ୍ପନ୍ନ ହେଉଥିବା ଶକ୍ତି ସମସ୍ତ ସ୍ଥାନରେ ପହଞ୍ଚି ପାରୁନାହିଁ। ଅପରପକ୍ଷରେ ପ୍ରତିଦିନ ଚଳଣିରେ ଉତ୍ପନ୍ନ ଆବର୍ଜନାକୁ ନେଇ ସୁଇଡେନ୍ ସରକାର ଶକ୍ତି ସଂରକ୍ଷଣକରି ଜନସାଧାରଣଙ୍କୁ ବିତରଣ କରୁଛନ୍ତି। ଏହାଦ୍ୱାରା ଆବର୍ଜନା ସ୍ଥାନୀୟ ଅଞ୍ଚଳରୁ ହଟିବା ସହ ପରିବେଶ ସୁସ୍ଥ ରହୁଛି। ଏହି ତାପଜ ବିଦ୍ୟୁତ୍ ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ କୁଟୀରଶିଳ୍ପ ବୃଦ୍ଧି ପାଇବ। ଦୈନନ୍ଦିନ ଚଳଣିକୁ ଏହାଦ୍ୱାରା ସୁସଙ୍ଗଠିତ କରାଯାଇପାରିବ। ସେହିପରି ବିଶ୍ୱ ତାପନ ଏବେ ପାଣିପାଗ ସହ ପରିବେଶକୁ ନଷ୍ଟ କରୁଛି। ଆବର୍ଜନାକୁ ଶକ୍ତି ସଂଗ୍ରହ ପାଇଁ ଜନସଚେତନା ସୃଷ୍ଟି କରାଯାଉ ବୋଲି ଯୁବକ ସଂଘ ସଭାପତି ବେହେରା ପ୍ରକାଶ କରିଛନ୍ତି।

# ଓଡ଼ିଶା ଲୋକଦଳର ବିକ୍ଷୋଭ


ଓଡ଼ିଶା ଲୋକଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କେନ୍ଦ୍ରାପଡ଼ା, ୧୧।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଲୋକଦଳ ପକ୍ଷରୁ ସୋମବାର ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ସମ୍ପର୍କରେ ବରିଷ୍ଠ ନେତା ସତୀଶ କୁମାର ନନ୍ଦ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ସବୁବେଳେ ଅବହେଳିତ ହୋଇ ଆସିଛି। ପର୍ଯ୍ୟଟନସ୍ଥଳୀର ବିକାଶ ହେଉନାହିଁ। ଯାତ୍ରୀବାହୀ ରେଳ ଦୈନିକ ୨ଟି ପୁରୀକୁ ଚାଲିବା ଆବଶ୍ୟକ। ନଦୀଭିତ୍ତିକ ବନ୍ଦର ନିର୍ମାଣ ଯୋଜନାରେ ଏହି ଜିଲାର ନଦୀ ମୁହାଣକୁ ସାମିଲ କରିବା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବା, ମେଡିକାଲ କଲେଜ ଘୋଷଣାରେ ସୀମିତ ନ ରହି ତୁରନ୍ତ କାର୍ଯ୍ୟକାରୀ କରାଯିବା, ଆବଶ୍ୟକ ସ୍ଥାନରେ ନୂତନ ଡାକ୍ତରଖାନା ଖୋଲାଯିବା, ଯୁବପିଢିଙ୍କ ରୋଜଗାର ପାଇଁ ଶିଳ୍ପ ପ୍ରତିଷ୍ଠା କରାଯିବା, ଚାଷ ଜମିକୁ ଜଳସେଚନ ପାଇଁ ମାର୍ଶାଘାଇ କେନାଲ ଓ ଅନ୍ୟ ପୁରୁଣା କେନାଲଗୁଡିକର ପୁନରୁଦ୍ଧାର କରାଯିବା ସହ ନୂତନ କେନାଲ ଖୋଲାଯିବା, ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ସୁଦୃଢ଼ କରାଯିବା, ସେସବୁର ସୁପରିଚାଳନା କରାଯିବା, ଭତ୍ତା ଯୋଜନାରେ ମାସିକ ୩ହଜାର ୫ଶହ ଟଙ୍କାକୁ ବୃଦ୍ଧି କରିବା ଆଦି ଦାବି ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ବିକ୍ଷୋଭରେ ଓଡ଼ିଶା ଲୋକଦଳର ସସ୍ମିତ କୁମାର ପଣ୍ଡା, ଖଗେନ୍ଦ୍ର କୁମାର ସିଆଳ, ଅବିନାଶ ଦାଶ, ଦିବାକର ରାଉଳ, କିରଣ ଭୋଇ, ସନ୍ତୋଷ ନାରାୟଣ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ୭୫ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

## କେନ୍ଦ୍ରାପଡ଼ା ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର

ପଟ୍ଟାମୁଣ୍ଡାଇ, ୧୧।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ସୋମାବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲାର ନୂତନ ଜିଲାପାଳ ରଘୁରାମ ଆର ଆୟାର, ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଅଶୋକ ମହାନ୍ତି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶୁଣାଣିରେ ଆଗତ ୭୫ ଅଭିଯୋଗରୁ ବ୍ୟକ୍ତିଗତ ୬୯ ଥିବା ବେଳେ ସମୂହିକ ୬ ରହିଥିଲା।

ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ସାମନ୍ତରାୟ ଶାସନ ଶ୍ରୀରାମପୁର, ଡାମରପୁର, ବଡ଼ମୂଳ ବସନ୍ତ, ସିଂହଗାଁ ଓ ସମିତି ସଭ୍ୟ ଶାସନ, ବଳଭଦ୍ରପୁର, ଚନ୍ଦନନଗର, ପେଣ୍ଠପାଳ ତରଡ଼ିପାଳଙ୍କ ସହ ପଟ୍ଟାମୁଣ୍ଡାଇ-ରାଜନଗର ବିଆରଏଫଇ ରାସ୍ତାର ଅଳଭାଠାରୁ ଶାସନ ପର୍ଯ୍ୟନ୍ତ ୪ କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ମରାମତି ପାଇଁ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତା, ବିଦ୍ୟୁତ ଖୁଣ୍ଟ ମରାମତି ସହ ବିଶୁଦ୍ଧ ପାନୀୟଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ। ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ ବନ୍ୟା ବିପନ୍ନ ପଞ୍ଚାୟତର କୋଳଥିଆ ଓ ନାୟିଆଡିଆକୁ ରାଜସ୍ୱ ଗ୍ରାମ ଘୋଷଣା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୨୦୨୦-୨୧ ଆର୍ଥିକ ବର୍ଷର ପ୍ରାପ୍ୟ ପ୍ରଦାନ ଓ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ପ୍ରାପ୍ୟ ପ୍ରଦାନରେ ଅବହେଳା ଓ ପାତରଅନ୍ତର ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ବଡ଼ପଡା ସମବାୟ ସମିତି ସଭାପତି ଅଶୋକ ମଲିକ, ଯୁବନେତା ଜ୍ୟୋତି ରଞ୍ଜନ ପ୍ରଧାନ, ବନମାଳୀ ମହାପାତ୍ର ଓ ଗୌତମ ରାଉତ ପ୍ରମୁଖ ବଡ଼ପଡ଼ା ସମବାୟ ସମିତି ସୁପରିଚାଳନା କ୍ଷେତ୍ରରେ ଏଆରସିଏସ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବଲୁରିଆ ପଞ୍ଚାୟତରେ ତୁରନ୍ତ ଡିଲର ନିଯୁକ୍ତି କରିବାକୁ ପୂର୍ବତନ ସରପଞ୍ଚ ରତିକାନ୍ତ ସାହାଣୀ ଜିଲାପାଳଙ୍କୁ ଦାବି ଜଣାଇଥିଲେ। ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ ଆଇନଶୃଙ୍ଖଳା ବଜାୟ ରଖିବାକୁ ଚଉଦକୁଲାଟ ଫାଣ୍ଡିକୁ ଏକ ନୂତନ ଚାରିଚକିଆ ପୋଲିସ ଭ୍ୟାନ ଯୋଗାଇ ଦେବାକୁ ଏସ୍‌ପିଙ୍କ ନିକଟରେ ଦାବି କରିଥିଲେ। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଶରତ ବିଶ୍ୱାଳ, ପ୍ରଭାତ ମଲିକ, ସନ୍ତୋଷ ବିଶ୍ୱାଳ, ବଳରାମ ବେହେରା କୁଳମଣି ଦାସ, ରୀନା ଦଳାଇ, ଆଶାଲତା ସୂତାର, ଉର୍ମିଳା ବେହେରା ପ୍ରମୁଖ କାଠିଆପଡ଼ା ଛାତ୍ରୀ ଆତ୍ମହୁତି ମାମଲାର ନ୍ୟାୟିକ ତଦନ୍ତ, ଜଳ ନିଷ୍କାସନ ପାଇଁ ପୌର ପରିଷଦର ସମସ୍ତ ୱାର୍ଡରେ ଡ୍ରେନ ନିର୍ମାଣ, ସରକାରୀ ଜମି, ରାସ୍ତା ଜବରଦଖଲମୁକ୍ତ, ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ଧୋଇ ଯାଇଥିବା ରାସ୍ତା ମରାମତି, ୧୯ନଂ. ୱାର୍ଡ ଶୁଖୁଆବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ସରକାରୀ ପଟ୍ଟା ପ୍ରଦାନ, କଚେରୀ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ସମସ୍ତ ବସ୍ତି ବାସିନ୍ଦାଙ୍କୁ ଥଇଥାନ କରିବା, କୃଷି ଜାତ ସାମଗ୍ରୀ ସୁରକ୍ଷା ପାଇଁ ଶୀତଳଭଣ୍ଡାର ନିର୍ମାଣ, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରିବା ଓ ଉପଖଣ୍ଡ ଚିକିତ୍ସାଧିକାରୀ ନିଯୁକ୍ତି କରିବା ଆଦି ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଶିବିରରେ ଆଗତ ୭୫ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଜିଲା ଓ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ।


ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ସଂକ୍ଷେପରେ

### ଫେରାର ହତ୍ୟା ଅଭିଯୁକ୍ତ ୨୪ ବର୍ଷ ପରେ ଗିରଫ

ଛତ୍ରପୁର,୧୧।୮(ଦିଲୀପ ସାମଲ): ଚମାଖଣ୍ଡି ଥାନା ଅଧୀନ କେରାଣ୍ଡିତୋଳା ଗ୍ରାମରେ ଏକ ହତ୍ୟା ଘଟଣାର ଫେରାର ଅଭିଯୁକ୍ତଙ୍କୁ ୨୪ ବର୍ଷ ପରେ ଚମାଖଣ୍ଡି ପୋଲିସ ଚେନ୍ନାଇରୁ ଗିରଫ କରିଛି । ସେ ହେଲେ ଉଦୟ ପ୍ରଧାନ। ୨୦୦୧ରେ ଏକ ଝଗଡାକୁ ନେଇ କେରାଣ୍ଡିତୋଳା ଗ୍ରାମର ପ୍ରଶାନ୍ତ ପ୍ରଧାନଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା । ଏହାକୁ ନେଇ ପ୍ରଶାନ୍ତଙ୍କ ବାପା କୈବଲ୍ୟ ପ୍ରଧାନ ଛତ୍ରପୁର ଥାନାରେ ମୃଷା ପ୍ରଧାନ, ପଞ୍ଚମା ପ୍ରଧାନ ଓ ଉଦୟ ପ୍ରଧାନ ନାମରେ ଅଭିଯୋଗ କରିଥିଲେ। ସେ ସମୟରେ ପୋଲିସ ମୃଷାଙ୍କୁ ଗିରଫ କରିଥିଲା । ୨୪ ବର୍ଷ ପରେ ରାଜ୍ୟ ପୋଲିସର ସ୍ୱତନ୍ତ୍ର ଡ୍ରାଇଭ ( ଗରୁଡ଼) ମାଧ୍ୟମରେ ଅଭିଯୁକ୍ତ ଉଦୟଙ୍କୁ ଚମାଖଣ୍ଡି ଥାନାଧିକାରୀ ସବ୍ୟସାଚୀ ମଲ୍ଲଙ୍କ ନେତୃତ୍ୱରେ ଗଠିତ ପୋଲିସ ଟିମ ଚେନ୍ନାଇରୁ ଗିରଫ କରିଛି। ତାଙ୍କୁ ସୋମବାର କୋର୍ଟ ଚାଲଣ କରାଯାଇଛି।

### ବନ୍ଧୁକ ଜବତ, ଯୁବକ ଗିରଫ

ଭଞ୍ଜନଗର,୧୧।୮(ବାବୁଲା ପ୍ରଧାନ): ଭଞ୍ଜନଗର ଥାନା ଅନ୍ତର୍ଗତ ସାଲୁଆପଲ୍ଲୀ ଛକରୁ ଜଣେ ଯୁବକଙ୍କୁ ପୋଲିସ ରବିବାର ବିଳମ୍ବିତ ରାତିରେ ଗିରଫ କରିଛି। ସେ ହେଲେ ଅଶୋକ କୁମାର ଭୂୟାଁ। ତାଙ୍କଠାରୁ ଗୋଟିଏ ମାଉଜର ଓ ଦୁଇଟି ଗୁଳି ଜବତ କରାଯାଇଛି । ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ରବିବାର ରାତିରେ ଥାନା ଏସଆଇ ସମୀର କୁମାର ସେଠୀ, ଥାନା ଅଧିକାରୀ ଜୀବନାନନ୍ଦ ଜେନା ପାଟ୍ରୋଲିଂ କରୁଥିବା ବେଳେ ସାଲୁଆପଲ୍ଲୀ ଛକରେ ଠିଆ ହୋଇଥିବା ଅଶୋକଙ୍କୁ ଡାକି ସନ୍ଦେହରେ ପଚରାଉଚରା କରିବା ପରେ ତାଙ୍କ ପାଖରେ ମାଉଜର ଥିବା ଜଣାପଡିଥିଲା। ସୂଚନାଯୋଗ୍ୟ, ଗତ କିଛି ଦିନ ହେବ ଗଞ୍ଜାମ ପୋଲିସ ପକ୍ଷରୁ ଅପରାଧୀ ଧରପଗଡ଼ ଚାଲିଛି।

### ସ୍ୱଚ୍ଛତା ପକ୍ଷ ପାଳିତ

ଶେରଗଡ଼,୧୧।୮(ସୂର୍ଯ୍ୟ ନାରାୟଣ ଦାଶ) ଅଗଷ୍ଟ ୮ରୁ ୧୫ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ ହେଉଛି। ଏହି ଅବସରରେ ଶେରଗଡ଼ ପଞ୍ଚାୟତ ପକ୍ଷରୁ ଶୀତଳା ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି। ମିଶନ ଶକ୍ତି ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ମିଶି ଏହା ପାଳନ କରିଛନ୍ତି। ପରିବେଶ ସମ୍ପର୍କିତ ବିଭିନ୍ନ ପ୍ଲାକାର୍ଡ ଧରି ଶୀତଳା ମନ୍ଦିରଠାରୁ ଶୋଭାଯାତ୍ରାରେ ସାହି ପରିକ୍ରମା କରିଥିଲେ। ବିଡିଓ ତୃପ୍ତିମୟୀ ଜେନା,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ଜିପିଓ ଜି.ରବି କୁମାର, ସହକାରୀ ନିର୍ବାହୀ ଅଧିକାରୀ ନୀଳମାଧବ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବ୍ଲକ ଜୀବିକା ମିଶନର କର୍ମକର୍ତ୍ତା ସହଯୋଗ କରିଥିଲେ।

### ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାମଗିରି,୧୧।୮(ବୃନ୍ଦାବନ ଗୌଡ଼) ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତସ୍ଥିତ ଡ଼.ବି ଆର୍. ଆମ୍ବେଦକର ସ୍ନାତକ ମହାବିଦ୍ୟାଳୟଠାରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଛି। ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟା ସଦସ୍ୟ ମାନଙ୍କ ଉପସ୍ଥିତିରେ ନୂତନ ୧୩୬ ଛାତ୍ରୀଛାତ୍ର ନିଜ ନିଜ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ବାୟାଧର ବଡକୁମର ସ୍ୱାଗତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଛାତ୍ରୀଛାତ୍ର ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ସମୂହ ଛୁଟିରେ ରହି ରାଜସ୍ୱ ଅମଲାଙ୍କ ଆନ୍ଦୋଳନ

- ପ୍ରତିଶ୍ରୁତି ଦେଇ ସରକାର ପ୍ରତାରଣା କରିଛନ୍ତି
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲେ ସମସ୍ତେ
- ଦାବି ପୂରଣ ନ ହେବାଯାଏ ଜାରି ରହିବ ଆନ୍ଦୋଳନ

ଫୁଲବାଣୀ/ପାରଳାଖେମୁଣ୍ଡି, ୧୧।୮ (ରାକେଶ ରାଉତ/ଗିରିଧାରୀ ପରିଚ୍ଛା) ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ପୂର୍ବ ନିଷ୍ପତ୍ତି ଅନୁସାରେ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କନ୍ଧମାଳ ଜିଲାର ସମସ୍ତ ରାଜସ୍ୱ ଅମଲା ସାମୂହିକ ଛୁଟିରେ ରହି ପ୍ରତିବାଦ ଜଣାଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ଅମଲା ବସି ସରକାରଙ୍କ ବିରୋଧରେ ନାରାବାଜି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜିଲା ସଂଘ କର୍ମକର୍ତ୍ତା କହିଛନ୍ତି। ଗତ ୮ ତାରିଖରେ ରାଜସ୍ୱ ଅମଲାମାନେ ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବିପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ, ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କନ୍ଧମାଳର ସଭାପତି ଗଣେଶ ନାୟକ, ସମ୍ପାଦକ ସୀମାଞ୍ଚଳ ପଣ୍ଡା କହିଛନ୍ତି । ଏହି ଆନ୍ଦୋଳନ ସମୟରେ ଜନସାଧାରଣ ଯାହା ଅସୁବିଧାର ସମ୍ମୁଖୀନ ହେବେ, ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଜୁଲାଇ ୯ରେ ପ୍ରାୟ ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାଜସ୍ୱ ଅମଲା ସଂଘର ଆଲୋଚନା ହୋଇଥିଲା। ୭ରୁ ୧୫ ଦିନ ମଧ୍ୟରେ ଦାବିଗୁଡ଼ିକୁ ପୂରଣ ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ୧୪ ଜୁଲାଇକୁ ହେବାକୁ ଥିବା ରାଜସ୍ୱ ଅମଲାଙ୍କ ରାଜ୍ୟବ୍ୟାପୀ ପ୍ରସ୍ତାବିତ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ସଂଘ ନିଷ୍ପତ୍ତି ନେଇଥିଲା। ଅଗଷ୍ଟ ୧୦ ସୁଦ୍ଧା ସରକାର ରାଜସ୍ୱ ଅମଲାମାନଙ୍କ ଦାବିଗୁଡ଼ିକୁ ପୂରଣ କଲେ ନାହିଁ। ବରଂ ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କଲେ। ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପଦୋନ୍ନତିକୁ ୪୦ ପ୍ରତିଶତରୁ ୩୩ ପ୍ରତିଶତ କରିଦେଲେ। ଲେବେଲ- ୯ରେ ଜଣେ ଜିଲାସ୍ତରୀୟ ରାଜସ୍ୱ କର୍ମଚାରୀ ୬ ବର୍ଷ ଦରମା ପାଇଲେ ଯୋଗ୍ୟ ହେବେ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ଫଳରେ ସମସ୍ତ ରାଜସ୍ୱ ଅମଲାଙ୍କ ମଧ୍ୟରେ ଏନେଇ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ୨୦୧୭ ନିୟମ ଅନୁଯାୟୀ ଲେବେଲ- ୯କୁ ବୃଦ୍ଧି କରିବା, ରାଜ୍ୟର ୩୦ ଜିଲାପାଳମାନଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା, ୧୯୯୦ରେ ଲାଗୁ ହୋଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେ କୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିବା, ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଆଦି ଦାବି ସେମାନଙ୍କର ରହିଛି।


କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ ରାଜସ୍ୱ ଅମଲାମାନେ।

ପାରଳାଖେମୁଣ୍ଡିରେ ମଧ୍ୟ ରାଜସ୍ୱ କର୍ମଚାରୀମାନେ ସମୂହ ଛୁଟି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସି ଆନ୍ଦୋଳନ ଚଳାଇଛନ୍ତି। ୮ ତାରିଖରେ ରାଜସ୍ୱ ଅମଲା ମାନେ ନିଜ ନିଜ ଅଧିକାରୀଙ୍କୁ ଛୁଟି ଦରଖାସ୍ତ ଦେଇଥିଲେ। ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ ନ କରିଛନ୍ତି ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗଜପତି ଜିଲା ସମ୍ପାଦକ ଶାନ୍ତନୁ ମିଶ୍ର ଓ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସରକାର ସେମାନଙ୍କ ପ୍ରତି ଉଚିତ୍ ପଦକ୍ଷେପ ନେବେ ବୋଲି ସେମାନେ ଆଶା ରଖିଥିବା କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅମଲାଙ୍କ ଧାରଣା



ଧାରଣାରେ ବସିଥିବା ଅମଲାମାନେ।

ଛତ୍ରପୁର,୧୧।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ସରକାର ୧୦ ଦଫା ଦାବି ପୂରଣ ପାଇଁ ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ ଓଡ଼ିଶା ରାଜସ୍ୱ ଅମଲା ସଂଘ ନିର୍ଦ୍ଦେଶକ୍ରମେ ସୋମବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଲାମାନେ ଧାରଣାରେ ବସିଛନ୍ତି। ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ କରିବାକୁ ଚେତାବନୀ ଦେଇଛି ସଂଘ। ଗଞ୍ଜାମ ଜିଲାର ୬୦୦ରୁ ଉର୍ଦ୍ଧ୍ୱ ଅମଲା ପୂର୍ବରୁ ସେମାନଙ୍କ ଦାବି ଉପସ୍ଥାପନ କରି ଆନ୍ଦୋଳନ କରିଥିଲେ। ରାଜ୍ୟ ସରକାର ସେ ସମୟରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନରୁ ଓହରିଥିଲେ। କିନ୍ତୁ ସରକାର ଏଯାଏ ଦାବି ପୂରଣ କରି ନାହାନ୍ତି। ମୂଳ ଦରମା ଓଆରଏସ ପି- ୨୦୧୭ ନିୟମ ଅନୁଯାୟୀ ଲେବେଲ ୯କୁ ବୃଦ୍ଧି କରିବା, ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା ସହ ଅନ୍ୟାନ୍ୟ ଦାବି ଦାବି ରହିଛି।

## ୫୧ ଅଭିଯୋଗ ଗ୍ରହଣ କଲା ଜିଲା ପ୍ରଶାସନ

ପାରଳାଖେମୁଣ୍ଡି,୧୧।୮(ଗିରିଧାରୀ ପରିଚ୍ଛା) ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ବୁଦୁରା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖ୍ୟ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଫାଲଗୁନି ମାଝୀ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା ଓ ଉପଜିଲାପାଳ ଅନୁପ ପଣ୍ଡା ଯୋଗଦେଇ ବୁଦୁରା ପଞ୍ଚାୟତ ସମେତ ଖାଣ୍ଡଭା ଓ ଗୋରିବନ୍ଧ ପଞ୍ଚାୟତରୁ ଆସିଥିବା ୫୧ଟି ଅଭିଯୋଗ ଗ୍ରହଣ କରିଥିଲେ। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ୧୪୪ ଅଭିଯୋଗର ଶୁଣାଣି କଲେ ଜିଲାପାଳ,ଏସ୍‌ପି

ଆସିକା ୧୧।୮ (ସୁରେନ୍ଦ୍ର ନାଥ ସାହୁ)




ଆସିକା ବ୍ଲକ ସଭା ଗୃହରେ ସୋମବାର ଗଞ୍ଜାମ ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯକ୍ରମ ଅନୁଷ୍ଠିତ ହୋଇଛି। ଜିଲାପାଳ ଭି. କିର୍ତ୍ତୀଭାସନଏସ୍‌ପି ପ୍ରଶାନ୍ତ ଦାସ, ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲାପାଳ ୧୪୪ଟି ବିଭିନ୍ନ ମାମଲାର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ୧୦୬ଟି ବକ୍ତିଗତ ଅଭିଯୋଗ ରହିଥିଲା । ସେଥିରୁ ୩୧ଟି ରାଶନ କାର୍ଡ, ସୁଭଦ୍ରା ଯୋଜନାରେ ୮ଜଣ, ବାସଗୃହ ନିର୍ମାଣ ଲାଗି ୨୩ ଜଣ, ବିଭିନ୍ନ ଭତ୍ତା ଲାଗି ୩୭ଜଣ ଓ ଟ୍ରାଇସାଇକେଲ ଲାଗି ୭ ଜଣ ରହିଥିବା ଜଣାପଡିଛି । ବିଭିନ୍ନ ସ୍ଥାନରେ ରାସ୍ତାଘାଟ ସମସ୍ୟା ଓ ରାଜପଥ କଡରେ ଡ୍ରେନନିର୍ମାଣ ଲାଗି ମଧ୍ୟ ଅଭିଯୋଗ ଅସିଥିଲା। ଓକିଲ ସଂଘ ପକ୍ଷରୁ ତାଲୁକା ଛକରେ ନୂତନ ଅଦାଲତ ଲାଗି ଆବଶକୀୟ ଜମି ବବସ୍ଥା, ସାମ୍ବାଦିକ ସଂଘ ପକ୍ଷରୁ ଆସିକାର ବନ୍ଦୋବସ୍ତ କାର୍ଯ ତୁରନ୍ତ ସାରିବା, ରାଜ୍ୟ ପରିବହନ କାର୍ଯ୍ୟାଳୟ, ରାଜ୍ୟ ରାଜପଥ କାର୍ଯ୍ୟାଳୟ ଆଦି ଆସିକାରେ ଖୋଲିବା, ଉତ୍କଳ ଆୟୁର୍ବେଦିକ ଫାର୍ମାସୀର ପୁନରୁଦ୍ଧାର ଲାଗି ଆବେଦନ ରହିଥିବା ଜଣାପଡିଛି । ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କ ପକ୍ଷରୁ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ଆବାସ ଯୋଜନାର ଶିଥିଳତା ନେଇ ଅଭିଯୋଗ କରାଯାଇଥିଲା। ଏହି ଅବସରରେ ଜିଲାପାଳ ୪ ଜଣ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ, ଗୋଟିଏ ବ୍ୟାଟେରୀ ଚାଳିତ ସାଇକେଲ ଓ ଗୋଟିଏ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ୨ଜଣ କାନସର ପୀଡିତଙ୍କୁ ୧୫ହଜାର ଟଙ୍କା ଲେଖାଏ ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିଥିଲେ। ଜିଲାପାଳ କହିଥିଲେ ଯେ, ଅଭିଯୋଗଗୁଡିକ ପ୍ରଶାସନ ନିକଟରେ ପହଞ୍ଚିବା ଲାଗି ଅନଲାଇନ ରେଜିଷ୍ଟ୍ରେଶନ ବବସ୍ଥା କରାଯାଇଛି । ଅଭିଯୋଗକାରୀ ସେମାନଙ୍କ ଅଭିଯୋଗର ସ୍ଥିତି ଅନ୍‌ଲାଇନ ମାଧ୍ୟମରେ ଜାଣିବା ପାଇଁ ନୂତନ ପୋର୍ଟାଲର ବବସ୍ଥା ହୋଇଛି । ସେହିଭଳି ପଞ୍ଚାୟତ ସ୍ତରରେ ମଧ୍ୟ ବ୍ଲକ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ପଞ୍ଚାୟତରେ ଅଭିଯୋଗ ଶୁଣାଣି କାର୍ଯକ୍ରମ ଆସନ୍ତା ସପ୍ତାହକ ମଧ୍ୟରେ ଆରମ୍ଭ କରାଯିବ। ଏହା ମାଧ୍ୟମରେ ସଂପୃକ୍ତ ପଞ୍ଚାୟତର ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣିର ବବସ୍ଥା ଦିଗରେ ପଦକ୍ଷେପ ନିଆଯାଇଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ଜିଲାପାଳ ଆସିକା ଏନଏସି ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ହୋଇଥିବା ସିଲେଇ କେନ୍ଦ୍ର ଓ ବିଭିନ୍ନ ପଞ୍ଚାୟତର କେତେକ ଉନ୍ନୟନମୂଳକ କାଯ୍ୟର ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ। ବିଡିଓ ଲିପିନା ଦାଶ ସଂଯୋଜନା କରିଥିଲେ। ତହସିଲଦାର ସଙ୍ଗୀତା ସେନ, ଜିଲା ମଙ୍ଗଳ ଅଧିକାରୀ ସୁରେଶ ଚନ୍ଦ୍ର ଜିତବନ୍ଧୁ, ଏନଏସି ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର, ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡ. ବାଲ୍‌ଗୋପାଲ ବେହେରା, ବନାଞ୍ଚଳ ଅଧିକାରୀ ପ୍ରମୋଦ ପଣ୍ଡା, ବିଇଓ ମୁନରାଣୀ ମହାନ୍ତିଙ୍କ ସମେତ ନିର୍ବାହୀ ଯନ୍ତ୍ରୀ ଜଗଦିଶ ଦାସ ମହାପାତ୍ର, ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ସାଉଁଟିଆ ଜାତି ସମାଜ ବୈଠକ

ଛତ୍ରପୁର,୧୧।୮(ସନ୍ତୋଷ ପାଢ଼ୀ): ଛତ୍ରପୁର ବ୍ଲକ ସୀତାନଗର କାଳୀମନ୍ଦିର କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ଡିଲି ପ୍ରଧାନଙ୍କ ସଭାପତିତ୍ୱରେ ସାଉଁଟିଆ ସମାଜର ରାଜ୍ୟ ଓ ଜିଲ୍ଲା କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଉଁଟିଆ ସମାଜ ମହାସଂଘର ସମ୍ବିଧାନିକ ବିଧିବ୍ୟବସ୍ଥାକୁ ସୁଧାର ଏବଂ ନାରୀ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା, ନିଶା ନିବାରଣକୁ ଗୁରୁତ୍ୱ ଦିଆଯାଇଥିଲା। ଆଗାମୀ ସାଧାରଣ ବୈଠକ ସେପ୍ଟେମ୍ବରରେ କରାଯିବାକୁ ସ୍ଥିର ହୋଇଥିଲା। ବୈଠକରେ ରାଜ୍ୟ ଉପଦେଷ୍ଟା ଡ଼ ଦୁର୍ଯ୍ୟୋଧନ ପ୍ରଧାନ, ଜିଲ୍ଲା ଉପଦେଷ୍ଟା ଗିରିଧାରୀ ପ୍ରଧାନ, ଜିଲ୍ଲା ସମ୍ପାଦକ ଗୁରୁନାଥ ପ୍ରଧାନ,ରାଜ୍ୟ ସମ୍ପାଦକ କୃଷ୍ଣ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଭାଗିରଥି ପ୍ରଧାନ, ପୂର୍ବତନ ରାଜ୍ୟ ସଭାପତି କନ୍ଧ ପ୍ରଧାନ, ପୂର୍ବତନ ରାଜ୍ୟ ସମ୍ପାଦକ ଜୟରାମ ପ୍ରଧାନ, ରାଜ୍ୟ ସହ ସମ୍ପାଦକ ବନମାଳୀ ପ୍ରଧାନ, ରାଜ୍ୟ କୋଷାଧ୍ୟକ୍ଷ ନରସିଂହ ପ୍ରଧାନ ଏବଂ ସମସ୍ତ ମଣ୍ଡଳ ସଭାପତି କୁମାର ପ୍ରଧାନ, ଅନନ୍ତ ପ୍ରଧାନ, କୃଷ୍ଣ ପ୍ରଧାନ, ଭାସ୍କର ପ୍ରଧାନ, ବିନାୟକ ପ୍ରଧାନ, ରାମଚନ୍ଦ୍ର ଯାନୀ, ରଙ୍କନିଧି ପ୍ରଧାନ ଉପସ୍ଥିତି ରହି ଆଲୋଚନାରେ ଭାଗ ନେଇଥିଲେ।

### ଶବଦାହ ପାଇଁ କାଠ ନ ମିଳିବାରୁ ଉତ୍ତେଜନା

ଖଜୁରିପଡ଼ା, ୧୧।୮(ବିଦୁର ବେହେରା)- ଖଜୁରିପଡ଼ା ଅଞ୍ଚଳର ଜଣେ ଯୁବକଙ୍କ ମୃତଦେହ ଦାହ କରିବାକୁ କାଠ ନ ମିଳିବାରୁ କିଛି ସମୟ ଧରି ବନ ବିଭାଗ କାର୍ଯ୍ୟାଳୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପାବେରି ଗ୍ରାମର ଆଲୋକ ବେହେରା ଖଜୁରିପଡ଼ା ବ୍ଲକ ଅଞ୍ଚଳର ଲକ୍ଷ୍ମୀ ବସ୍ ଚାଳକ ଭାବେ କାର୍ଯ୍ୟରତ ଥିଲେ। ବାରିଙ୍ଗ ବଦଲାଠାରେ ବାଇକ୍ ଦୁର୍ଘଟଣା ଘଟି ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ଦାହ ଲାଗି ଗ୍ରାମବାସୀ କାଠ ଆଣିବାକୁ ଖଜୁରିପଡ଼ା ବନ କାର୍ଯ୍ୟାଳୟକୁ ଯାଇଥିଲେ। ଗ୍ରାମବାସୀ କାଠ ମାଗିଥିଲେ ମଧ୍ୟ ବିଭାଗରୁ କାଠ ନ ମିଳିବାରୁ ସେଠାରେ କିଛି ସମୟ ପାଟିତୁଣ୍ଡ ହୋଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଗ୍ରାମବାସୀ କୁଡୁଡ଼ାରୁ କାଠ ଆଣି ଆଲୋକଙ୍କ ମୃତଦେହ ସତ୍କାର କରିଥିଲେ।

# ଛାତ୍ର, ବିଦ୍ୟାଳୟ ରାତ୍ର ଜଗୁଆଳିଙ୍କ ମୃତ୍ୟୁ

## ଦୁଇ ଦିନରେ ୨ ଅପମୃତ୍ୟୁ ମାମଲା ରୁଜୁ

ଖଜୁରିପଡ଼ା,୧୧।୮( ବିଦୁର ବେହେରା): କନ୍ଧମାଳ ଜିଲା ଖଜୁରିପଡ଼ା ଥାନାରେ ରବିବାର ଓ ସୋମବାର ୨ ଦିନରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୋମବାର ଖଜୁରିପଡ଼ା ବ୍ଲକ ଦୃତିମେଣ୍ଡି ପଞ୍ଚାୟତରେ ଥିବା ଆଦର୍ଶ ବିଦ୍ୟାଳୟର ଜଣେ ରାତ୍ର ଜଗୁଆଳି ଓ ରବିବାର ବଲସକୁମ୍ପା ପଞ୍ଚାୟତ ବାରିକୁମ୍ପା ଗ୍ରାମର ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ସୋମବାର ସକାଳ ସାଢ଼େ ୯ଟାରେ ଆଦର୍ଶ ବିଦ୍ୟାଳୟ ରାତ୍ର ଜଗୁଆଳି ବିଦ୍ୟାଧର ଷାଣ୍ଢ ଅସୁସ୍ଥ ହୋଇପଡିଥିଲେ। ଶିକ୍ଷୟିତ୍ରୀ ସୁଲୋଚନା ମଲ୍ଲିକ ଆମ୍ବୁଲାନ୍ସ ଡାକି ନ ଆସିବାରୁ ବିଦ୍ୟାଧରଙ୍କୁ ସେ ନିଜ ସ୍କୁଟିରେ ବସାଇ ଖଜୁରିପଡ଼ା ମେଡିକାଲକୁ ଆଣିଥିଲେ। ସେଠାରୁ ତାଙ୍କୁ ଡାକ୍ତର ଫୁଲବାଣୀ ମେଡିକାଲ ସ୍ଥାନାନ୍ତର କରିଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଫୁଲବାଣୀ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନଂ.୧୩/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ବଲସକୁମ୍ପା ପଞ୍ଚାୟତ ବାରିକୁମ୍ପା ଗ୍ରାମର ବାସୁଦେବ ଜାନିଙ୍କ ପୁଅ ବୈଲଚନ ଜାନି(୧୪)ସାମାନ୍ୟ ଅସୁସ୍ଥ ହୋଇଥିଲେ। ତାଙ୍କ ପେଟ ମୁଣ୍ଡ ବ୍ୟଥା ହେବାରୁ ଚିକିତ୍ସା ପାଇଁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବୈଲଚନଙ୍କ ମୃତ୍ୟୁ ହୋଇଛି। ଏ ନେଇ ଥାନାରେ ନଂ.୧୨/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବୈଲଚନ ଗାଁ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ସେ ଜଣେ ମିଷ୍ଟଭାଷୀ ଓ ମେଳାପି ଛାତ୍ର ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଦିଗାଲ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

# ସଂସ୍କୃତ ବିନା ସଂସ୍କୃତିର ବିକାଶ ଅସମ୍ଭବ



ଖଜୁରିପଡ଼ା, ୧୧।୮( ବିଦୁର ବେହେରା) ବଲସକୁମ୍ପା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ ସୋମବାର ପାଳିତ ହୋଇଯାଇଛି। ଶିକ୍ଷକ ପଣ୍ଡିତ ପଞ୍ଚାନନ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବେଲପଦର ସ୍କୁଲର ଶିକ୍ଷକ ପଣ୍ଡିତ ଡ. ଅଶୋକ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରଦୀପ ଦଳବେହେରା, ଶିକ୍ଷୟିତ୍ରୀ ବନ୍ଦନା ପଟ୍ଟନାୟକ, ମୋ ସ୍କୁଲ ଅଭିଯାନର ସଭାପତି ଭଗବାନ ଗୁରୁ, ଶିକ୍ଷକ ଚିତ୍ତରଞ୍ଜନ ବିଶ୍ୱାଳ, ଶିକ୍ଷକ ପଞ୍ଚାନନ ବେହେରା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡ. ଷଡଙ୍ଗୀ ସଂସ୍କୃତ ଭାଷା ଏବଂ ସାହିତ୍ୟର କ୍ରମବିକାଶ ଉପରେ ଆଲୋକପାତ କରି 'ସଂସ୍କୃତ ବିନା ସଂସ୍କୃତିର ବିକାଶ ଅସମ୍ଭବ' ବୋଲି କହିଥିଲେ। ସମ୍ମାନିତ ଅତିଥି ବେହେରା ଉତ୍ତମ ଶିକ୍ଷା, ସଂସ୍କାର, ସଂସ୍କୃତି ଆଧାରିତ ଶିକ୍ଷା ଦେଲେ ସଂସ୍କୃତ ଭାଷା ଆହୁରି ସମୃଦ୍ଧ ହୋଇପାରିବ ବୋଲି କହିଥିଲେ।

# ଡାକ୍ତରଖାନାରେ ଅବହେଳାରୁ ଶିଶୁ ମୃତ

## ଜିଲାପାଳଙ୍କୁ ଅଭିଯୋଗ

ଗୁମ୍ମା,୧୧।୮(ପ୍ରବୀଣ କୁମାର ଲିମା) ଗଜପତି ଜିଲା ଗୁମ୍ମା ଖ୍ରୀଷ୍ଟିଆନ ସାହିର ସ୍ନେହଜିତ ଲିମା ଓ ତାଙ୍କ ସ୍ତ୍ରୀ ଏଲିସେବା ଲିମା ପାରଳାଖେମୁଣ୍ଡିସ୍ଥିତ ଜିଲା ଚିକିତ୍ସାଳୟରେ ଅବହେଳା ଯୋଗୁ ୩ ମାସର ଶିଶୁକୁ ହରାଇଥିବା ଅଭିଯୋଗ କରିଛନ୍ତି। ଦମ୍ପତି ସୋମବାର କାଶୀନଗର ବ୍ଲକ ବୁଦୁରା ପଞ୍ଚାୟତରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏହା ଜଣାଇଛନ୍ତି। ଦମ୍ପତିଙ୍କ ୩ ମାସର ଶିଶୁ ଅସୁସ୍ଥ ଥିବାରୁ ଜିଲା ମଚଖ୍ୟ ଚିକିତ୍ସାଳୟ ଆସିଥିଲେ। ଡ଼ାକ୍ତର ଦେଖିଲା ପରେ ତାଙ୍କର ଜ୍ୱର କଫ ସହ ଇନଫେକ୍ସନ ହୋଇଛି କହି ୩ ଦିନ ଚିକିତ୍ସାଳୟରେ ରହିବାକୁ ପରାମର୍ଶ ଦେଇଥିଲେ। ତେଣୁ ଦମ୍ପତି ଶିଶୁକୁ ଗତ ୪ ତାରିଖରେ ମେଡିକାଲରେ ଭର୍ତ୍ତି କରିଥିଲେ। ଡ଼ାକ୍ତର କୌଣସି ଏକ ଇଞ୍ଜେକ୍ସନ ଦେବାରୁ କିଛି ସମୟ ପରେ ଶିଶୁଟି ଅଧିକ ବାନ୍ତି କରିଥିଲା। ପରେ ନର୍ସ ମାନଙ୍କୁ ଡକା ଯାଇଥିଲେ ମଧ୍ୟ କେହି ଆସିନଥିଲେ ବୋଲି ଶିଶୁର ବାପା ସ୍ନେହଜିତ୍ ଅଭିଯୋଗ କରିଛନ୍ତି। ପରେ ଡାକ୍ତରଙ୍କ ପାଖକୁ ନେବାରୁ ପମ୍ପିଂ କଲା ପରେ କିଛି ଜଣା ନ ପଡିବାରୁ ଆଉ ଇଞ୍ଜେକ୍ସନ ଦେଇ ତୁରନ୍ତ ମେଡିକାଲ ଷ୍ଟାପ ଆମ୍ବୁଲାନ୍ସ ଡାକି ଅପରାହ୍ନ ୪ଟାରେ ବ୍ରହ୍ମପୁର ଏମକେସିଜି ମେଡିକାଲ ନେବାକୁ କହିଲେ। ବ୍ରହ୍ମପୁର ଯିବା ପାଇଁ ଆବଶ୍ୟକ ଟଙ୍କା ଯୋଗାଡ଼ କରିବାକୁ ପରିବାର ଲୋକ କିଛି ସମୟ ଅପେକ୍ଷା କରିବାକୁ ଅନୁରୋଧ କରିଥିଲେ। ହେଲେ ମେଡିକାଲ କର୍ମଚାରୀ ସେମାନଙ୍କୁ ଯିବାକୁ ବାଧ୍ୟ କରିଥିଲେ। ଏମକେସିଜିରେ ପହଞ୍ଚିବା ପରେ ଡାକ୍ତର ସନ୍ଧ୍ୟା ସାଢ଼େ ୬ଟାରେ ଶିଶୁଟିକୁ ମୃତ ଘୋଷଣା କରିଥିଲେ। ପାରଳାଖେମୁଣ୍ଡି ମେଡିକାଲରେ ଡାକ୍ତର, ନର୍ସଙ୍କ ଅବହେଳା ଯୋଗୁ ପିଲାର ଜୀବନ ଗଲା ବୋଲି ଦମ୍ପତି ପ୍ରକାଶ କରିଛନ୍ତି।

# ୨୫୬ ଅଭିଯୋଗ ଶୁଣିଲେ ଜିଲାପାଳ



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ।

ଦାରିଙ୍ଗବାଡି,୧୧।୮(ଅରୁଣ ସାହୁ): ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଜିଲାପାଳ ବେଦଭୂଷଣ, ଏସ୍‌ପି ହରିଶ ବିଁଶି ଯୋଗଦେଇ ଯୋଗଦେଇ ଅଞ୍ଚଳର ୨୫ ପଞ୍ଚାୟବାସୀଙ୍କ ଅଭିଯୋଗ ଶୁଣିଛନ୍ତି। ସେମାନଙ୍କ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବାଲିଗୁଡା ଉପଜିଲାପାଳ ପ୍ରଣୀତା ଦାସ, ଏସଡିପିଓ ରମେନ୍ଦ୍ର ପ୍ରସାଦ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରକୁ ମୋଟ ୨୫୬ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୭୨ଟି ବ୍ୟକ୍ତିଗତ ଓ ୮୪ ସାମୁହିକ ଅଭିଯୋଗ ରହିଥିଲା। ଦାରିଙ୍ଗବାଡି ବ୍ଲକରେ ଏହି ଅଭିଯୋଗ ଶୁଣାଣି ସର୍ବାଧିକ ରେକର୍ଡ ସୃଷ୍ଟି କରିଛି। ଏହା ପୂର୍ବରୁ ୮ ବର୍ଷ ପୂର୍ବରୁ ୨୪୮ଟି ଅଭିଯୋଗର ଶୁଣାଣି ହୋଇଥିଲା ବୋଲି ପ୍ରଶାସନ କହିଛି। ଦୁର୍ଗମ ଅଞ୍ଚଳଠାରୁ ସହର ପର୍ଯ୍ୟନ୍ତ ବିଏସଏନଏଲର ନେଟୱାର୍କ ସମସ୍ୟା ସହ ଜିଓ ନେଟୱାର୍କ ସ୍ଥାପନ ପାଇଁ ଅଭିଯୋଗ ହୋଇଥିଲା। ସେହିପରି ରାସ୍ତା ସାମ୍ପ୍ରସାରଣ ଓ ମରାମତି, ଗାଁକୁ ପଞ୍ଚାୟତ ସଂଯୋଗ ପାଇଁ ପୋଲ ଓ ରାସ୍ତା ନିର୍ମାଣ, ବସୁଧା ଯୋଜନାରେ ଜଳ ଯୋଗାଣ ପାଇଁ ଅଭିଯୋଗ ହୋଇଥିଲା। ସେହିପରି ଜଙ୍ଗଲଜମି ଓ ଜମିପଟ୍ଟା ଯୋଗାଣରେ ବିଳମ୍ବ, ଗଦାପୁର, ଶିକରମାହାଏବଂ ବୁଡ଼ାଗୁଡାରେ ଡାକ୍ତର ନିୟମିତ ନ ରହିବା, ତାଲୁଙ୍ଗିଆ ପଞ୍ଚାୟତରେ ୨ ବର୍ଷ ହେଲା ବିଏସଏନଏଲ ସେବା ଅଚଳ ଓ ଏକାଧିକ ଗ୍ରାମରେ ବିଦ୍ୟୁତ ସେବା ନଥିବା ଅଭିଯୋଗ ହୋଇଥିଲା। ସେହିପରି ସିମନବାଡିରେ ପୋଲିସ ଫାଣ୍ଡିକୁ ପୁନଃ କାର୍ଯ୍ୟକ୍ଷମ କରିବା, ପୋଖରୀ ମରାମତି ଭଳି ଅଭିଯୋଗ ହୋଇଥିଲା। ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଫାଲଗୁନୀ କୁମାର, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, ସହକାରୀ ଯନ୍ତ୍ରୀ ତୁଷାର ସେଠୀ, କନିଷ୍ଠ ଯନ୍ତ୍ରୀ ଧିରେନ ସେଠୀ, କମଳ ପାତ୍ର, ବିଶ୍ୱରଞ୍ଜନ ହାତି, ସୁଶାନ୍ତ ପ୍ରଧାନ, ଏପିଓ କେଦାର ଚନ୍ଦ୍ର ପଣ୍ଡା, ଯୋଗାଣ ନିରୀକ୍ଷକ ନିହାର ବେହେରା, ଅରୁଣ ପଟ୍ଟନାୟକ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଲୋକଙ୍କ ଅଭିଯୋଗ ଶୁଣାଣି ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଲୋକେ ରେଡ କାରପେଟ ରେ ଆସି ଅଭିଯୋଗ କରୁଥିଲେ। ସେମାନଙ୍କ ବସିବା ପାଇଁ ଓ ବିଭିନ୍ନ ଅନୁସାଙ୍ଗିକ ବ୍ୟବସ୍ଥା ହୋଇଥିବା ଦେଖି ଜିଲାପାଳ ବ୍ଲକ ପ୍ରଶାସନକୁ ପ୍ରଂଶସା କରିଥିଲେ। ଅଭିଯୋଗ ଶୁଣାଣି ପରେ ଜିଲାପାଳ ଭତ୍ତା ବଣ୍ଟନ କରିଥିଲେ।

# ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି,୧୧।୮(ଗିରିଧାରୀ ପରିଚ୍ଛା) ସ୍ଥାନୀୟ ଟାଉନ୍ ହଲ୍‌ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଭକ୍ତି ନୈବେଦ୍ୟ ସାଂସ୍କୃତିକ ଅନୁଷ୍ଠାନ, ପାରଳାଖେମୁଣ୍ଡି ପକ୍ଷରୁ ମିଳିତ ଭାବେ ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୪ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ହେମେନ୍ଦ୍ର ହନାଗା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ସଦସ୍ୟ ପଣ୍ଡିତ ରଘୁନାଥ ପାତ୍ର, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ଯୋଗଦେଇ ରଘୁନାଥଙ୍କ ସଙ୍ଗୀତ କଳାକୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ନୃସିଂହ ଚରଣ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମଞ୍ଚଶିଳ୍ପୀ ଆଦର୍ଶ ଦାସ ଅତିଥି ପରିଚୟ ଦେଇଥିଲେ। ପରେ ଆକାଶବାଣୀ ଓ ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ଡ. ଚନ୍ଦନ ଗନ୍ତାୟତଙ୍କ ତତ୍ତ୍ୱାବଧାନରେ ଶର୍ମିଳା ସାମନ୍ତରା, ଆଶୁତୋଷ ମିଶ୍ର, ଅଞ୍ଜଳି ପାତ୍ର ଓ ଅମୃତା ପୁରୋହିତ ପଣ୍ଡିତ ରଘୁନାଥଙ୍କ ସଙ୍ଗୀତ ଗାନ କରିଥିଲେ। ସଙ୍ଗୀତ କାର୍ଯ୍ୟକ୍ରମ ପରେ ପଦାମୃତ ନୃତ୍ୟାୟନ ଓ ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ର ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା।


ଅତିଥିଙ୍କ ଗହଣରେ ଓଡ଼ିଶୀ ପରିବେଷଣ କରିଥିବା କଳାକାରମାନେ।

# ତଣ୍ଟି କାଟି ମହିଳାଙ୍କୁ ହତ୍ୟା

## ଏମ୍ସରେ ମୃତ୍ୟୁ ସହ ସଂଘର୍ଷ କରୁଛି ଝିଅ

ବ୍ରହ୍ମପୁର,୧୧।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମା ନଗରରେ ରବିବାର ରାତିରେ ଜଣେ ମହିଳାଙ୍କ ତଣ୍ଟି କାଟି ହତ୍ୟା କରାଯାଇଥିବା ବେଳେ ତାଙ୍କ ଝିଅକୁ ମରଣାନ୍ତକ ଆକ୍ରମଣ କରାଯାଇଛି। ମୃତ ମହିଳା ହେଲେ ଗାୟତ୍ରୀ ସ୍ୱାଇଁ (୩୦)। ୧୦ ବର୍ଷୀୟା ଝିଅ ନିଲମ ସ୍ୱାଇଁଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଏମ୍‌କେସିଜିରେ ପୋଲିସ ଗୁରୁତର ନାବାଳିକାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ସଂଗ୍ରହ କରିଛି। ଅଭିଯୁକ୍ତ ଜଣଙ୍କ ତାଙ୍କର ଜଣେ ସମ୍ପର୍କୀୟ। ସେ ରବିବାର ରାତିରେ ଘରେ ଥିଲେ ବୋଲି ନିଲମ ପୋଲିସକୁ କହିଛନ୍ତି। ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପ୍ରୟାସ କରୁଛି। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍, ସଦର ଏସ୍‌ଡିପିଓ, ଥାନାଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ବିଭିନ୍ନ ଦିଗରୁ ଛାନଭିନ କରୁଛି।

ପ୍ରକାଶ ଯେ, ଗାୟତ୍ରୀଙ୍କ ସ୍ୱାମୀ କୋରାପୁଟର ସାଧୁଚରଣ ସ୍ୱାଇଁ ଭୁବନେଶ୍ୱରରେ କାମ କରୁଥିବାରୁ ସେଠାରେ ରହୁଛନ୍ତି। ଗାୟତ୍ରୀ ଷଷ୍ଠ ଶ୍ରେଣୀରେ ପଢୁଥିବା ଝିଅ ନିଲମଙ୍କୁ ଧରି ବ୍ରହ୍ମପୁରରେ ଭଡ଼ାଘରେ ରହୁଥିଲେ। ଶନିବାର ଝିଅକୁ ଧରି ସେ ହିଞ୍ଜିଳିକାଟୁରେ ରହୁଥିବା ତାଙ୍କ ଭାଇଙ୍କୁ ରାଖୀ ବାନ୍ଧିବା ପାଇଁ ଯାଇଥିଲେ। ରବିବାର ସନ୍ଧ୍ୟାରେ ମା’, ଝିଅ ଭଡ଼ାଘରକୁ ଫେରିଥିଲେ। ସୋମବାର ଭୋର୍‌ରେ ହତ୍ୟାକାଣ୍ଡ ଘଟିଥିବା ଜଣାପଡିଥିଲା। ନିମଖଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସେଠାକାର ସିସିଟିଭି ଫୁଟେଜ୍ ଯାଞ୍ଚ ବେଳେ ଜଣେ ଯୁବକ ରବିବାର ବିଳମ୍ବିତ ରାତିରେ ସେହି ଘରୁ ବାହାରୁଥିବା ଦେଖିବାକୁ ମିଳିଛି। ସେ ଚାଲି ଚାଲି ଯାଇ ସାହି ଶେଷମୁଣ୍ଡରେ ଥିବା ଏକ ବାଇକ୍‌ରେ ପଳାଇ ଯାଇଥିବା ଜଣାପଡିଛି। ଗାୟତ୍ରୀଙ୍କ ଗଳାକାଟି ହତ୍ୟା କରିବା ପରେ ଅଭିଯୁକ୍ତ ଚିହ୍ନଟ ହୋଇଯିବା ଭୟରେ ନିଲମଙ୍କ ବେକରେ ଖଣ୍ଡା ଚୋଟ ପକାଇଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏପରିକି ଘଟଣା ଘଟାଇବା ପରେ ସେ ବାହାର ପଟୁ ତାଲା ପକାଇ ଚମ୍ପଟ ମାରିଥିବା ପୋଲିସ ସନ୍ଦେହ କରୁଛି। ଗାୟତ୍ରୀଙ୍କ ଭାଇ ଚିତ୍ରସେନଙ୍କ ଅଭିଯୋଗ ଅନୁସାରେ ପୋଲିସ ନଂ.୨୪୩/୨୫ରେ ହତ୍ୟା ମାମଲା ରୁଜୁ କରିଛି। ଲୋଚପଡା ଅଞ୍ଚଳରେ ବ୍ୟବସାୟ କରୁଥିବା ଜଣେ ଯୁବକ ଏହି କାଣ୍ଡ ଘଟାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସେ ଧରାପଡ଼ିଲେ ହତ୍ୟାର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

- ହଷ୍ଟେଲ ଛାତରୁ ପଡ଼ିଯାଇଥିବା ସନ୍ଦେହ
- ଜଣେ ଯୁବନେତାଙ୍କ ଡ୍ରାଇଭର ଥିଲେ

ଭୁବନେଶ୍ୱର, ୧୧।୮(ସତ୍ୟଜିତ୍ ରାଉତ)- ଉତ୍କଳ ବିଶ୍ୱବିଦ୍ୟାଳୟର ଫକୀର ମୋହନ ଛାତ୍ରାବାସରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ କମଳାଦେଇପୁରର ବିଶ୍ୱରଞ୍ଜନ ଯାଦବ (୩୨)। ସେ ଜଣେ ଯୁବନେତାଙ୍କ ଡ୍ରାଇଭର ଭାବେ କାମ କରୁଥିଲେ ବୋଲି ସୂଚନା ମିଳିଛି। ସୋମବାର ପାହାନ୍ତା ସମୟରେ ବିଶ୍ୱନାଥ ଛାତରୁ ପଡିଯାଇ ମୃତ୍ୟୁବରଣ କରିଥିବା ଚର୍ଚ୍ଚା ହେଉଛି। ପୋଲିସ ପ୍ରାଥମିକ ତଦନ୍ତରୁ ଏହା ସନ୍ଦେହ କରୁଥିବା ବେଳେ ଅନ୍ୟାନ୍ୟ ଦିଗକୁ ନେଇ ମଧ ତଦନ୍ତ ତ୍ୱରାନ୍ୱିତ କରିଛଇ। ବିଶ୍ୱରଞ୍ଜନଙ୍କ ଭିଣୋଇ ସତ୍ୟବ୍ରତ ନାୟକଙ୍କ ରିପୋର୍ଟ ଆଧାରରେ ଶହୀଦନଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୫/୨୦୨୫) ରୁଜୁ କରି ତଦନ୍ତ କରୁଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ବିଶ୍ୱରଞ୍ଜନଙ୍କ ମୃତଦେହକୁ ତାଙ୍କ ପିରବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବିଶ୍ୱବିଦ୍ୟାଳୟର ହଷ୍ଟେଲରୁ ଜଣେ ଅଣଛାତ୍ରଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ସେ ଛାତ ଉପରେ ଶୋଇଥିବା ବେଳେ ଅସାବଧାନତାରୁ ପଡ଼ିଗଲେ ନା ତାଙ୍କୁ କେହି ଠେଲିଦେଇଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱରଞ୍ଜନ ଭୁବନେଶ୍ୱରର ଅନ୍ୟ ସ୍ଥାନରେ ରହିବା ସହ ଅଧିକାଂଶ ସମୟରେ ବିଶ୍ୱବିଦ୍ୟାଳୟର ଫକୀର ମୋହନ ହଷ୍ଟେଲକୁ ଯାଉଥିଲେ। ହଷ୍ଟେଲର ୯୨ ନଂ. ରୁମ୍‌ରେ ରହୁଥିଲେ। ତେବେ ରବିବାର ସେ ସାଙ୍ଗମାନଙ୍କ ସହ ହଷ୍ଟେଲରେ ଭୋଜିଭାତ କରି ଖାଇଥିଲେ। ତେବେ ରାତିପ୍ରାୟ ୩ଟା ୪୫ରେ ହଷ୍ଟେଲ କେୟାର ଟେକର ଶୌଚ ସାରି ସ୍ନାନ ହୋଇ ରୁମ୍‌କୁ ଯିବା ବେଳେ ଏକ ଶବ୍ଦ ଶୁଣିଥିଲେ। ବିଶ୍ୱରଞ୍ଜନଙ୍କ ମୃତଦେହ ତଳେ ପଡିଥିବା ସେ ଦେଖିବାକୁ ପାଇ ଅନ୍ୟ ଛାତ୍ରମାନଙ୍କୁ ଜଣାଇଥିଲେ। ପରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ, ୱାର୍ଡେନ୍ ପ୍ରମୁଖ ଘଟଣାସ୍ଥଳକୁ ଆସିବା ସହ ପୋଲିସକୁ ଜଣାଯାଇଥିଲା।

## ପଥର ଖଣିରେ ଶ୍ରମିକଙ୍କ ମୃତଦେହ


ଗୁଣ୍ଡୁରାପଶି ୨ନଂ. ପଥର ଖଣିରେ ମୃତଦେହ ପଡିଛି।

ଢେଙ୍କାନାଳ,୧୧।୮(ରତନ ନାୟାର)/
ଭାପୁର (ରାଜକୁମାର ପ୍ରଧାନ)

### ହତ୍ୟା ଅଭିଯୋଗ ନେଇ ଉତ୍ତେଜନା, ରାସ୍ତା ଅବରୋଧ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦର ଥାନା ଇନ୍ଦିପୁର ନିକଟସ୍ଥ ଗୁଣ୍ଡୁରାପଶି ୨ନଂ. ପଥର ଖଣିରୁ ସୋମବାର ସକାଳେ ଜଣେ ଶ୍ରମିକ ଅକ୍ଷୟ ନାୟକ(୫୫)ଙ୍କ ମୃତଦେହ ମିଳିଥିଲା। ତାଙ୍କ ଘର ବେଶାଳିଆ ଗ୍ରାମରେ। ଖବରପାଇ ପରିବାର ସଦସ୍ୟ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଅକ୍ଷୟଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିବା ସହ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ସଦର ଥାନା ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲା। ପରେ ଖଣି ନିଲାମ ନେଇଥିବା ବ୍ୟକ୍ତିଙ୍କ ପକ୍ଷରୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ନିକଟରେ ଏକ ଜେସିବି ମେଶିନ ରହିଥିବା ବେଳେ ଗଭୀର ପଥର ଖଣିରେ ଅକ୍ଷୟଙ୍କ ମୃତ୍ୟୁ କିଭଳି ହେଲା ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଇନ୍ଦିପୁର ଅଞ୍ଚଳରେ ବହୁ ସଂଖ୍ୟାରେ ବେଆଇନ ପଥରଖଣି ରହିଥିବା ବେଳେ ସେଠାରେ ପଥର ବ୍ୟବସାୟୀଙ୍କ ପ୍ରାଦୁର୍ଭାବରେ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ କହିଛନ୍ତି, ଶ୍ରମିକଙ୍କ ମୃତଦେହ ମିଳିଥିବା ଖଣି ବେଆଇନ ନା ଆଇନ ସମ୍ମତ ତାହା ଖଣି ବିଭାଗ ଅଧିକାରୀ କହିପାରିବେ। ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଏହି ଘଟଣାକୁ ନେଇ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇପାରିନାହିଁ। ଅଭିଯୋଗ ଆସିଲେ ଏହାକୁ ଆଧାର କରି ମାମଲା ରୁଜୁ ହେବ। ତେବେ ଶ୍ରମିକଙ୍କ ମୃତଦେହ ଉଦ୍ଧାରର ୧୨ ଘଣ୍ଟାର ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ ପୋଲିସ ମାମଲା ରୁଜୁ ପାଇଁ ତତ୍ପରତା ନ ଦେଖାଇବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ପଥର ବ୍ୟବସାୟୀମାନଙ୍କ ପ୍ରତି ପ୍ରଶାସନ ଓ ପୋଲିସର ଅହେତୁକ ଅନୁକମ୍ପା ଏକପ୍ରକାର ସ୍ପଷ୍ଟ ହୋଇଥିବା ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

## ୫ ଆଇଇଡି ବୋମା ଜବତ

ମାଲକାନଗିରି, ୧୧।୮(ଦୁର୍ଯ୍ୟୋଧନ ପାତ୍ର)-ଛତିଶଗଡ଼ ନାରାୟଣପୁର ଜିଲାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ୫ ଆଇଇଡି ବୋମା ସୋମବାର ଜବତ କରାଯାଇଛି।
ସୂଚନା ଅନୁଯାୟୀ, ନାରାୟଣପୁର ଜିଲା କୁତୁଲ ଗ୍ରାମଠାରୁ ଯବାନମାନେ ସର୍ଚ୍ଚ ଅପରେଶନ ପାଇଁ ବାହାରିଥିଲେ। ଏହି ସମୟରେ ଗୋଡନାର ଗ୍ରାମ ପାଖରେ ଥିବା ଏକ ନାଳ ନିକଟରୁ ୨ କିଲୋ ଓଜନର ଦୁଇଟି ଆଇଇଡି ବୋମା ଜବତ କରାଯାଇଥିଲା। ସେହିପରି କୋଡନାର ଓ ଧୁରବେଡା ଗ୍ରାମ ପାଖ ନାଳ ନିକଟରୁ ୩ କିଲୋ ଓଜନର ଦୁଇଟି ଆଇଇଡି ବୋମା ଜବତ ହୋଇଛି। ସମସ୍ତ ବୋମାକୁ ସୁରକ୍ଷିତ ସ୍ଥଳକୁ ନେଇ ସେଠାରେ ନିଷ୍କ୍ରିୟ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।


ଜବତ ହୋଇଥିବା ଆଇଇଡି।

## ଝିଅପୁଅଙ୍କ ସମ୍ମୁଖରେ ମା’ଙ୍କ ଗଳାକାଟି ହତ୍ୟା

### ୨ ଅଭିଯୁକ୍ତ ଗିରଫ

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫତେଗଡ଼ ଥାନା ଭାପୁର ବିଟ୍ ହାଉସ୍ ଅନ୍ତର୍ଗତ ଭାପୁରରେ ଜୟନ୍ତୀ ବେହେରା(୩୬)ଙ୍କୁ ରବିବାର ରାତିରେ ଗଳାକାଟି ହତ୍ୟା କରାଯାଇଛି। ଝିଅପୁଅଙ୍କ ସମ୍ମୁଖରେ ନିଜ ଘରେ ମା’ଙ୍କୁ ହତ୍ୟା କରାଯାଇଛି। ଅଭିଯୋଗ ପାଇ ପୋଲିସ କଟକ ଜିଲା ବୈଦେଶ୍ୱର ଥାନା ଅଞ୍ଚଳର ମଉସା ଶ୍ୱଶୁର ପୁଅ ମନୋଜ କୁମାର ସାହୁ ଓ ମନୋଜଙ୍କ ସାଙ୍ଗ ରାଜାଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ନଂ. ୨୬୦/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

କରବର ଗାଁର ମହେଶ୍ୱର ବେହେରାଙ୍କ ଅଭିଯୋଗ ଅନୁସାରେ ସାନ ଝିଅ ଜୟନ୍ତୀ ଭାପୁରର ସୁରେଶ କୁମାର ବେହେରାଙ୍କୁ ବିବାହ କରିଥିଲେ। ସୁରେଶ ଜଣେ ପାଇପ ମିସ୍ତ୍ରି ଥିଲେ। ୨ ବର୍ଷ ତଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ଭାପୁର ଘରେ ନାତି ଋଷି (୬) ଓ ନାତୁଣୀ ଲିଜା (୧୧)ଙ୍କ ସହ ଝିଅ ରହୁଥିଲେ। ଭାପୁର ବାସୁଦେବପୁର ଦେବ ବିଦ୍ୟାପୀଠରେ ଜୟନ୍ତୀ ପାଚିକା ଭାବେ କାମ କରୁଥିଲେ। ତେବେ ରବିବାର ରାତିରେ


ଜୟନ୍ତୀ ବେହେରା

ଜୟନ୍ତୀଙ୍କ ଗଳାକାଟି ହତ୍ୟା ଖବର ଶୁଣିଥିଲେ। ସେଠାରେ ପହଞ୍ଚିବା ପରେ ଝିଅର ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଝିଅକୁ ବୈଦେଶ୍ୱର ଥାନା ଅଞ୍ଚଳର ମନୋଜ କୁମାର ସାହୁ ଓ ତାଙ୍କ ସାଙ୍ଗ ରାଜା ଛୁରିରେ ଗଳାକାଟି ହତ୍ୟା କରିଥିବା ନାତୁଣୀନାତିଙ୍କଠାରୁ ଜାଣିବାକୁ ପାଇଥିଲେ। ହତ୍ୟା ପରେ ଅଭିଯୁକ୍ତଦ୍ୱୟ ଘରୁ ମୋବାଇଲ ନେଇ ବାରିପଟେ ପଳାଇଯାଇଥଲେ ବୋଲି ଅଭିଯୋଗ ହୋଇଛି। ତେବେ ହତ୍ୟାର ପ୍ରକୃତ କାରଣ ଏଯାବତ ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି।

## ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ

ମୋହନା, ୧୧।୮(ମନ୍ମଥ ମିଶ୍ର)

ସ୍ତ୍ରୀଙ୍କୁ କଟୁରିରେ ହାଣି ହତ୍ୟା କରିଛନ୍ତି ସ୍ୱାମୀ । ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କୁଙ୍କୁଣୀ ଗାଁରେ । ମୃତା ହେଲେ ରେଶମା ବାଗସିଂ(୨୬) । ତେବେ ଅଭିଯୁକ୍ତ ସ୍ୱାମୀ ଅନନ୍ତ ବାଗସିଂ(୩୦)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟାରେ ବ୍ୟବହୃତ କଟୁରି ଜବତ ହୋଇଛି । ଖବରରୁ ଜଣାପଡିଛି, ରବିବାର ସନ୍ଧ୍ୟାରେ ଅନନ, ସ୍ତ୍ରୀ ରେଶମା ପିଲାଙ୍କୁ ଧରି ମୋହନାରେ ପଡ଼ିଥିବା ମୀନାବଜାର ବୁଲିବାକୁ ଯାଇଥିଲେ । ରାତି ପ୍ରାୟ ୧୦ଟାରେ ବୁଲାବୁଲି ସାରି ସେମାନେ ଘରକୁ ଫେରିଥିଲେ । ପରେ ଅନନ୍ତ ଓ ରେଶ୍‌ମାଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ଅନନ୍ତ ଏକ କଟୁରିରେ ରେଶ୍‌ମାଙ୍କ ବେକ ଓ ମୁହଁକୁ ହାଣି


ରେଶ୍‌ମା (ଫାଇଲ ଫଟୋ)

ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ବିଳମ୍ବିତ ରାତିରେ ମୋହନା ମେଡିକାଲକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରେଶ୍‌ମାଙ୍କ ବାପା ରାଧାକାନ୍ତ ନାୟକ ମୋହନା ଥାନାରେ ଅଭିଯୋଗ କରିଛନ୍ତି । ଏହାକୁ ଭିତ୍ତିକରି ନଂ. ୧୨୪/୨୫ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ପ୍ରାଥମିକ ତଦନ୍ତ ପରେ ସ୍ୱାମୀ ଅନନ୍ତଙ୍କୁ ଗିରଫ କରାଯାଇଛି। ଏହାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି ।

## ଗାଁ ଦାଣ୍ଡରେ ଜଣଙ୍କୁ ହତ୍ୟା କଲେ ଯୁବକ

ହିଞ୍ଜିଳିକାଟୁ, ୧୧।୮(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲାରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ସାମାନ୍ୟ ଘଟଣାରେ ହତ୍ୟାକାଣ୍ଡ ଘଟୁଛି। ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ରାଳବ ଗାଁ ଦାଣ୍ଡରେ ସୋମବାର ଅପରାହ୍ନରେ ଜଣଙ୍କୁ ଛୁରି ଭୁଷି ହତ୍ୟା କରାଯାଇଛି। ସେ ହେଲେ ରାଳବ ଗାଁ ଖଣ୍ଡିଆ ସାହିର ହରି ପଟ୍ଟନାୟକ (୫୨)। ଗାଁ ଦାଣ୍ଡରେ ଥିବା ମେଳା ମଣ୍ଡପ ଫ୍ୟାନ ସୁଇଚ ବନ୍ଦ ଘଟଣାକୁ କେନ୍ଦ୍ର କରି ଏପରି ଘଟଣା ଘଟିଛି। ଅଭିଯୁକ୍ତ ଅରୁଣ ଦଳାଇ (୩୪)ଙ୍କୁ ପୋଲିସ ଗିରଫ କରିଛି।

ଖବରରୁ ଜଣାପଡିଛି, ସୋମବାର ଅପରାହ୍ନରେ ଖଣ୍ଡିଆ ସାହିରେ ଥିବା ମେଳା ମଣ୍ଡପରେ ଅନ୍ୟମାନଙ୍କ ସହ ଅରୁଣ ଶୋଇଥିଲେ। ତେବେ ସେ ନିଦରୁ ଉଠିଲା ବେଳକୁ କେହି ମେଳା ମଣ୍ଡପ ସିଲିଂ ଫ୍ୟାନ ସୁଇଚ ବନ୍ଦ କରିଦେଇଥିଲେ। ଏହାକୁ ନେଇ ଅରୁଣ ସେଠାରେ ଥିବା ହରି ପଟ୍ଟନାୟକଙ୍କ ସାନପୁଅ ସାଗରଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ସାଗର ଘରେ କହିଥିଲେ। ହରି ଏ ବିଷୟରେ ଅରୁଣଙ୍କୁ ପଚାରିଥିଲେ। ଏଥିରେ ଅରୁଣ ଉତ୍ତ୍ୟକ୍ତ ହୋଇ ଘରୁ ଏକ ଛୁରି ଆଣି ହରିଙ୍କୁ ଗାଁ ଦାଣ୍ଡରେ ହତ୍ୟା କରିଥିଲେ। ହରିଙ୍କ ପେଟ ଓ ଗଳାର ବିଭିନ୍ନ ସ୍ଥାନରେ ଛୁରିରେ ଆଘାତ ପରେ ସେ ରକ୍ତ ଜୁଡୁବୁଡୁ ହୋଇ ଟଳି ପଡ଼ିଥିଲେ। ଖବର ପାଇ ହିଞ୍ଜିଳି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଅରୁଣଙ୍କୁ କାବୁ କରି ନେଇଥିଲା। ମୃତଦେହକୁ ଜବତ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ମଙ୍ଗଳବାର ସାଇଣ୍ଟିଫିକ ଫୋରେନସିକ ଟିମ୍ ଦ୍ୱାରା ତଦନ୍ତ କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯିବ ବୋଲି ପୋଲିସ କହିଛି। ଘଟଣା ନେଇ ମୃତକ ହରିଙ୍କ ଶଳା ଛବି ମହାନ୍ତି ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ହିଞ୍ଜିଳି ଥାନାରେ ନଂ. ୬୩୫/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାକୁ ନେଇ ଗାଁରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ମହିଳାଙ୍କ ଗଳା କାଟି ହତ୍ୟା ଉଦ୍ୟମ

### ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା

କୁଜଙ୍ଗ, ୧୧।୮(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ବନ୍ଧ ରେଳଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାରେ ସୋମବାର ଜଣେ ମହିଳାଙ୍କ ଗଳା କାଟି ହତ୍ୟା ଉଦ୍ୟମ ହୋଇଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଚରଦିଆ ଗ୍ରାମର ଟୁକୁନା ରାଉତଙ୍କ ଝିଅ ଭାରତୀ ରାଉତ। ସ୍ଥାନୀୟ ଲୋକେ ଓ ବାଟୋଇ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଅପରପକ୍ଷେ ଆକ୍ରମଣ କରିଥିବା ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ଶେରଗଡ଼ ଥାନା ଅନ୍ତର୍ଗତ ପାଇକସାହି ଗାଁର ରାଜେଶ ବେହେରା। ମାତ୍ର ତାଙ୍କ ସହଯୋଗୀଦ୍ୱୟ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କିଛିବର୍ଷ ପୂର୍ବେ ଭାରତୀ ଏରସମା ଥାନା ଅନ୍ତର୍ଗତ ତଣ୍ଡିଆ ଗ୍ରାମର ସୁବଳ ଖଟୁଆଙ୍କ ସାନପୁଅ ରାକେଶ ଖଟୁଆଙ୍କୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀଙ୍କ ସହ ବେଙ୍ଗାଲୁରୁ ଚାଲିଯାଇଥିଲେ। ସେଠାରେ ପଡ଼ୋଶୀ ଭାବେ ରହୁଥିବା ରାଜେଶଙ୍କ ସହ ଭାରତୀଙ୍କର ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିବା କୁହାଯାଇଛି। କିଛିଦିନ ପୂର୍ବେ ଭାରତୀଙ୍କୁ ସ୍ୱାମୀ ଆଣି ତଣ୍ଡିଆରେ ଛାଡ଼ି ବେଙ୍ଗାଲୁରୁ ଫେରିଯାଇଥିଲେ। ସୋମବାର ଭାରତୀ କୌଣସି କାରଣରୁ ପାଟପୁର ଆସିବା ସମୟରେ ରେଳଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାରେ ରାଜେଶ ଓ ତାଙ୍କ ୨ ସହଯୋଗୀ ସାକ୍ଷାତ କରିଥିଲେ। ପରସ୍ପର କଥା ହେବା ମଧ୍ୟରେ ରାଜେଶ ଏକ ଧାରୁଆ ଅସ୍ତ୍ରରେ ଭାରତୀଙ୍କ ଗଳା ଓ ବାମ ହାତ କାଟି ଦେଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ରାଜେଶଙ୍କୁ କାବୁ କରି ମାଡ଼ ମାରି ଆହତ କରିବା ସହ ପୋଲିସ ଜିମା ଦେଇଛନ୍ତି। ପରେ ରାଜେଶଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି।

ଏ ସମ୍ପର୍କରେ ଭାରତୀଙ୍କ ଶ୍ୱଶୁର ସୁବଳ ଖଟୁଆ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ, ବୋହୂ ଭାରତୀ ସୁଭଦ୍ରା ଟଙ୍କା ଆସିଛିକି ନାହିଁ ଜାଣିବା ପାଇଁ ଚଟୁଆ ଗ୍ରାମ୍ୟବ୍ୟାଙ୍କକୁ ଆସିଥିଲେ। କିନ୍ତୁ ଖବର ପାଇଲେ ଯେ, କୌଣସି ବ୍ୟକ୍ତି ପାଟପୁର ନିକଟ ଷ୍ଟେଶନ ରାସ୍ତାରେ ତାଙ୍କୁ ହାଣି ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ.୨୯୯/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## ଚୋରା ଖଣିଜ ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୧।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ନିକଟରୁ ପୋଲିସ ଏକ ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଛି। ପୋଲିସ ଗାଡ଼ି ସହ ଲୁହାପଥର ଥାନାକୁ ଆଣି ତଦନ୍ତ କରୁଛି। ଜବତ ଲୁହପଥରର ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ବାଂଶପାଣି ରେଳ ସାଇଡିଂରେ ଚଢ଼ାଉ କରିଥିଲା। ପୋଲିସ ଘଟଣାସ୍ଥଳରୁ ଲୁହାପଥର ବୋଝେଇ ଟ୍ରକ୍ (ନଂ. ଓଡି ୦୯ ଭି ୦୦୧୩)କୁ ଜବତ କରିଥିଲା। ଅନ୍ଧାରର ସୁଯୋଗ ନେଇ ଚୋରା ଖଣିଜ ବ୍ୟବସାୟୀ ସେଠାରୁ ଫେରାର ହୋଇଯାଇଥିଲେ। ଟ୍ରକ୍‌ରେ ପ୍ରାୟ ୩୦ ମେଟ୍ରିକ ଟନ୍ ଗୁଣ୍ଡ ଲୁହାପଥର ବୋଝେଇ ହୋଇଥିଲା, ଯାହାର ବଜାର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ଆକଳନ କରାଯାଇଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା (ନଂ.୨୧୫/୨୦୨୫)ରୁଜୁ ହୋଇଛି। ପ୍ରକାଶଯୋଗ୍ୟ, ଯୋଡ଼ା ଖଣି ମଣ୍ଡଳରେ ଚୋରା ଖଣି ଖନନ ଏବଂ ଚୋରା ଖଣିଜ ପରିବହନ ବହୁ ମାତ୍ରାରେ ବୃଦ୍ଧି ପାଇଛି। ଚୋରା ଖଣିଜ ଖନନ କାରବାର ନେଇ ଭିଜିଲାନ୍ସ ପକ୍ଷରୁ କୋଇଡ଼ା ଖଣି ମଣ୍ଡଳରେ ତଦନ୍ତ କରାଯାଉଛି। ତେଣୁ ଖଣିଜ ଚୋରା ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ଏବେ ଯୋଡ଼ା ଖଣି ମଣ୍ଡଳରେ ପଡ଼ିଛି। ଜଗୁଆଳି ନ ଥିବା, ଦାବିଦାର ନ ଥିବା ପ୍ରାୟ ୭୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଲୁହାପଥର ଓ ମାଙ୍ଗାନିଜ ପଥର ଯୋଡ଼ା ଖଣି ମଣ୍ଡଳର ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ପଡ଼ିରହିଛି। ଏହାକୁ ଖଣିଜ ଚୋରା ବ୍ୟବସାୟୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ବୋହି ନେଇଯାଉଥିବା ଅଭିଯୋଗ ହେଉଛି।


ଜବତ ଖଣିଜ ବୋଝେଇ ଟ୍ରକ୍।

## ସିନ୍ ରିକ୍ରିଏଶନ କଲେ ଏସ୍‌ପି

### ଛାତ୍ରୀଙ୍କୁ ବଳାତ୍କାର ଘଟଣା

ଖଇରା(ଉତ୍କଳବନ୍ଧୁ ପଣ୍ଡା)/
ସିମୁଳିଆ(ସନ୍ତୋଷ ନାୟକ), ୧୧।୮

ବାଲେଶ୍ୱର ଜିଲା ସିମୁଳିଆ ଥାନା ଖଇରା ବ୍ଲକ ଅଧୀନ ଅନ୍ତରା କେନାଲ ନିକଟରେ ରବିବାର ଅପରାହ୍ନରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିଲା। ଏହି ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ସୋମବାର ଘଟଣାସ୍ଥଳକୁ ନେଇ ଏସ୍‌ପି ରାଜ ପ୍ରସାଦ ସିନ୍ ରିକ୍ରଏଶନ କରିଛନ୍ତି। ଅଭିଯୁକ୍ତ ପ୍ରଶାନ୍ତ ସାମଲ ଘଟଣାବେଳର ସମସ୍ତ ତଥ୍ୟ ପୋଲିସ ଆଗରେ ପ୍ରକାଶ କରିଥିଲେ। ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସିମୁଳିଆ ଆଇଆଇସି ଶ୍ରବଣ କୁମାର ମହାରଣାଙ୍କ ସହ ସାଇଣ୍ଟିଫିକ ଏବଂ ଓଡ୍ରାଫ ଟିମ୍ ଏହି ସମୟରେ ଉପସ୍ଥିତ ଥିଲେ। ପୋଲିସ ତଦନ୍ତ ସମୟରେ ପାଣିରେ ଭାସୁଥିବା ଅଭିଯୁକ୍ତଙ୍କ ପ୍ୟାଣ୍ଟଶାର୍ଟକୁ ଉଦ୍ଧାର କରିଥିଲେ।


ସିନ ରିକ୍ରିଏଶନ ପାଇଁ ଅଭିଯୁକ୍ତଙ୍କୁ ପୋଲିସ ଘଟଣାସ୍ଥଳକୁ ନେଉଛି।

ଶାସକ ଦଳ ଘଟଣାକୁ ନେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ବିରୋଧୀ ବିଜେଡି ଓ କଂଗ୍ରେସ ନାରୀ ସୁରକ୍ଷା ପ୍ରଶ୍ନ ଉଠାଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ହସ୍‌ପିଟାଲରେ ପୀଡିତାଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ସେହିଭଳି ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଚିକିତ୍ସାଧୀନ ପୀଡିତାଙ୍କୁ ଭଦ୍ରକ ମେଡିକାଲରେ ଭେଟି ପରିବାରବର୍ଗଙ୍କୁ ଆଶ୍ୱାସନା ଦେଇଛନ୍ତି । ଅଭିଯୁକ୍ତଙ୍କୁ କଠୋରତମ ଦଣ୍ଡବିଧାନ, ପୀଡିତାଙ୍କୁ ଉତ୍ତମ ଚିକିତ୍ସା, ପୀଡିତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଲାଗି ଦାବି କରିଛନ୍ତି । ସେହିଭଳି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ପୀଡିତାଙ୍କୁ ଭେଟିବା ପରେ ଓଡ଼ିଶାରେ ବାରମ୍ବାର ନାରୀ ନିର୍ଯାତନାକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରବିବାର ଅପରାହ୍ନରେ ନବମଶ୍ରେଣୀ ଛାତ୍ରୀ ଜଣକ ଟ୍ୟୁଶନରୁ ଫେରୁଥିବା ବେଳେ ଜେଲଫେରନ୍ତା ପ୍ରଶାନ୍ତ ବଳପୂର୍ବକ ଛାତ୍ରୀଙ୍କୁ ଅନ୍ତରା କେନାଲ ନିକଟସ୍ଥ ବୁଦା ଆଢୁଆଳକୁ ନେଇ ବଳାତ୍କାର କରି ପଳାଇ ଯାଉଥିବା ବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଗଛରେ ବାନ୍ଧି ନିର୍ଦ୍ଧୂମ ମାଡ଼ ମାରିବା ସହ ବାଇକ୍‌କୁ ପୋଡ଼ି ଦେଇଥିଲେ। ଗ୍ରାମବାସୀଙ୍କୁ ହସ୍ତାନ୍ତର ପରେ ସିମୁଳିଆ ପୋଲିସ ଏକ ମାମଲା(ନଂ. ୩୭୮/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

# ସଚିବଙ୍କୁ ମୁଖ୍ୟ ସଚିବଙ୍କ ତାଗିଦ

## କେବେ ପୂରଣ ହେବ ମୁଖ୍ୟମନ୍ତ୍ରୀଙ୍କ ୩୧ ନିର୍ଦ୍ଦେଶନାମା

### ୭ ଦିନରେ ୩ ଚେତାବନୀ

ଭୁବନେଶ୍ୱର,୧୧।୮ (ରବିନାରାୟଣ ଜେନା)

୨୦୩୬ ମସିହା ସୁଦ୍ଧା ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଗଣିତ ହେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ପୂରଣ କରିବା ପାଇଁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ଦିନରାତି ଉଦ୍ୟମ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୩ ମାସ ମଧ୍ୟରେ ୩୧ଟି ଦିଗ ଉପରେ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସ୍ୱାସ୍ଥ୍ୟଠାରୁ ଶିକ୍ଷା ପର୍ଯ୍ୟନ୍ତ, କେଉଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କେବେ ସୁଦ୍ଧା ଶେଷହେବ ସେନେଇ 'ସମୟସୀମା' ଧାର୍ଯ୍ୟ କରିଛନ୍ତି। ସଚିବଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ଆଶା ବହୁତ ଥିଲେ ହେଁ କେତେକ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ସରକାରୀ ତଥ୍ୟରୁ ପରିଲକ୍ଷିତ ହୋଇଛି। ଏହାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କିଭଳି ତ୍ୱରିତ ତଥା ନିର୍ଦ୍ଦିଷ୍ଟ ସମୟ ଭିତରେ କାର୍ଯ୍ୟାନ୍ୱୟନ ହେବ ତାକୁ ନେଇ ସପ୍ତାହକ ମଧ୍ୟରେ ସଚିବମାନଙ୍କୁ ୩ ଥର ଅବଗତ କରାଗଲାଣି। ମୁଖ୍ୟ ସଚିବଙ୍କ ଓଏସ୍‌ଡି କଲ୍ୟାଣ କୁମାର ରଥ ଚଳିତମାସ ୪ରେ ପତ୍ର ଲେଖି ଅବଗତ କରାଇଥିବାବେଳେ ୭ରେ ଯୋଜନା ଓ ସଂଯୋଜନ ବିଭାଗ ଓଏସ୍‌ଡି ଡି.କେ. ଜେନା ପତ୍ର ଲେଖି ଅବଗତ କରାଇଥିଲେ। ସେହିପରି ସୋମବାର ଓଏସ୍‌ଡି କଲ୍ୟାଣ କୁମାର ରଥ ବ୍ୟକ୍ତିଗତ ନୋଟ୍‌ଶିଟ୍ ଲେଖି ପୁନଶ୍ଚ ସଚିବମାନଙ୍କୁ ଜଣାଇ ଦେଇଛନ୍ତି।

କଲ୍ୟାଣ କୁମାର ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ମଙ୍ଗଳବାର ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ହେଲେ ପୂର୍ବରୁ ବିଭାଗ ପକ୍ଷରୁ ୧୦ଟି ଦିଗ ଉପରେ ଆଲୋଚନା ପାଇଁ ଯେଉଁ ଅବଗତ କରାଯାଇଥିଲା, ଏବେ ତା'ର ସଂଶୋଧନ କରାଯାଇଛି। ମଙ୍ଗଳବାର ମାତ୍ର ୪ଟି ଦିଗ ଉପରେ ବିସ୍ତୃତ ଆଲୋଚନା ହେବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ରହିଛି। ସେଥିମଧ୍ୟରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଦେଇଥିବା ନିର୍ଦ୍ଦେଶନାମା କେତେଦୂର ପାଳନ ହୋଇଛି ତାହା ଉପରେ ଦର୍ଶାଇବାକୁ ରହିଛି। ଏହାବାଦ୍ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାରେ '୫ମ ମୁଖ୍ୟ ଶାସନ ସଚିବସ୍ତରୀୟ ସମ୍ମିଳନୀ' ହେବାକୁଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ। ଏହାସହ 'ମୁଖ୍ୟମନ୍ତ୍ରୀଙ୍କ ଡାସ୍‌ବୋର୍ଡ' ସମ୍ପର୍କିତ ଆଲୋଚନା ଏବଂ କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଉପରେ ମଧ୍ୟ ଆଲୋଚନା ହେବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୩ ମାସ ମଧ୍ୟରେ ପ୍ରଦାନ କରିଥିବା ୩୧ଟି ନିର୍ଦ୍ଦେଶନାମା ମଧ୍ୟରୁ ସ୍ୱାସ୍ଥ୍ୟ ବିଭାଗକୁ ସର୍ବାଧିକ ୮ଟି ନିର୍ଦ୍ଦେଶ ଦିଆଯାଇଛି। ସେଥିମଧ୍ୟରେ ଗୁଟ୍‌ଖା, ପାନମସଲା ଏବଂ ଅନ୍ୟାନ୍ୟ ମାଦକଦ୍ରବ୍ୟ ନିଷେଧ ଦିଗରେ ସ୍ୱତନ୍ତ୍ର ନିୟମ କିମ୍ବା ମାର୍ଗଦର୍ଶିକା କାର୍ଯ୍ୟକାରୀ କରିବାକୁ ମେ'୧୫ରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ଗୃହ, ଆଇନ, ଖାଦ୍ୟଯୋଗାଣ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା। ହେଲେ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ସେହିପରି ବିଭିନ୍ନ ସରକାରୀ ମେଡିକାଲ କଲେଜର ସମସ୍ୟା, ନୂତନ ମେଡିକାଲ କଲେଜର ନୂତନ ଖସଡ଼ା ପ୍ରସ୍ତୁତ ସହିତ ଯାଞ୍ଚ ପ୍ରକ୍ରିୟା, ସମସ୍ତ ଉପଖଣ୍ଡସ୍ତରୀୟ ହସ୍ପିଟାଲରେ ଫିଜିଓଥେରାପି ସେଣ୍ଟର ଖୋଲିବା ପ୍ରସଙ୍ଗ, ରୋଗୀଙ୍କୁ ତ୍ୱରିତ ଚିକିତ୍ସା ପ୍ରକ୍ରିୟାରେ ସରଳୀକରଣ, ଚିକିତ୍ସାରେ ଅତ୍ୟାଧୁନିକ ବୈଷୟିକ ପଦ୍ଧତି ପ୍ରଣୟନ, ଏମ୍‌କେସିଜି ମେଡିକାଲ ସମସ୍ୟା, ସରକାରୀ ଡାକ୍ତରଖାନାରେ 'ଡିଡିଆର୍ ଏବଂ ଡିଇଏକ୍ସଏ' ଯନ୍ତ୍ରାଂଶ ବ୍ୟବସ୍ଥା ପ୍ରଭୃତି ରହିଥିଲା। ହେଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅବଧି ପୂରଣ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇ ନ ଥିବା ଜଣାପଡ଼ିଛି। ସେହିପରି ନିର୍ମାଣ, ସାଧାରଣ ପ୍ରଶାସନ, ନଗର ଉନ୍ନୟନ, ଅବକାରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, ଉଚ୍ଚଶିକ୍ଷା, ଶିଳ୍ପ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ବ୍ୟକ୍ତିଗତ ନୋଟ୍‌ଶିଟ୍ ସଂକ୍ରାନ୍ତରେ କୌଣସି ତଥ୍ୟ ସରକାରଙ୍କ ହସ୍ତଗତ ହୋଇ ନ ଥିବା ଓଏସ୍‌ଡିଙ୍କ ପତ୍ରରୁ ଜଣାଯାଇଛି।

# ସାଙ୍ଗଙ୍କ ସହ ଟ୍ରାଫିକ କନ୍‌ଷ୍ଟେବଲ ମୃତ

## ବାଇକ୍-ପିକ୍‌ଅପ୍ ଭ୍ୟାନ ଧକ୍କା


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ବ୍ରହ୍ମପୁର,୧୧।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର-ଦିଗପହଣ୍ଡି ରାସ୍ତାର ନାରାୟଣପୁର ଛକ ନିକଟରେ ସୋମବାର ପୂର୍ବାହ୍ନରେ ଏକ ବାଇକ୍ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ମାନେ ହେଲେ ବ୍ରହ୍ମପୁର ଟ୍ରାଫିକ ଥାନାରେ କାର୍ଯ୍ୟରତ କନ୍‌ଷ୍ଟେବଲ ତଥା ବ୍ରହ୍ମପୁର ସହରରେ ରହୁଥିବା ଗଜପତି ଜିଲା ରାୟଗଡ ବ୍ଲକ ନାରଣପୁରର ଅନିଲ ନାୟକ(୩୪) ଓ ତାଙ୍କ ସାଙ୍ଗ ବ୍ରହ୍ମପୁର ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ନୀଳକଣ୍ଠନଗରର ସେଖ୍ ରହିମ୍ (୪୦)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଛି।

ପ୍ରକାଶ ଯେ, କନ୍‌ଷ୍ଟେବଲ ଅନିଲ ରବିବାର ରାତିରେ ନିଜ ଡ୍ୟୁଟି ସାରିବା ପରେ ସାଙ୍ଗ ରହିମ୍‌ଙ୍କ ସହ ନିଜ ଗ୍ରାମକୁ ଯାଇଥିଲେ। ସୋମବାର ଏକ ପଲ୍‌ସର ବାଇକ୍ ଯୋଗେ ସେମାନେ ବ୍ରହ୍ମପୁର ଫେରୁଥିଲେ। ପୂର୍ବାହ୍ନ ୧୧ଟାରେ ଉଭୟ ନାରାୟଣପୁର ଛକ ଅତିକ୍ରମ କରୁଥିବା ବେଳେ ବ୍ରହ୍ମପୁରର ଦିଗପହଣ୍ଡି ଆଡକୁ ଯାଉଥିବା ପିକ୍‌ଅପ୍ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହେବାରୁ ଉଭୟେ ରାସ୍ତାରେ ଛିଟିକି ପଡିଥିଲେ। କନଷ୍ଟେବଲ ଅନିଲଙ୍କ ଘଟଣାସ୍ଥଳରେ ମତ୍ୟୁ ହୋଇଥିବା ବେଳେ ଗୁରୁତର ରହିମ୍‌ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଓ ଏମକେସିଜି ମେଡିକାଲରେ ପହଞ୍ଚି ୨ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ନଂ. ୩୫୯/୨୫ରେ ମାମଲା ରୁଜୁ ହୋଇଛି। ପିକ୍‌ଅପ ଚାଳକ ଫେରାର ହୋଇଯାଇଥିବା ପୋଲିସ କହିଛି। ମୃତ ଅନିଲଙ୍କ ସ୍ତ୍ରୀ ମଧ୍ୟ ଟ୍ରାଫିକ ଥାନାରେ କନ୍‌ଷ୍ଟେବଲ୍ ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି।

## ଦାୟିତ୍ୱ ନେଲେ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି


ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି।

ଭୁବନେଶ୍ୱର,୧୧।୮ (ସୁଚିସ୍ମିତା ସାହୁ)

ରାଜ୍ୟରେ ନୂଆ ମହିଳା ଆୟୋଗ ଅଧ୍ୟକ୍ଷା ଭାବେ ଶୋଭନା ମହାନ୍ତି ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶୋଭନା କାର୍ଯ୍ୟାଳୟରେ ପହଞ୍ଚିବା ପରେ ଆୟୋଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ଅବସରରେ ସେ କହିଛନ୍ତି, ସମାଜରେ ମହିଳାଙ୍କ ସହ ବିଭିନ୍ନ ପ୍ରକାର ଘଟଣା, ଦୁର୍ଘଟଣା ଘଟିଯାଉଛି। ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ରୋକିବାକୁ ପ୍ରାଧାନ୍ୟ ଦିଆଯିବ। ମହିଳାଙ୍କ ସୁରକ୍ଷା ପାଇଁ ସମସ୍ତ ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରାଯିବ। ସମସ୍ତ ଘଟଣାର ତଦନ୍ତ କରି ଦୋଷୀକୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଦୋଷୀକୁ ଦଣ୍ଡ ଦେବା ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି। ସମସ୍ତ ଆଇନଗତ ନିୟମକୁ ଅନୁଧ୍ୟାନ କରିବା ସହିତ କିଭଳି ନ୍ୟାୟ ପ୍ରଦାନ କରାଯାଇପାରିବ ସେଥିପ୍ରତି ଅଧିକ ଧ୍ୟାନ ଦେବି ବୋଲି ମହିଳା ଆୟୋଗ ଅଧ୍ୟକ୍ଷା କହିଛନ୍ତି।

## ଟ୍ରେଣ୍ଡ୍ କରୁଛି ଦିଭିତା ଜୁନେଜାଙ୍କ 'ଆଇ ଲଭ୍ ମାଇ ଇଣ୍ଡିଆ'

ଭୁବନେଶ୍ୱର,୧୧।୮ (ଅନୁରାଧା ମହାରଣା)



ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ'ର ଗୀତ 'ଆଇ ଲଭ୍ ମାଇ ଇଣ୍ଡିଆ'ର ପୋଷ୍ଟର।

ସେପ୍ଟେମ୍ବର ୧୨ରେ ମୁକ୍ତିଲାଭ କରିବାକୁ ଥିବା ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ'। ଏହାର ଏକ ଗୀତ 'ଆଇ ଲଭ୍ ମାଇ ଇଣ୍ଡିଆ' ଜୀ ମ୍ୟୁଜିକ କମ୍ପାନୀ ପକ୍ଷରୁ ରିଲିଜ ହୋଇଛି। ଏହି ଗୀତରେ ଭାରତୀୟଙ୍କ ମାତୃଭୂମି ପ୍ରତି ଗଭୀର ପ୍ରେମ ଓ ସଂଯୋଗକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। କଣ୍ଠଶିଳ୍ପୀ ଜାଭେଦ ଅଲୀ ଓ ନିଖିତା ଗାନ୍ଧୀ ଏଥିରେ କଣ୍ଠଦାନ କରିଛନ୍ତି। ତନିଷ୍କ ବାଗଚୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହିଗୀତର ମୁଖ୍ୟ ଆକର୍ଷଣ ହେଉଛନ୍ତି ଚଳଚ୍ଚିତ୍ରର ମୁଖ୍ୟ ଅଭିନେତ୍ରୀ ଦିଭିତା ଜୁନେଜା। ତାଙ୍କ ଚରିତ୍ର 'ହୀର'କୁ ଦର୍ଶକଙ୍କ ସହ ଭାବନାତ୍ମକ ଭାବେ ସଂଯୋଗ କରିଛି। ଗୀତଟି ଲଣ୍ଡନର ଆଇକନିକ ସ୍ଥାନଗୁଡ଼ିକରେ ଶୁଟ୍ କରାଯାଇଛି। ନୃତ୍ୟ ନିର୍ଦ୍ଦେଶକ ଆଦିଲ ଶେଖ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଗୀତରେ ପ୍ରୀତ କାମାନୀ, ଆଶୁତୋଷ ରାଣା, ଗୁଲଶନ ଗ୍ରୋଭର, ସଞ୍ଜୟ ମିଶ୍ର, ମେଘନା ମଲ୍ଲିକ ଏବଂ ଅନ୍ତର୍ଜାତୀୟ ସ୍ତରର ଅଭିନେତା ସାରା ଲକେଟ, ଶାର୍ଲୋଟ ହାଜେଲବାଇ, ଲେଟନ ବେଷ୍ଟା ଓ ବେନ ୱାଲଟନ ଜୋନ୍ସ ଅଭିନୟ କରିଛନ୍ତି। ପୂର୍ବରୁ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରର ଆଉଏକ ଗୀତ 'ଭେ ରାଞ୍ଝନା' ଓ 'ଡୋରେ ଡୋରେ ଦିଲ୍ ପେ ତେରେ' ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରିଥିବାବେଳେ ଏବେ 'ଆଇ ଲଭ୍ ମାଇ ଇଣ୍ଡିଆ' ଗୀତର ଭିଡିଓ ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଓ ଶର୍ଟ ଭିଡିଓ ପ୍ଲାଟ୍‌ଫର୍ମରେ ଦେଶଭକ୍ତିର ବାର୍ତ୍ତା ବାଣ୍ଟୁଛି। ଉମେଶ ଶୁକ୍ଳାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ହୀର ଏକ୍ସପ୍ରେସ' ଦର୍ଶକଙ୍କ ଖୁବ୍ ମନୋରଞ୍ଜନ କରିବ ବୋଲି ଆଶା କରାଯାଉଛି।


୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ସୋମବାରଠାରୁ ଆରମ୍ଭ ହୋଇଥିବା ଅଭ୍ୟାସ ପରେଡ଼। (ଫଟୋ– ବିକାଶ ନାୟକ)

## ବାପାଝିଅଙ୍କ ମୃତ୍ୟୁ, ମା' ଗୁରୁତର

### ସ୍କୁଟିକୁ ଧକ୍କାଦେଇ ଘୋଷାରି ନେଲା ଟ୍ରକ୍

ବଡ଼ବିଲ,୧୧।୮ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ଗୁରୁଡ଼ି ଥାନା ଅନ୍ତର୍ଗତ ଏନ୍‌ଏଚ୍ ୫୨୦ର ତୋପାଡ଼ିହିଠାରେ ଏକ ଅଜଣା ଟ୍ରକ୍ ଏକ ସ୍କୁଟିକୁ ଧକ୍କା ଦେଇ ଘୋଷାରି ନେଇଛି। ଦୁର୍ଘଟଣାରେ ବାପା, ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ ଗୁରୁଡ଼ି ଥାନା ଅନ୍ତର୍ଗତ ଲୋଇଡ଼ାପଦା ଅଞ୍ଚଳର ଦିଲୀପ ସିଙ୍କୁ ଓ ତାଙ୍କ ଦୁଇବର୍ଷର ଝିଅ ଯସ୍ମିନ। ଗୁରୁତର ହେଲେ ତୁଳସୀ ସିଙ୍କୁ। ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୭ଟାରେ ଦିଲୀପ ଏକ ସ୍କୁଟି ଯୋଗେ ସ୍ତ୍ରୀ ତୁଳସୀ ଓ ଝିଅ ଯସ୍ମିନଙ୍କୁ ନେଇ ଗୁଆଲିରୁ ଲୋଇଡ଼ାପଦା ଅଭିମୁଖେ ଆସୁଥିଲେ। ତୋପାଡ଼ିହି ଛକ ନିକଟରେ ଏକ ଟ୍ରକ ତାଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇ ଘୋଷାରି ନେଇଥିଲା। ଫଳରେ ୩ଜଣଯାକ ରାସ୍ତାରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ବାପା ଦିଲୀପ ଓ ଝିଅ ଯସ୍ମିନଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍ ନେଇ ଚାଳକ ଫେରାର ହୋଇଯାଇଥିଲେ। ଖବର ପାଇ ଗୁରୁଡ଼ି ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ତୁଳସୀଙ୍କୁ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ତଦନ୍ତ କରୁଛି।
